R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୯
ତିଥି : ପ୍ରତିପଦ
୧୩ ଅଗଷ୍ଟ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 309
13 August 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ‘ସମୟ ଲାଇଭ୍’ ପକ୍ଷରୁ ପ୍ରାକ୍ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ

# ଟେକ୍ନୋଲୋଜିକୁ ଜେନ୍-ଜି ଠିକ୍ ବାଟରେ ବ୍ୟବହାର କରନ୍ତୁ

ଭୁବନେଶ୍ୱର, ୧୨।୮ (ସବ୍ୟୁ) : ଆମେ ସ୍ୱାଧୀନତା ପାଇଛେ, କିନ୍ତୁ ଅନେକ କ୍ଷେତ୍ରରେ ଏବେ ବି ପରାଧୀନ ଅଛୁ। ବାସ୍ତବରେ କାଗଜ କଲମରେ ସ୍ୱାଧୀନତା ମିଳିଛି। ସବୁଠୁ ବଡ କଥା ହେଉଛି ସ୍ୱାଧୀନତା ପାଇକି ମଧ୍ୟ ଆମେ ପରାଧୀନ ହୋଇଗଲେ। ଜେନ - ଜି ପିଢ଼ି ବା ଯୁବ ପିଢ଼ି ଏକ କାଳଖଣ୍ଡ ଯେଉଁଠି କି ଆମର ଏକ ଭାଷା ଓ ଚାଲିଚଳନ ରହିଛି। ତେବେ ଏହାର ବ୍ୟବହାରରେ କିପରି ପରିବର୍ତ୍ତନ ଆସିଲା। ଦ୍ରୁତ ଗତିରେ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ବିଶ୍ୱରେ ବିଶ୍ୱସନୀୟତା ହରାଉଛି ଚାରି ସ୍ତମ୍ଭ। ଏହି ଯୁବ ପିଢ଼ି ଭୟଭୀତ ନହୋଇ, କାହାରିକୁ ନ ଡରି ନିଜ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଆନ୍ଦୋଳନ ଯୋଗୁଁ ପ୍ରମୁଖ ଗଣମାଧ୍ୟମରୁ ଦୂରେଇ ଯାଇ ସାମାଜିକ ଗଣମାଧ୍ୟମକୁ ବହୁ ସଂଖ୍ୟାରେ ଆପଣାଇଛନ୍ତି ଯୁବ ପିଢ଼ି। ସମୟ ଲାଇଭ ପକ୍ଷରୁ ଆୟୋଜିତ ପ୍ରାକ୍ ସ୍ୱାଧୀନତା ଦିବସ ପାଳନରେ ଅତିଥିମାନେ ଏଭଳି ମତପ୍ରକାଶ କରିଛନ୍ତି।



ସମୟ ଲାଇଭ ପକ୍ଷରୁ ଆୟୋଜିତ ପ୍ରାକ୍ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ପାଳନ ଅବସରରେ ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ। ସେ କହିଥିଲେ, ଦୁଇ ଶହ ବର୍ଷ ସଂଘର୍ଷ ପରେ ଆମେ ସ୍ୱାଧୀନତା ପାଇଛେ। ଏଥିପାଇଁ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ବଳିଦାନ ଦେବାକୁ ପଡିଥିଲା। ତେବେ ଓଡିଆ ପୁଅ ଢେଙ୍କାନାଳର ବାଜି ରାଉତଙ୍କ ସାହାସକୁ ସେ ସ୍ମରଣ କରିଥିଲେ। ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ସିଦ୍ଧାନ୍ତ ମହାପାତ୍ର କହିଥିଲେ, ଏବର ଯୁବ ପିଢ଼ି ବା ଜେନ -ଜି ମାନେ ଏଭଳି କାଳଖଣ୍ଡରେ ଜନ୍ମ ହୋଇଛନ୍ତି, ଯେଉଁ ସମୟରେ ମୋବାଇଲର ବହୁଳ ବ୍ୟବହାର ହେଉଛି। ଆମ ସମୟରେ ଖବର କାଗଜ ହିଁ କେବଳ ସାଧନ ଥିଲା। ଗୋଟିଏ ଖବର ପ୍ରକାଶ ପାଇଁ ୩ ରୁ ୪ ମାସ ଲାଗୁଥିଲା। ସେହି ଖବର ପ୍ରତ୍ୟେକ ପକ୍ଷର ମତାମତ ନେଇ ଖବର ପ୍ରକାଶ ହେଉଥିଲା। କିନ୍ତୁ ମୋବାଇଲ ଟେକ୍ନୋଲୋଜି ବ୍ୟବହାର ଯୋଗୁ ବିଶ୍ୱରେ ବିଶ୍ୱସନୀୟତା ହରାଉଛି ଗଣତନ୍ତ୍ର। ଆମେ ସ୍ୱାଧୀନତା ପାଇଛୁ ସତ କିନ୍ତୁ ଏବେ ପରାଧୀନ ଅଛୁ। ଏହି ମୋବାଇଲ ସାରା ବିଶ୍ୱକୁ ତା ଭିତରେ ଆୟତ୍ତ କରିଛି। ଏହି ଟେକ୍ନୋଲୋଜି ଯୋଗୁ ଆମେ ଚିନ୍ତା କରିବା ଛାଡି ଦେଲୁଣି। ଆଜି କ'ଣ ଲେଖିବା ଟେକ୍ନୋଲୋଜି ଦ୍ୱାରା ହିଁ ସମ୍ଭବ ହେଉଛି। ତାହାର ଖରାପ ପ୍ରଭାବ ଆମ ଉପରେ ପଡୁଛି। ଆଜି ମାତୃଭାଷାର ଅବକ୍ଷୟ ହୋଇଛି। ଆମର ଲେଖା ଭିତରେ ଯୁକ୍ତାକ୍ଷର ପ୍ରୟୋଗ ଏକ ପ୍ରକାର ଆଉ ନାହିଁ। ଟିଆରପି ପାଇଁ ଯଥାର୍ଥକୁ ଆମେ ଛାଡି ଦେଲୁଣି। ଗଣତନ୍ତ୍ର ହେଉଛି ସମସ୍ତେ ଓ ପ୍ରଶାସନ ଆମ ଭିତରେ ରହିଛି। ଯୁବ ପୀଢିମାନେ ଏହାକୁ ଭୁଲିବା ଉଚିତ ନୁହେଁ।

ଏହି ଅବସରରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଶିଷ୍ଟ ସ୍ତମ୍ଭକାର ତଥା ଆଇନଜୀବୀ ପ୍ରହଲ୍ଲାଦ ସିଂ କହିଥିଲେ, ଅଗଷ୍ଟ ମାସ ହେଉଛି ବହୁ ଆନ୍ଦୋଳନର ମାସ। ଏହି ମାସରେ ସ୍ୱାଧୀନତା ପାଇବା ପାଇଁ ମହାତ୍ମା ଗାନ୍ଧୀଙ୍କ ଡାକରାରେ ବହୁ ଆନ୍ଦୋଳନ ହୋଇଛି। ଅଗଷ୍ଟ ୮ ତାରିଖରେ ଗାନ୍ଧୀ ତିଳକ ସ୍ୱରାଜ କ୍ରାନ୍ତି ଆନ୍ଦୋଳନ ପାଇଁ କର (୯ ପୃଷ୍ଠାରେ)

**ମୋବାଇଲ ସାରା ବିଶ୍ୱକୁ ତା ଭିତରେ ଆୟତ୍ତ କରିଛି : ସିଦ୍ଧାନ୍ତ ମହାପାତ୍ର**

**୯୦ କୋଟି ଲୋକ ସୋସିଆଲ ମିଡ଼ିଆ ବ୍ୟବହାର କରୁଛନ୍ତି : ସୋଫିଆ ଫିର୍ଦ୍ଦୋସ**

**ଆଜିର ପିଢ଼ି ସଂଗ୍ରାମୀଙ୍କ ବଳିଦାନକୁ ମନେରଖିବା ଉଚିତ୍ : ପ୍ରହଲ୍ଲାଦ ସିଂ**

**ଦୁଇଶହ ବର୍ଷର ସଂଘର୍ଷ ପରେ ସ୍ୱାଧୀନତା ପାଇଛେ : ଅନୀତା ମହାନ୍ତି**

---

**କ୍ୟାବିନେଟ୍‌ରେ ୬ ବିଭାଗର ୧୦ ପ୍ରସ୍ତାବ ମଞ୍ଜୁର**

## ଆଗ୍ରିଷ୍ଟାକ୍ ପଞ୍ଜୀକରଣ ସହ ପି-ପାସ୍‌ର ସମ୍ପର୍କ ନାହିଁ



- ଓଶ୍ୱାସ-୩ ଲାଗି ଟିସିଏସ୍‌କୁ ଦାୟିତ୍ୱ
- ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତିରୁ ୧୧ ହଜାର ମେଗାୱାଟ୍ କ୍ଷମତା
- ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ ଲାଗି ୧୨୪୫୮ କୋଟି
- ଯଶୋଦା, ଆଶୀର୍ବାଦ ଲାଗି ୨୯୬ କୋଟି ମଞ୍ଜୁର
- ଜଳାଶ୍ରୟ, କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପ ଲାଗି ୩୮୯ କୋଟି

ଭୁବନେଶ୍ୱର, ୧୨।୮ (ସବ୍ୟୁ) : ଆଗ୍ରିଷ୍ଟାକ୍‌ରେ ଚାଷୀମାନେ ପଞ୍ଜୀକରଣ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପି-ପାସ୍ ବ୍ୟବସ୍ଥାରେ ଧାନ କିଣା ପାଇଁ ଏହି ପଞ୍ଜୀକରଣ ଚାଲିଛି। ଆଗ୍ରିଷ୍ଟାକ୍ ପଞ୍ଜୀକରଣ ଧାନ କିଣା ପାଇଁ ହେଉଥିବା ପି-ପାସ୍ କୌଣସି ସମ୍ପର୍କ ନାହିଁ। ଏଥିଲାଗି ଧାନକିଣାକୁ ନେଇ ଚାଷୀମାନେ ବ୍ୟସ୍ତ ହେବା ଆବଶ୍ୟକ ନାହିଁ। ଆଗ୍ରିଷ୍ଟାକ୍‌ରେ ଚାଷୀର ସ୍ଥିତି ସମ୍ପର୍କରେ ସୂଚନା ରହୁଛି। ପି-ପାସ୍ ବ୍ୟବସ୍ଥା ଚଳିତ ବର୍ଷ ପୂର୍ବ ବର୍ଷ ଭଳି ଚାଲିବ ବୋଲି ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ଉପରୋକ୍ତ ନିଷ୍ପତ୍ତି ସମେତ ରାଜ୍ୟ କ୍ୟାବିନେଟ୍ ୬ ବିଭାଗର ୧୦ ପ୍ରସ୍ତାବକୁ ଅନୁମୋଦନ କରିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ଅନୁ ଗର୍ଗ ସୂଚନା ଦେଇଥିଲେ। (୯ ପୃଷ୍ଠାରେ)

---

## ବିରୋଧୀ ପ୍ରସ୍ତାବ ଦିଅନ୍ତୁ, ଆଲୋଚନା ଲାଗି ପ୍ରସ୍ତୁତ : ଶାହା

**ଭାଷଣ ଶୁଣିବାକୁ କାହାର ଇଚ୍ଛା ନାହିଁ : ରାହୁଲ**

ନୂଆଦିଲ୍ଲୀ,୧୨।୮: ମୌସୁମୀ ଅଧିବେଶନ ଆସନ୍ତାକାଲି ଶେଷ ହେବ। ତେବେ ଅଧିବେଶନ ଅବଧି ମଧ୍ୟରେ ଗୋଟିଏ ଦିନ ବି ସୁରୁଖୁରୁରେ ଚାଲିପାରି ନାହିଁ। ଯନ୍ତରମନ୍ତରରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ବିରୋଧୀ ଦଳଗୁଡ଼ିକ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିବୃତ୍ତି ଦାବି କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ଆଜି ମଧ୍ୟ ଅଧିବେଶନ ଚାଲିପାରି ନାହିଁ। ଆସନ୍ତାକାଲି ଯାଏଁ ଗୃହକୁ ମୁଲତବୀ କରାଯାଇଛି।

ତେବେ ସଂସଦ ଭବନ ପରିସରରେ ଅମିତ ଶାହା ଗଣମାଧ୍ୟମକୁ କହିଥିଲେ ଯେ ଛାତ୍ରମାନଙ୍କ ଆନ୍ଦୋଳନ ସମେତ ସମସ୍ତ ପ୍ରସଙ୍ଗ ଉପରେ ସଂସଦରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ। ବିରୋଧୀ ଦଳଗୁଡ଼ିକ ଗୃହକୁ ସ୍ୱାଭାବିକ କରନ୍ତୁ। ବାଚସ୍ପତିଙ୍କ ନିକଟରେ ଆଜି ଅପରାହ୍ଣ ୨ଟାରେ ନୋଟିସ ଦାଖଲ କରନ୍ତୁ। ଅପରାହ୍ଣ ୩ଟାରୁ ଆସନ୍ତାକାଲି ପର୍ଯ୍ୟନ୍ତ ଆଲୋଚନା ହେଉ। ଶାହାଙ୍କ ସର୍ତ୍ତ ଉପରେ (୯ ପୃଷ୍ଠାରେ)

---

## ଗୁରୁଣ୍ଡିଆ ସିଏଚ୍‌ସିର ପୂର୍ବ ଡାକ୍ତର ବହିଷ୍କୃତ

ଭୁବନେଶ୍ୱର, ୧୨।୮ (ସବ୍ୟୁ) : ଦୁର୍ନୀତି ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ସି.ଏଚ୍.ସି'ର ପୂର୍ବତନ ମେଡ଼ିକାଲ ଅଫିସର ଡାକ୍ତର ପତିତପାବନ ବାରିକଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ଡାକ୍ତର ବାରିକ ବର୍ତ୍ତମାନ ଗଜପତି ଜିଲ୍ଲା ଗୁରାଣ୍ଡି ସି.ଏଚ୍.ସି'ରେ କାର୍ଯ୍ୟରତ ଅଛନ୍ତି।

ସୂଚନାଯୋଗ୍ୟ ଯେ, ଡାକ୍ତର ବାରିକ ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆରେ କାର୍ଯ୍ୟରତ ଥିବା ସମୟରେ ଦୁର୍ନୀତି (୯ ପୃଷ୍ଠାରେ)


---

## ଲଘୁଚାପ ପ୍ରଭାବରେ କମ୍ ବର୍ଷା

**ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳରେ ପ୍ରବେଶ**

ଭୁବନେଶ୍ୱର, ୧୨।୮ (ସବ୍ୟୁ): ଉତ୍ତର ବଙ୍ଗୋପସାଗରର ପଶ୍ଚିମବଙ୍ଗ ଏବଂ ପାଶ୍ୱର୍ବର୍ତ୍ତୀ ବାଂଲାଦେଶ ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ସ୍ପଷ୍ଟ ଚିହ୍ନିତ ଲଘୁଚାପର ରୂପ ନେଇସାରିଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବ। ତେବେ ଓଡ଼ିଶାରେ ଲଘୁଚାପ ପ୍ରଭାବରେ କମ୍ ବର୍ଷାର ସମ୍ଭାବନା ଅଛି।

ପାଣିପାଗ ବିଜ୍ଞାନୀଙ୍କ କହିବାନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ଭାବ୍ୟ ଅବପାତଟି ଉତ୍ତର-ପଶ୍ଚିମ ଦିଗରେ ଗତି କରି ପଶ୍ଚିମବଙ୍ଗ ଏବଂ ଏହାର ସଂଲଗ୍ନ ବାଂଲଶଦେଶ ଉପକୂଳ ମଧ୍ୟରେ ପ୍ରବେଶ କରିବ। ସୁନ୍ଦରବନରୁ ଶୁଷ୍କ ପବନ ଟାଣିବା ସହ ବାଦଲର ବିଖଣ୍ଡିତ (୯ ପୃଷ୍ଠାରେ)



## ଇତିହାସ

୧୬୪୫- ସ୍ୱିଡେନ୍ ଏବଂ ଡେନ୍‌ମାର୍କ ମଧ୍ୟରେ ଶାନ୍ତି ଚୁକ୍ତି ।
୧୭୮୪- ଭାରତରେ ପ୍ରଶାସନିକ ସୁଧାର ପାଇଁ ବ୍ରିଟିଶ ସଂସଦରେ ପିଟ୍ସ ଇଣ୍ଡିଆ ବିଲ୍ ଜାରି ।
୧୭୯୫- ଭାରତର ବୀରାଙ୍ଗନା **ଅହିଲ୍ୟାବାଇ** ହୋଲକରଙ୍କ ଦେହାନ୍ତ ।
୧୮୧୪- ଦାସପ୍ରଥା ସମାପ୍ତ ପାଇଁ ବ୍ରିଟେନ୍ ଏବଂ ହଲାଣ୍ଡ ମଧ୍ୟରେ ଚୁକ୍ତି ।
୧୮୬୩- ପ୍ରସିଦ୍ଧ ରାଜନୀତିଜ୍ଞ ଗଙ୍ଗାପ୍ରସାଦ ବର୍ମାଙ୍କ ଜନ୍ମ ।
୧୮୮୭- ପ୍ରସିଦ୍ଧ ଭାରତୀୟ କ୍ରାନ୍ତିକାରୀ ନରେନ୍ଦ୍ର ମୋହନ ସେନ୍‌ଙ୍କ ଜନ୍ମ ।
୧୯୧୦- ଆଧୁନିକ ନର୍ସିଂ ଆନ୍ଦୋଳନର ଜନ୍ମଦାତା ଫ୍ଲୋରେନ୍ସ ନାଇଟ୍‌ଆଙ୍ଗେଲ୍‌ଙ୍କ ଦେହାନ୍ତ ।
୧୯୧୩- ଇଂଲଣ୍ଡର ହ୍ୟାରୀ ବ୍ରେଅର୍ଲି ଶେଫାର୍ଡ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଆବିଷ୍କାର କଲେ ।
୧୯୩୬- ପ୍ରସିଦ୍ଧ ଭାରତୀୟ ଅଭିନେତ୍ରୀ ବୈଜୟନ୍ତିମାଳାଙ୍କ ଜନ୍ମ ।
୧୯୫୧- ଭାରତରେ ନିର୍ମିତ ପ୍ରଥମ ବିମାନ ହିନ୍ଦୁସ୍ତାନ ଟ୍ରେନର ୨ ପ୍ରଥମକରି ଉଡାଣ ଭରିଲା ।
୧୯୫୬- ଲୋକସଭାରେ ଜାତୀୟ ରାଜପଥ ବିଲ୍ ପାରିତ ।
୨୦୦୮- ବିଶ୍ୱର ପ୍ରମୁଖ ଇସ୍ପାତ କମ୍ପାନୀ ଟାଟା ଷ୍ଟିଲ୍ ଭିଏତନାମର ଦୁଇ କମ୍ପାନୀ ସହିତ ଚୁକ୍ତି କଲା ।
୨୦୦୮- ଦେଶରେ ମଲଟି ବ୍ୟାରେଲ୍ ରକେଟ୍ ଲଞ୍ଚର୍ ଅସ୍ତ୍ରପ୍ରଣାଳୀ ପିନାକ୍‌ର ସଫଳ ପରୀକ୍ଷଣ ।

## ବିଶ୍ୱ ଅଙ୍ଗଦାନ ଦିବସ

ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖରେ ସାରା ବିଶ୍ୱରେ 'ବିଶ୍ୱ ଅଙ୍ଗଦାନ ଦିବସ' ପାଳନ କରାଯାଇ ମାନବସେବାର ଶ୍ରେଷ୍ଠ ମହାନତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଏ । ଜଣେ ବ୍ୟକ୍ତିଙ୍କ ଅଙ୍ଗଦାନ ସବୁବେଳେ ଆଉ ଜଣଙ୍କୁ ନୂଆ ଜୀବନ ଦେଇଥାଏ । ଏହି ବାର୍ତ୍ତା ପ୍ରସାର କରିବା ଏହି ବିଶେଷ ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଚିକିତ୍ସା ବିଜ୍ଞାନ ଅନୁଯାୟୀ, ମସ୍ତିଷ୍କ ମୃତ୍ୟୁ ବା ବ୍ରେନ ଡେଡ୍ ଘଟିଥିବା କିମ୍ବା ସ୍ୱାଭାବିକ ମୃତ୍ୟୁ ବରଣ କରିଥିବା ଜଣେ ଦାତାଙ୍କ ଅଙ୍ଗ ଯେପରିକି ହୃତପିଣ୍ଡ, କିଡନୀ, ଯକୃତ, ଫୁସଫୁସ, ଆଖି ଓ ତ୍ୱଚା ଅନ୍ୟୁନ ୮ ଜଣ ଆବଶ୍ୟକତା ଥିବା ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ । କିନ୍ତୁ ଭ୍ରାନ୍ତ ଧାରଣା, ଅଜ୍ଞାନତା ଏବଂ ସାମାଜିକ କୁସଂସ୍କାର ଯୋଗୁଁ ଆଜି ବି ଅନେକ ଲୋକ ଅଙ୍ଗଦାନ କରିବାକୁ ସଙ୍କୋଚବୋଧ କରନ୍ତି । ଯାହା ଫଳରେ ହଜାର ହଜାର ରୋଗୀ ଅଙ୍ଗ ଅଭାବରୁ ପ୍ରାଣ ହରାଉଛନ୍ତି । ଏହି ପରିପ୍ରେକ୍ଷୀରେ, ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନ ଓ ସାମାଜିକ ସଂଗଠନ ପକ୍ଷରୁ ସଚେତନତା ଶୋଭାଯାତ୍ରା, କର୍ମଶାଳା ଏବଂ ସଙ୍କଳ୍ପ ଶିବିରମାନ ଆୟୋଜିତ ହୋଇଥାଏ । ସମାଜର ପ୍ରତ୍ୟେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଅଙ୍ଗଦାନ ପାଇଁ ଆଗେଇ ଆସି ଏହି ମହତ ଅଭିଯାନର ଅଂଶବିଶେଷ ହେବା ଆଜିର ସମୟରେ ଅତ୍ୟନ୍ତ ଜରୁରୀବୋଲି ଏହି ଦିବସରେ ମତ ଦିଆଯାଇଥାଏ ।



## ସୋସିଆଲ କୋଟ୍ସ



ସେ ମୋ ପାଇଁ ଜୀବନର ସବୁକିଛି ଥିଲେ । ବର୍ତ୍ତମାନ ଜୀବନରେ ଏକ ଖାଲି ପଣ ଆସିଯାଇଛି, ଯାହା ଜୀବନସାରା ସାଥିରେ ରହିବ । ତାଙ୍କ ସ୍ମୃତି ସାହାରାରେ ଜୀବନ ବ୍ୟତିତ କରିବି ।

**ହେମା ମାଳିନୀ, ଅଭିନେତ୍ରୀ**



କ୍ୟାରିୟରରେ ଅନେକ ସଂଘର୍ଷ କରିଛି । ଅଡିସନ ପାଇଁ ଯିବା ସମୟରେ ମୋ ପାଖେ ପୋଷାକ ମଧ୍ୟ ନଥିଲା, ମୁଁ ଭଡାରେ ଆଣୁଥିଲି ।

**ରସିକା ଦୁଗଲ, ଅଭିନେତ୍ରୀ**



ମୁଁ ନିଜ ଦେଶରେ କେବେ ବି ଅସୁରକ୍ଷିତ ଅନୁଭବ କରି ନାହିଁ । ମୁମ୍ବାଇ ପୋଲିସ ଠାରୁ କେହି ବି ଭଲ ସୁରକ୍ଷା ଦେବେ ନାହିଁ ।

**କପିଲ ଶର୍ମା, ଅଭିନେତା**

## ମାରାଥନ ଦୌଡ଼ରେ ଗିନିଜ ରେକର୍ଡ




ଚୀନ୍‌ର ୪୧ ବର୍ଷୀୟ ଲି ଶୁଆଙ୍ଗଯୋଙ୍ଗ ନିଜର ଛାଡ଼ପତ୍ର ଏବଂ ବ୍ୟବସାୟ ବନ୍ଦ ହେବା ପରେ ମାନସିକ ସନ୍ତୁଳନ ଫେରାଇ ଆଣିବା ପାଇଁ ଦୌଡ଼ିବା ଆରମ୍ଭ କରିଥିଲେ । ତେବେ ମାନସିକ ସନ୍ତୁଳନ ପାଇଁ ଆରମ୍ଭ ହୋଇଥିବା ଏହି ଦୌଡ ବର୍ତ୍ତମାନ ତାଙ୍କୁ ରେକର୍ଡରେ ସାମିଲ କରିଛି । ବର୍ତ୍ତମାନ ସେ କ୍ରମାଗତ ୩୭୨ ଦିନ ଧରି ପ୍ରତିଦିନ ମାରାଥନ ଦୌଡ଼ି ଏକ ନୂଆ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି । ଏହି ସମୟ ମଧ୍ୟରେ ସେ ୧୫ ହଜାର କିଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରିସାରିଛନ୍ତି । ଏପରିକି ସେ ବ୍ରାଜିଲର ଧାବକ ହ୍ୟୁଗୋ ଫାରିୟାସଙ୍କ ୩୬୬ ଦିନର ପୁରୁଣ ରେକର୍ଡକୁ ମଧ୍ୟ ଭାଙ୍ଗିଛନ୍ତି । ପ୍ରତିଦିନ ୪୨.୧୯୫ କିଲୋମିଟର ଦୌଡୁଥିବା ଲି ଚୀନ୍‌ର ୩୦୦ରୁ ଅଧିକ ସହର ଅତିକ୍ରମ କରିସାରିଛନ୍ତି । ଯେଉଁଠାରେ ସେ ପ୍ରତି ସନ୍ଧ୍ୟାରେ ନୂଆ ସ୍ଥାନରେ ହୋଟେଲରେ ରୁହନ୍ତି ଏବଂ ସକାଳେ ଦୌଡ଼ ସମ୍ପୂର୍ଣ୍ଣ କରନ୍ତି । ଗୋଡ଼ରେ ଯନ୍ତ୍ରଣାଦାୟକ କର୍ନ ହୋଇଥିବା ସତ୍ତ୍ୱେ ସେ ଦୌଡ଼ିବା ଜାରି ରଖିଥିଲେ; ପୂର୍ବରୁ ୧,୦୦୦ ଦିନ ଧରି ପ୍ରତିଦିନ ୧୦୦ ପୁସ୍-ଅପ୍, ୧୦୦ ସିଟ୍-ଅପ୍, ୧୦୦ ସ୍କ୍ୱାଟ୍ସ ଏବଂ ୧୦ କିମି ଦୌଡ଼ିବାର ରେକର୍ଡ କରିଥିବା ଲି' ଙ୍କର ବର୍ତ୍ତମାନର ଲକ୍ଷ୍ୟ ହେଉଛି ଏହି ଦୌଡ଼ିବା ପ୍ରକ୍ରିୟାକୁ କ୍ରମାଗତ ୫୨୦ ଦିନ ପର୍ଯ୍ୟନ୍ତ ଜାରି ରଖିବା ।

## ପୋଷାକ ସଫା କରିବାକୁ ୯୦ଲକ୍ଷ ଦରମା

ବ୍ରିଟେନର ବିଳାସପୂର୍ଣ୍ଣ ପତ୍ରିକା 'ଦି ଲେଡି'ରେ ପ୍ରକାଶିତ ଏକ ନିଯୁକ୍ତି ବିଜ୍ଞାପନ ଅନୁଯାୟୀ, ଜଣେ ଆନ୍ତର୍ଜାତୀୟ ବ୍ୟବସାୟୀ ତଥା ରେସିଂ ଡ୍ରାଇଭର ତାଙ୍କ ସହାୟକଙ୍କୁ ବାର୍ଷିକ ୯୦ ଲକ୍ଷ ଟଙ୍କାର ଦରମା ଦେବାକୁ ପ୍ରସ୍ତାବ ଦେଇଛନ୍ତି । ଯାହା ଶୁଣି ଲୋକେ ଆଶ୍ଚର୍ଯ୍ୟ ଚକିତ ହୋଇଛନ୍ତି । ଏହି ଚାକିରିରେ ନିଯୁକ୍ତ ବ୍ୟକ୍ତିଙ୍କୁ ମାଲିକଙ୍କ ଡିଜାଇନର ପ୍ୟାଣ୍ଟ ଓ ଅନ୍ୟାନ୍ୟ ପୋଷାକ ଧୋଇବା, ଇସ୍ତ୍ରୀ କରିବା, ତାଙ୍କର ବିଳାସପୂର୍ଣ୍ଣ କାର ଚଲାଇବା, ଜିନିଷପତ୍ର ପ୍ୟାକ୍ ଓ ଅନପ୍ୟାକ୍ କରିବା, ପାର୍ଟିଗୁଡ଼ିକରେ ଖାଦ୍ୟପେୟ ପରିବେଷଣ କରିବା ସହ ଘରର ଦେଖାରେଖା କରିବାକୁ ପଡ଼ିବ । ଲଣ୍ଡନର ମେଫେୟାର ଅଞ୍ଚଳରେ ରହିଥିବା ଏହି ନିଯୁକ୍ତିରେ ମାଲିକ ବର୍ଷକୁ ମାତ୍ର ୯୦ ଦିନ ଲଣ୍ଡନରେ ରହୁଥିବା ବେଳେ ବାକି ସମୟ ବିଶ୍ୱର ବିଭିନ୍ନ ସ୍ଥାନ ଭ୍ରମଣ କରୁଥିବାରୁ, କର୍ମଚାରୀଙ୍କୁ ମଧ୍ୟ ତାଙ୍କ ସହିତ ବିଦେଶ ଯାତ୍ରା କରିବାକୁ ପଡ଼ିବ । ତେବେ ଏହି ଚାକିରିକୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ହେଉଥିବାର ଦେଖିବାକୁ ମିଳୁଛି ।






## ପରମ୍ପରାପ୍ରିୟ ପ୍ରିୟଙ୍କା



ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ସେ ସିଦ୍ଧି ବିନାୟକ ମନ୍ଦିରରେ ଦର୍ଶନ କରୁଥିବାର ନଜର ଆସିଛନ୍ତି, ଯାହାପରେ ଫ୍ୟାନମାନେ ତାଙ୍କୁ ପରମ୍ପରା ପ୍ରିୟ ବୋଲି ଆଖ୍ୟା ଦେଇଛନ୍ତି । ଏହା ପୂର୍ବରୁ ମଧ୍ୟ ସୋସିଆଲ ମିଡିଆରେ ସେ ନିଜ ଝିଅ ମାଲତୀ ମେରୀଙ୍କୁ ଦୁର୍ଗା ସପ୍ତଶତୀ ମନ୍ତ୍ର ଶିଖାଉଥିବାର ଏକ ଭାବପୂର୍ଣ୍ଣ ଭିଡିଓ ଭାଇରାଲ ହୋଇଥିଲା । ତେବେ ସୂଚନା ଅନୁସାରେ ତାଙ୍କର ଆଗାମୀ ଭାରତୀୟ ଚଳଚ୍ଚିତ୍ର 'ବାରାଣସୀ'ର ସୁଟିଂ ପାଇଁ ମୁମ୍ବାଇରେ ପହଞ୍ଚିବାପରେ ସେ ସିଦ୍ଧିବିନାୟକ ମନ୍ଦିର ଦର୍ଶନ କରିଥିଲେ । ଏପରିକି ସେ ମନ୍ଦିର ପରିସର ବାହାରେ ମଧ୍ୟ ଖାଲି ପାଦରେ ଚାଲୁଥିବାର ନଜର ଆସିଥିଲେ । ନିର୍ଦ୍ଦେଶକ ଏସ.ଏସ. ରାଜାମୌଳିଙ୍କ ଏହି ବହୁପ୍ରତୀକ୍ଷିତ ଆକ୍ସନ - ଆଡଭେଞ୍ଚର ଫିଲ୍ମ ମାଧ୍ୟମରେ ସେ ଦୀର୍ଘ ଦିନ ପରେ ଭାରତୀୟ ସିନେମାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ଏଥିରେ ସାଉଥ୍ ଷ୍ଟାର୍ ମହେଶ ବାବୁ ('ରୁଦ୍ର' ଭୂମିକାରେ) ଏବଂ ପୃଥ୍ୱୀରାଜ ସୁକୁମାରନ୍ (ଖଳନାୟକ ଭୂମିକାରେ) ମୁଖ୍ୟ ଭୂମିକାରେ ଅଛନ୍ତି । ଏହି ଫିଲ୍ମରେ ଜଣେ ଇତିହାସକାର ଓ କୁଶଳୀ ନିଶାଣବାଜ 'ମନ୍ଦାକିନୀ' ଚରିତ୍ରରେ ଅଭିନୟ କରୁଛନ୍ତି, ଯାହାର କାହାଣୀ ଏକ ପ୍ରାଚୀନ ମହାଜାଗତିକ କଳାକୃତିର ସନ୍ଧାନରେ ଆଫ୍ରିକା, ଆଣ୍ଟାର୍କଟିକା ଓ ଇଉରୋପ ପର୍ଯ୍ୟନ୍ତ ଗତିଶୀଳ ହେବ ଏବଂ ଏହା ୭ ଏପ୍ରିଲ ୨୦୨୭ରେ ପ୍ରେକ୍ଷାଳୟକୁ ଆସିବ । ମୁମ୍ବାଇ ପରେ ହାଇଦ୍ରାବାଦ ସୁଟିଂ ପାଇଁ ପ୍ରସ୍ତୁତ ହେଉଥିବା ପ୍ରିୟଙ୍କାଙ୍କ ହାତରେ ହଲିଉଡର ସାଇନ୍ସ-ଫିକସନ୍ ଥ୍ରିଲର 'ବ୍ଲୁଫ୍ଲାଇ' ପରି ବଡ଼ ପ୍ରୋଜେକ୍ଟ ମଧ୍ୟ ରହିଛି ।

## ତରଭୁଜ ଜାକି ଶୋଉଛନ୍ତି ଲୋକ

ଚୀନ୍‌ରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବା ପାଇଁ ଲୋକେ ରାତିରେ ତରଭୂଜକୁ କୋଳେଇ ଶୋଉଥିବା ଏକ ଅଜବ ପ୍ରଥା ଦେଖିବାକୁ ମିଳୁଛି । ଏହି ପନିପରିବାରେ ପ୍ରାୟ ୯୫ ପ୍ରତିଶତ ଜଳୀୟ ଅଂଶ ଥିବାରୁ ଏହାକୁ ଶରୀରରେ ଲଗାଇ ଶୋଇବା ଦ୍ୱାରା ଥଣ୍ଡା ଅନୁଭୂତ ହୋଇଥାଏ ବୋଲି ଲୋକମାନେ ମତ ଦେଉଛନ୍ତି । ଏହି ଅଭ୍ୟାସ ଦ୍ୱାରା ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । କ୍ରମାଗତ ଅନେକ ରାତି ଧରି ଏହାକୁ ଶରୀର ସହ ଲଗାଇ ଶୋଇବା ଦ୍ୱାରା ଏହାର ବାହାରେ ଥିବା ମହମ ଭଳି ପ୍ରାକୃତିକ ସୁରକ୍ଷା ପରସ୍ତ ନଷ୍ଟ ହୋଇଯାଉଛି । ଯାହା ଫଳରେ ସୂକ୍ଷ୍ମଜୀବ ଅଭ୍ୟନ୍ତରକୁ ପ୍ରବେଶ କରି ଏଥିରେ ଥିବା ଶର୍କରାକୁ ସଡ଼ାଇ ଦେଉଛନ୍ତି । ଏହି ସଡ଼ନ ପ୍ରକ୍ରିୟାରୁ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ ସୃଷ୍ଟି ହୋଇ ଭିତରେ ଚାପ ବଢ଼ିବା ଯୋଗୁଁ ତରଭୁଜଟି ଅଚାନକ ଫାଟିଯାଉଛି, ଯାହା ଦ୍ୱାରା ସଡ଼ା ମଞ୍ଜା ଓ ଦୁର୍ଗନ୍ଧଯୁକ୍ତ ପାଣି ବିଛଣା ଓ ଚଟାଣକୁ ନଷ୍ଟ କରୁଛି । ସେହିଭଳି ବିଶେଷଜ୍ଞମାନେ ସଚେତନ କରାଇଛନ୍ତି ଯେ ଏହା ଶରୀରର ଉତ୍ତାପ ଶୋଷି ନେଇ କିଛି ସମୟ ପାଇଁ ଆରାମ ଦେଉଥିଲେ ବି ଏଭଳି ବାରମ୍ବାର କରିବା ଦ୍ୱାରା ଏହା ସଡ଼ି ଫାଟିବାର ବଡ଼ ବିପଦ ରହିଛି ।



## ରାଶିଫଳ



**ମେଷ:** ପ୍ରୀତିହାନି, ନୂତନ କାର୍ଯ୍ୟରେ ସମସ୍ୟା, ପାରିବାରିକ ଖୁସି, ବନ୍ଧୁଲାଭ, ସ୍ୱାଦିଷ୍ଟ ଭୋଜନ, ଉଚ୍ଚକାର୍ଯ୍ୟପାଇଁ ଦୂରଯାତ୍ରା, ଭ୍ରମଣଖୁସି, ସମ୍ପତ୍ତିବିବାଦ, କର୍ମକ୍ଷେତ୍ରେ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ, ସନ୍ତାନଲାଭ, ବିଦ୍ୟାରେ ସଫଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୫, ଆରାଧନା-ମା' ମହାଲକ୍ଷ୍ମୀ ।

**ବୃଷ:** ଯାତ୍ରାରେ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପଲାଭ, ଅର୍ଥକଷ୍ଟ, ଦ୍ରବ୍ୟପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ମାନଲାଭ, ପୁରାତନ ବିବାଦ, ସନ୍ତାନସମସ୍ୟା, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା-ଶଙ୍କର ଭଗବାନ ।

**ମିଥୁନ:** କାର୍ଯ୍ୟରେ ସଫଳ, ସମ୍ପତ୍ତିଲାଭ, ଶୁଭଖବର, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ଦେବଦର୍ଶନ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସଫଳ, ବ୍ୟବସାୟିକ ଲାଭ, ବନ୍ଧୁଦର୍ଶନ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ବ୍ୟବସାୟରେ ସନ୍ତୁଷ୍ଟ, ନୂତନ କର୍ମଆରମ୍ଭ, ବନ୍ଧୁଗୃହକୁ ଯାତ୍ରା, ଅନୁଷ୍ଠାନରୁ ଲାଭ, ଶତ୍ରୁସମସ୍ୟା, ବ୍ୟକ୍ତିସାହାଯ୍ୟ, ହେବାକାର୍ଯ୍ୟ ବିଳମ୍ବ, ମାନସିକ ଅବସାଦ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ମା' ଭୁବନେଶ୍ୱରୀ ।

**ସିଂହ:** ମାନସିକଶାନ୍ତି, ସମ୍ମାନପ୍ରାପ୍ତି, ଲୋକସମ୍ପର୍କରେ ଉନ୍ନତି, ଦେବଦର୍ଶନ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସମ୍ମାନ, ବିଦ୍ୟାରେ ସଫଳ, ଅନୁଷ୍ଠାନରୁ ଲାଭ, ଖୁସିଖବର, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

**କନ୍ୟା:** ଅଯଥାଖର୍ଚ୍ଚ, ଶତ୍ରୁସମସ୍ୟା, ଭ୍ରମଣକଷ୍ଟ, ପାରିବାରିକ ସହଯୋଗ, ଲୋକସମ୍ପର୍କ ବୃଦ୍ଧି, ତୀର୍ଥଯାତ୍ରା, କିଛି କାର୍ଯ୍ୟରେ ବିବାଦ, କଚେରୀ ମାମଲା, ବ୍ୟବସାୟିକକଷ୍ଟ, ଚୋରିଯିବାଭୟ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ତୁଳା:** ଭ୍ରମଣସୁଖ, ଖୁସିଖବର, ସମ୍ମାନଲାଭ, ସମ୍ପତ୍ତିବିବାଦ, ସ୍ୱାଦିଷ୍ଟ ଭୋଜନ, ଉଚ୍ଚଆଶା ସଫଳ, ଦେବଦର୍ଶନ, ଗୁରୁଜନଙ୍କ ସ୍ନେହ, ଅତିଥିସତ୍କାର, ବିଦ୍ୟାରେ ସଫଳ, ପଡ଼ିଶା ଗଣ୍ଡଗୋଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୯, ଆରାଧନା-ମା' ପାର୍ବତୀ ।

**ବିଛା:** ଖୁସିଖବର, ବ୍ୟବସାୟିକ ଲାଭ, ବ୍ୟକ୍ତିସାହାଯ୍ୟ, ଅର୍ଥପ୍ରାପ୍ତି, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ କର୍ମକ୍ଷେତ୍ରେ ଶୁଭଖବର, ସମ୍ମାନବୃଦ୍ଧି, ଶତ୍ରୁବୃଦ୍ଧି, ଦାମ୍ପତ୍ୟଖୁସି, ସନ୍ତାନଲାଭ, ଦ୍ରବ୍ୟଲାଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** କାର୍ଯ୍ୟରେ ବାଧା, ଦ୍ରବ୍ୟନଷ୍ଟ, ବନ୍ଧୁସହଯୋଗ, ଅର୍ଥସମସ୍ୟା, ଅନୁଷ୍ଠାନରୁ ଲାଭ, ସନ୍ତାନସମସ୍ୟା, ଦୂରଯାତ୍ରା ସଫଳ, ବ୍ୟବସାୟରେ ସ୍ୱଳ୍ପଲାଭ, ଅପମାନଯୋଗ, ଶତ୍ରୁସମସ୍ୟା, ସମ୍ପତ୍ତିଲାଭ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଗୁରୁଜନଙ୍କ ସେବା ।

**ମକର:** ଯାତ୍ରାରେ ସତର୍କ, ବ୍ୟବସାୟିକକଷ୍ଟ, ତୀର୍ଥଯାତ୍ରା ସଫଳ, ମନାନ୍ତର, ଶତ୍ରୁସମସ୍ୟା, ବ୍ୟୟବୃଦ୍ଧି, ଉଚ୍ଚଆଶାରେ ବାଧା, ନୂତନ କର୍ମପ୍ରତି ଆଗ୍ରହ, ଲୋକସମ୍ପର୍କରେ ଖୁସି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୬, ଆରାଧନା-ଗ୍ରାମଦେବତୀ ।

**କୁମ୍ଭ:** ସମ୍ପର୍କରେ ଉନ୍ନତି, ବ୍ୟବସାୟିକ ଲାଭ, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଦୂରଯାତ୍ରା ସଫଳ, ଦାମ୍ପତ୍ୟଖୁସି, କର୍ମକ୍ଷେତ୍ରେ ସ୍ଥାନାନ୍ତର, ଉଚ୍ଚଆଶା ସଫଳ, ଅର୍ଥାଦିଲାଭ, ବାନ୍ଧବୀଲାଭ, ସନ୍ତାନଖୁସି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ମା' ବଗଳାମୁଖୀ ।

**ମୀନ:** ଦ୍ରବ୍ୟଲାଭ, ଶରୀର ସୁସ୍ଥ, ନୂତନ କାର୍ଯ୍ୟଆରମ୍ଭ, ସମ୍ମାନଲାଭ, ଦୂରଯାତ୍ରା ସଫଳ, ବିଦ୍ୱାନବ୍ୟକ୍ତିଙ୍କ ସାହାଯ୍ୟ, ଗୃହଜଞ୍ଜାଳବୃଦ୍ଧି, ଶୁଭଖବର, ଦାମ୍ପତ୍ୟକଳହ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

**ଶ୍ରାବଣ ଶୁକ୍ଳପକ୍ଷ ପ୍ରତିପଦା**
**୧୩.୮.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**Ministry of Culture**
Government of India



**ଚାଲ ଆମେ ବିଶ୍ୱର ସର୍ବବୃହତ୍ ନାଗରିକ ଆନ୍ଦୋଳନରେ ସାମିଲ ହେବା**

# Har Ghar Tiranga

Dedicated to the Spirit of Vande Mataram

9 to 17 August 2026






ଆସନ୍ତୁ ଆମେ 'ହର ଘର ତିରଙ୍ଗା' ଆନ୍ଦୋଳନରେ ଉତ୍ସାହର ସହିତ ଅଂଶଗ୍ରହଣ କରିବା ଏବଂ ଏକ ବିକଶିତ ଭାରତ ନିର୍ମାଣରେ ଯୋଗଦାନ ଦେବା ପାଇଁ ଆମର ସାମୂହିକ ସଂକଳ୍ପକୁ ନବୀକରଣ କରିବା ।

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

**ଆପଣଙ୍କ ରାଜ୍ୟ, ଜିଲ୍ଲା ଏବଂ ସହରଗୁଡିକରେ ହେଉଥିବା ହର ଘର ତିରଙ୍ଗା କାର୍ଯ୍ୟକଳାପରେ ଅଂଶଗ୍ରହଣ କରନ୍ତୁ**

- ତିରଙ୍ଗା ଯାତ୍ରା
- ତିରଙ୍ଗା ରାଲି
- ତିରଙ୍ଗା ରଙ୍ଗୋଲି ତିଆରି
- ବନ୍ଦେ ମାତରମର ସମୂହଗାନ

vandemataram150.inରେ
**ଜାତୀୟ ଗୀତ, ବନ୍ଦେ ମାତରମ୍ ର ସମ୍ପୂର୍ଣ୍ଣ ଗୀତ ଶିଖନ୍ତୁ**

1. 'ଟ୍ୟୁଟୋରିଆଲ୍'ଟ୍ୟାବ୍ ଉପରେ କ୍ଲିକ୍ କରନ୍ତୁ
2. ଆପଣଙ୍କ ବାଛିଥିବା ଭାଷାରେ ଗୀତ ଶୁଣନ୍ତୁ
3. ଗୀତର ଅନୁବାଦ ସହିତ ଅନୁସରଣ କରନ୍ତୁ
4. ଧାଡ଼ି ପରେ ଧାଡ଼ି ଅଭ୍ୟାସ କରନ୍ତୁ
5. କାରାଓକେ ସହିତ ଗାନ କରନ୍ତୁ

**ଆପଣଙ୍କର ତିରଙ୍ଗା ମୁହୂର୍ତ୍ତଗୁଡ଼ିକୁ କ୍ୟାପଚର କରନ୍ତୁ ଏବଂ harghartiranga.comରେ ସମସ୍ତଙ୍କ ସହିତ ଆପଣଙ୍କର ଗର୍ବ ବାଣ୍ଟନ୍ତୁ**

1. harghartiranga.com ପରିଦର୍ଶନ କରନ୍ତୁ
2. ଆପଣଙ୍କର ବିବରଣୀ ସେୟାର କରନ୍ତୁ
3. ତିରଙ୍ଗା ସହିତ ଏକ ସେଲ୍ଫି କ୍ଲିକ୍ କରନ୍ତୁ
4. ବନ୍ଦେ ମାତରମ୍ ଗୀତ ଫ୍ରେମ୍ ସହିତ ଆପଣଙ୍କର ସେଲ୍ଫି ଅପଲୋଡ୍ କରନ୍ତୁ
5. ଆପଣଙ୍କର ଅଂଶଗ୍ରହଣ ପ୍ରମାଣପତ୍ର ଡାଉନଲୋଡ୍ କରନ୍ତୁ

**ତିରଙ୍ଗା ଉଠାନ୍ତୁ । ବନ୍ଦେ ମାତରମ୍ ଗାନ କରନ୍ତୁ । ହର ଘର ତିରଙ୍ଗା ଉତ୍ସାହ ପାଳନ କରନ୍ତୁ**

**ମିଳିମିଶି, ଆସନ୍ତୁ ଏହି ସ୍ୱାଧୀନତା ଦିବସକୁ ଅବିସ୍ମରଣୀୟ କରିବା!**

CBC 09101/13/0017/2627

# ‘ସମୟ ଲାଇଭ’ର ପ୍ରାକ୍ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ



ମୁଖ୍ୟ ଅତିଥି ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ସହ ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତି ।



ବନ୍ଦେ ମାତରମ୍ ଗାନ ସମୟରେ ଦଣ୍ଡାୟମାନ ଅତିଥିଗଣ ।



ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ।




ବକ୍ତବ୍ୟ ପ୍ରଦାନ କରୁଛନ୍ତି ସମ୍ମାନିତ ଅତିଥି ପ୍ରହଲ୍ଲାଦ ସିଂ ।




ବକ୍ତବ୍ୟ ଉପସ୍ଥାପନ କରୁଛନ୍ତି ସମ୍ମାନିତ ଅତିଥି ତଥା ବିଧାୟିକା ସୋଫିଆ ଫିର୍ଦ୍ଦୋସ ।




ମୁଖ୍ୟ ଅତିଥି ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ବକ୍ତବ୍ୟ ଉପସ୍ଥାପନ ।




ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତିଙ୍କ ଅଭିଭାଷଣ ।




ବକ୍ତବ୍ୟ ପ୍ରଦାନ କରୁଛନ୍ତି ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ।



ସମ୍ମାନିତ ହେଉଛନ୍ତି ନେତାଜୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଅଧ୍ୟକ୍ଷ ବିଜନ କୁମାର ଜେନା ।







ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତି ।





କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷ




ଧନ୍ୟବାଦ ଅର୍ପଣ କରୁଛନ୍ତି ସମୟ ଓ ସମୟ ଲାଇଭର ସମ୍ପାଦକ ପପୁ ମହାନ୍ତି ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଉତ୍ସବର ଶୁଭାରମ୍ଭ

କଟକ, (ସବ୍ୟୁ): ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ ଆମ ଜାତୀୟ ପତାକା ତ୍ରିରଙ୍ଗା ସମଗ୍ର ଦେଶ ତଥା ରାଜ୍ୟରେ ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସବୁଠି ଉଡ଼ାଇବା ପାଇଁ ଅଭିଯାନ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । କଟକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଉତ୍ସବର ଶୁଭାରମ୍ଭ ହୋଇଯାଇଛି । କଟକ ସହର ସମେତ ବିଭିନ୍ନ ବ୍ଲକର ଗ୍ରାମ ପଞ୍ଚାୟତ ମାନଙ୍କଠାରେ ସବୁଠି ଜାତୀୟ ପତକା ଉଡାଇବା ଆରମ୍ଭ କରାଯାଇଛି । ବୁଧବାର ଏହି ଶୁଭାରମ୍ଭ ଅବସରରେ ଐତିହାସିକ ବାରବାଟୀ ଷ୍ଟାଡିୟମଠାରେ ଏକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଅଭ୍ୟାସ ପରେଡରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ତ୍ରିରଙ୍ଗା ପତାକା ଉଡାଇଥିଲେ । ଏହି ଉତ୍ସବ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗଷ୍ଟ ୧୩ ତାରିଖ ସକାଳ ୭ଘଟିକା ସମୟରୁ ନେତାଜୀ ସ୍ମାରକୀଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ଜବାହରଲାଲ ଇଣ୍ଡୋର ଷ୍ଟାଡିୟମଠାରେ ପହଞ୍ଚିବ । ପରେ ପରେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆସନ୍ତା ୧୪ ତାରିଖରେ ଅପରାହ୍ନ ୪ ଘଟିକା ସମୟରେ ଗଡଗଡିଆ ଘାଟଠାରେ ସାମୁହିକ ବନ୍ଦେ ମାତରମ ଗାନ କରାଯିବ । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ସହରବାସୀ ଯୋଗ ଦେବା ପାଇଁ ପ୍ରସାଶନ ପକ୍ଷରୁ ଅନୁରୋଧ କରାଯାଇଛି ।

## କଟକ ଜିଲ୍ଲା ବିଜେପିର ତ୍ରିରଙ୍ଗା ଯାତ୍ରା

କଟକ,(ସବ୍ୟୁ): ଭାରତୀୟ ଜନତା ପାର୍ଟି ନିର୍ଦ୍ଦେଶ କ୍ରମେ ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ମଣ୍ଡଳ ସ୍ତରରେ ଅଗଷ୍ଟ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା ଅଭିଯାନ ଚାଲୁଅଛି । ବୁଧବାର କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ୫୦୦୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ତ୍ରିରଙ୍ଗା ଯାତ୍ରା ଯୋଗ ଦେଇଥିଲେ । ନୁଆବଜାର ସ୍ଥିତ ଏକ ସାଧାରଣ ସଭାରେ ସଭାପତି ସୁକାନ୍ତ ବିଶ୍ୱାଳ ଯୁବପିଢ଼ି ମାନଙ୍କ ମଧ୍ୟରେ ଦେଶାତ୍ମକ ଭାବନା ରହିବା ଉଚିତ୍ ବୋଲି କହିଥିଲେ । ମଞ୍ଚରେ ବିଧାୟକ ପ୍ରକାଶ ସେଠୀ, ନୟନ କିଶୋର ମହାନ୍ତି, ଡକ୍ଟର ପ୍ରଭାତ ରଂଜନ ବିଶ୍ୱାଳ, ଜ୍ଞାନ ଦେବ ବେଉରା, ଲଲାଟେନ୍ଦୁ ବଡୁ, ସ୍ମୃତି ପଟ୍ଟନାୟକ, ବିନୋଦ ଦାଶ, ଶୁଭ୍ରାଂଶୁ ମୋହନ ପାଢ଼ୀ, ତୁଷାର କାନ୍ତ ଚକ୍ରବର୍ତ୍ତୀ, ହୃଷି କେଶ ଜେନା, ଲକ୍ଷ୍ମୀଧର ପ୍ରଧାନ, ବଜେନ୍ଦ୍ର ରାୟ, ଓମ୍ ପ୍ରକାଶ ରାୟ, ରଶ୍ମୀ ରେଖା ଦାସ, ଶ୍ରୀତମ ଦାସ, ପ୍ରଦୀପ ସ୍ୱାଇଁ ଉପସ୍ଥିତ ଥିଲେ । ଏହି ତ୍ରିରଙ୍ଗା ଯାତ୍ରା ପୋତା ପୋଖରୀ, ନୁଆବଜାର, ନୂଆପଡ଼ା, ପଞ୍ଚମୁଖୀ ହନୁମାନ ମନ୍ଦିର ପାଖରେ ପଦଯାତ୍ରା ଶେଷ ହୋଇଥିଲା ।

# ସବ୍‌ସିଡି ଛାଡ଼ ପାଇଁ ୧୫ ହଜାର ଲାଞ୍ଚ ଭିଜିଲାନ୍ସ ଜାଲରେ ବ୍ରହ୍ମପୁର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ

ବ୍ରହ୍ମପୁର, (ସବ୍ୟୁ): ଏମକେୟୁଓ୍ୱାଇ ଯୋଜନାର ସବସିଡ୍ ଟଙ୍କା ଛାଡିବା ପାଇଁ ବ୍ରହ୍ମପୁର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବ୍ୟୋମକେଶ ମିଶ୍ରଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ମାଡି ବସିଲା ଭିଜିଲାନ୍ସ । ଆୟ ବର୍ହିଭୂତ ସମ୍ପତ୍ତି ମାମଲା ଦୃଷ୍ଟିରୁ ଶ୍ରୀ ମିଶ୍ରଙ୍କ ତିନୋଟି ସ୍ଥାନରେ ଏକକାଳୀନ ଚଢାଉ ଜାରି ରଖିଛି ଭିଜିଲାନ୍ସ । ଘଟଣାର ତଦନ୍ତ ଜାରି ରହିଛି ବୋଲି ବ୍ରହ୍ମପୁର ଏସପି ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ସମନ୍ୱିତ କୃଷି ବ୍ୟବସ୍ଥା ପାଇଁ ଜଣେ ହିତାଧିକାରୀଙ୍କ ଫାଇଲ୍



ପ୍ରୋସେସ୍ କରିବା ଏବଂ ସବସିଡ ରାଶି ଛାଡିବା ନିମନ୍ତେ ଉକ୍ତ କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର ଟଙ୍କା ଲାଞ୍ଚ ଦେବାକୁ କହିଥିଲେ । ଉକ୍ତ ଯୋଜନା ଅନୁଯାୟୀ ଜଣେ ହିତାଧିକାରୀ କୃଷି ଏବଂ ଭିତ୍ତିଭୂମି ପାଇଁ ଖର୍ଚ୍ଚ କରିଥିବା ରାଶିର ୫୦% ସବସିଡି ପାଇବାକୁ ହକଦାର ଥିଲେ । ଉକ୍ତ ହିତାଧିକାରୀ ଗତ ଦୁଇ ମାସ ଧରି ତାଙ୍କ ଫାଇଲ୍ ପ୍ରୋସେସ୍ କରିବା ପାଇଁ କୃଷି ଅଧିକାରୀ ମିଶ୍ରଙ୍କୁ ଅନୁରୋଧ କରିଥିଲେ । ବାରମ୍ବାର ଅନୁରୋଧ ସେ%ୗ ସେ ଫାଇଲ୍ ପ୍ରୋସେସ୍ କରୁନଥିଲେ । ଅଧିକାରୀ ଜଣଙ୍କ ହିତାଧିକାରୀଙ୍କୁ ୧୫ ହଜାର ଟଙ୍କା ଦାବି କରିଥିଲେ । ହିତାଧିକାରୀ ଜଣକ ଏ ସମ୍ପର୍କରେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ । ଯୋଜନା ମୁତାବକ ହିତାଧିକାରୀ ଜଣଙ୍କ କୃଷି ଅଧିକାରୀଙ୍କୁ ଭେଟି ୧୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ । ଭିଜିଲାନ୍ସର ଏକ ଟିମ୍ ସେଠାରେ ଚଢ଼ାଉ କରି ଅଧିକାରୀଙ୍କ ନିକଟରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ କାବୁ କରିଥିଲା ।

# ବ୍ରହ୍ମପୁରରେ ତ୍ରିରଙ୍ଗା ଶୋଭାଯାତ୍ରା : ଦେଶପ୍ରେମର ରଙ୍ଗରେ ରଙ୍ଗାୟିତ ହେଲା ରେଶମ ସହର

ବ୍ରହ୍ମପୁର, (ସବ୍ୟୁ) : ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଅଧୀନରେ ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ସମ୍ମାନର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆଜି ସହରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ତ୍ରିରଙ୍ଗାର ଗୌରବ ଓ ଦେଶପ୍ରେମର ଉତ୍ସାହରେ ରେଶମ ସହର ଉତ୍ସବମୁଖର ହୋଇଉଠିଥିଲା । ଆଜି ଅପରାହ୍ନରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମ ଠାରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ଗାନ୍ଧୀ ନଗର, ପି.ଭି.ଏନ. ପେଟ୍ରୋଲ ପମ୍ପ ଛକ, ଖଲ୍ଲିକୋଟ କଲେଜ, ସୁବାରାଓ ଛକ, ଟାଟାବେଞ୍ଚ, କମାପଲ୍ଲୀ ଓ କୋର୍ଟପେଟା ଦେଇ ଏମକେସିଜି ମେଡ଼ିକାଲ କଲେଜ ଓ ହସପିଟାଲ ଛକଠାରେ ସମାପ୍ତ ହୋଇଥିଲା ।

ତ୍ରିରଙ୍ଗାରେ ସଜ୍ଜିତ ଇ-ବାଇକ୍ ଓ ସାଇକେଲ୍ ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଯୁବକ ଓ ସହରବାସୀ ଏଥିରେ ସାମିଲ ହୋଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଜାତୀୟ ପତାକା



ବର୍ଣ୍ଟନ କରାଯାଇଥିଲା ।

ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେz1, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ନିଗମ କମିଶନର ଏ. ସସ୍ୟା ରେz1, ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବରିଷ୍ଠ ସମାଜସେବୀ ସାରଦା ଶତପଥୀ, ସରୋଜ ସାବତ ଓ ବାଳକୃଷ୍ଣ ସାମନ୍ତରା ପ୍ରମୁଖ ଯୋଗ ଦେଇଥିଲେ ।

# ଯୁବକଙ୍କୁ ଆକ୍ରମଣ ଘଟଣା, ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ନରସିଂହପୁର ଗ୍ରାମର ଏସ.ଗୋବିନ୍ଦ ରେଡ଼ୀଙ୍କୁ ପ୍ରାଣାନ୍ତକ ଆକ୍ରମଣ ନେଇ ଗତ ମେ ୫ରେ ବେଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ । ପୁରୁଣା ବିବାଦକୁ କେନ୍ଦ୍ର କରି ଲଜ୍ ଭିତରେ ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଟାଉନଥାନା ଅନ୍ତର୍ଗତ ରମ୍ଭାସାହିର ଦୀପକ ମହାନ୍ତି ଓରଫ ଦିପୁନ । ମାମଲା ନଂ ୨୧୦ / ୨୬ ରେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛିଛ ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି । ପ୍ରକାଶ ଯେ, ଭାଗୀରଥି ପାଢି ଓ ଅଭିଯୋଗକାରୀ ଏସ.ଗୋବିନ୍ଦ ରେzିଙ୍କ ମଧ୍ୟରେ ଦେହ ବ୍ୟବସାୟ ଚଳାଇଥିଲେ । ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଭାଗୀରଥି ପାଢୀଙ୍କ ଅଜାଣତରେ ସିଧାସଳଖ କିଛି ଗ୍ରାହକଙ୍କ ସହିତ କାରବାର କରିଥିଲେ, ଯାହା ଫଳରେ ସେମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଅଭିଯୋଗକାରୀ ଖୋଡାସିଙ୍ଗିର ରାଜ ରେସିଡେନ୍ସି ଲଜରେ ଥିବା ସମୟରେ ଭାଗିରଥୀ ପାିଙ୍କ ସାଙ୍ଗ ଗେଟବଜାର ରମ୍ଭା ସାହିର ଦୀପକ ମହାନ୍ତି ଲଜକୁ ଯାଇ ଏସ.ଗୋବିନ୍ଦ ରେzିଙ୍କୁ ଆକ୍ରମଣ କରିଥିଲେ । ଯାହା ଫଳରେ ତାଙ୍କ ମୁଣ୍ଡରେ ରକ୍ତସ୍ରାବ ହୋଇଥିଲା । ଆହତ ଅଭିଯୋଗକାରୀଙ୍କୁ ପରବର୍ତ୍ତୀ ସମୟରେ ଡାକ୍ତରୀ ଚିକିତ୍ସା କରାଯାଇଥିଲା । ଘଟଣା ପରେ, ଉଭୟ ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିବା ଅଭିଯୋଗ ହୋଇଥିଲା । ପୋଲିସ ଘଟଣାର ତଦନ୍ତ କରି ଆଜି ଦୀପକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

# ପଦ୍ମିନୀ ରଥଙ୍କ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା



କଟକ, (ସ୍ୱପ୍ର) : ରାଜେନ୍ଦ୍ର ନଗରସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ପଦ୍ମିନୀ ରଥଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ "ସର୍ବ ମଙ୍ଗଳା ମହଲା ସଭା'ର ସଭାପତି କୃଷ୍ଣଚନ୍ଦ୍ର ମାହୁନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ, ଶ୍ରଦ୍ଧାସୁମନ ଅର୍ପଣ ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଦ୍ୱୈତ ନଗରୀରର ପୁଲିସ କମିଶନର ଡ. ସୁରେଶ ଦେବଦତ୍ତ ସିଂ, ଆଇନ ବିଭାଗ ସଚିବ ପ୍ରଦୀପ୍ତ କୁମାର ସାମଲଙ୍କ ସମେତ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା, ପୂର୍ବତନ କର୍ପୋରେଟର ହୃଷିକେଶ ପ୍ରଧାନ, ମହଲାସଭାର ଉପ-ସଭାପତି ରାଜେନ୍ଦ୍ର କୁମାର ଷଡଙ୍ଗୀ, ସଂପାଦକ ସରୋଜ କୁମାର ସ୍ୱାଇଁ, ସହ ସଂପାଦକ ପ୍ରଦୀପ କୁମାର ହେହେରା, କୋଷାଧ୍ୟକ୍ଷ ଶୁଭେନ୍ଦୁ କୁମାର ମିଶ୍ର, ଅଜୟ କୁମାର ଦାସ, ପ୍ରଦୀନ ସେଠୀ, ଅଜିତ୍ କୁମାର ନାୟକ, ସନ୍ଦୀପ ସାମନ୍ତରାୟ, ଉଲ୍ଲାସ କୁମାର ପାଇକରାୟ, ଗଜେନ୍ଦ୍ର ନାୟକ, ପ୍ରଫୁଲ୍ଲ ମୁଦୁଲି, ସଂଜୟ ପାତ୍ର, ଫେଲୁ ମହାନ୍ତି, ଶରତ ଚନ୍ଦ୍ର ପତି, ବୀରକିଶୋର ସାହୁ, ମହେଶ ମହାପାତ୍ର, ରମେଶ ପ୍ରତାପ, ଅଭୟ ପଞ୍ଜାର ସାହୁ, ଡା. ଦୀନବନ୍ଧୁ ମହାରଣା, ଶିକ୍ଷାବିତ୍ ଉକିଲ ଗଂଜନ ଦାସ, ଡ. ଦୟାନନ୍ଦ ଷଡଙ୍ଗୀ, ଡ. ବିଶ୍ୱ ଗଂଜନ ଷଡଙ୍ଗୀ,ପ୍ରଦୀପ ରଥଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ "ରଥ ପରିବାର' ପକ୍ଷରୁ ଡ. ପ୍ରମୋଦ ଚନ୍ଦ୍ର ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଚିନ୍ମୟୀ ରଥ, ଇଂ ଦୁର୍ଗା ପ୍ରସାଦ ରଥ, ଶିବ ପ୍ରସାଦ ରଥ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ, ମହଲା ସଭାର କର୍ମକର୍ତ୍ତା, ସାହି ମୁରବୀ, ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅଧ୍ୟାପକ ଲୋକନାଥ ବେହେରା, ପ୍ରଶାନ୍ତ ତ୍ରିପାଠୀ, ସୁଶାନ୍ତ କଅଁର, ଅରବିନ୍ଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗଞ୍ଜାମ ଏସପି ହରିଶ ବିଶି ଓ ବ୍ରହ୍ମପୁର ଏସପି ଡ. ଶ୍ରବଣ ବିବେକ ଏମଙ୍କୁ ଡିଜିପି ଡିସ୍କ

ବ୍ରହ୍ମପୁର, (ସବ୍ୟୁ): ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ନିମନ୍ତେ ଗଞ୍ଜାମ ଜିଲ୍ଲାରେ ଗଞ୍ଜାମ ଜିଲ୍ଲାରୁ ଗଞ୍ଜାମ ଏସପି ହରିଶ ବିଶି ଓ ବ୍ରହ୍ମପୁର ଏସପି ଡ ଶ୍ରବଣ ବିବେକ ଏମଙ୍କୁ ଡିଜିପି ଡିସ୍କ ପୁରସ୍କାର ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲା ଏକ ଅପରାଧ ପରାୟଣ ଜିଲ୍ଲା ଭାବେ ପରିଗଣିତ ହୋଇଥିବା ବେଳେ ଏହି ଜିଲ୍ଲାର ଦୁଇ ଦୁଇ ଜଣ ଏସପି ନିଜର କାର୍ଯ୍ୟ ଦକ୍ଷତା ବଳରେ ଅପରାଧ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିବା ଦୃଷ୍ଟିରୁ ରଖି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଓ୍ୱାଇ ବି ଖୁରାନିଆ ଗଞ୍ଜାମ ଏସପି ହରିଶ ବିଶି ଓ ବ୍ରହ୍ମପୁର ଏସପି ଡ ଶ୍ରବଣ ବିବେକ ଏମଙ୍କୁ ଡିଜିପି ଡିସ୍କ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ବୁଧବାର ଭୁବନେଶ୍ୱର ସ୍ଥିତ ପୋଲିସ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ୫୫ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କ ପ୍ରଦାନ କରି ସମ୍ମାନିତ କରିଛନ୍ତି । ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ନିମନ୍ତେ ଡିଜିପି ଶ୍ରୀ ଖୁରାନିଆ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ପ୍ରତ୍ୟକ୍ଷ ତ%ୗବଧାନରେ ଏହି ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ରାଜ୍ୟ ପୋଲିସ ମୁଖ୍ୟାଳୟର ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

### 'ସମୟ' ଖବରକାଗଜର ପ୍ରଭାବ

# ମଧ୍ୟାହ୍ନଭୋଜନ ହଡପ ଟଙ୍କା ଫେରାଇଲେ ପ୍ରଧାନଶିକ୍ଷୟିତ୍ରୀ

ବ୍ରହ୍ମପୁର, (ସବ୍ୟୁ) : ସମୟ ଖବର କାଗଜର ପ୍ରଭାବରେ ହିଂଜିଳିକାଟୁ ବ୍ଲକ୍ ର ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆତ୍ମସାତ କରିଥିବା ପିଲାଙ୍କ ଏମଆଇଡିଏମ ଟଙ୍କା ଅଧରାତ୍ରରେ ନିଜ ସ୍ୱାମୀଙ୍କ ସହ ହୋଷ୍ଟେଲ୍ ଓ୍ୱାଡ଼େନ୍‌ଙ୍କୁ ଧରି ପିଲାମାନଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି । ଯେତିକି ଟଙ୍କା ମିଳିବା କଥା ତା'ଠାରୁ କମ୍ ଟଙ୍କା ଦେଇ ପୁରା ଟଙ୍କାର ସ୍ୱାକ୍ଷର ନେଇଥିବା ଜଣାପଡ଼ିଛି । ବ୍ଲକ୍ ଶିକ୍ଷା ବିଭାଗର ଏବିଇଓ ମ୍ୟାଡ଼ାମ୍ ଅନୁସନ୍ଧାନ କରି ଫେରିଛନ୍ତି । ଏସଏମସି ଓ ଅଭିଭାବକଙ୍କ ମାନେ କହିଛନ୍ତି ଯେ, ଆମେ ଯେତେବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିଲୁ, ସେ କହୁଥିଲେ "ମୁଁ ପିଲାମାନଙ୍କୁ ଟଙ୍କା ଦେଇଦେଇଛି । କିନ୍ତୁ ଆଜକୁ ପ୍ରାୟ ୨୦ ଦିନ ତଳୁ ବ୍ଲକ୍ ଶିକ୍ଷାବିଭାଗରେ ଅଭିଯୋଗ କରୁଥିଲୁ କାହିଁକି ପ୍ରଶାସନ ଚୁପ୍ ଥିଲା । କିନ୍ତୁ ସମୟ ଖବର କାଗଜ ପ୍ରଭାବରେ ରାତାରାତି ଏମଡିଏମ ଟଙ୍କା ପିଲାଙ୍କୁ ଦିଆଗଲା ଓ ପ୍ରଶାସନ ତଦନ୍ତ କରିବାକୁ ଆଗ୍ରହ ପ୍ରକାଶ କଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ସ୍ୱପ୍ନ ଫାଉଣ୍ଡେସନ୍ ପକ୍ଷରୁ ବୋଲବମ୍ ଭକ୍ତସେବା




କଟକ, (ସ୍ୱପ୍ର) : ଅଗ୍ରଣୀ ସେବା ସଙ୍ଗଠନ ପକ୍ଷରୁ ଚଳିତବର୍ଷ ବାବା ମହାଦେବଙ୍କୁ ଜଳାଭିଷେକ ଲାଗି ବାବା ଧବଳେଶ୍ୱର ପୀଠରେ ହଜାରହଜାର ସଂଖ୍ୟାରେ କାଉଡ଼ିଆ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ସ୍ୱପ୍ନ ଫାଉଣ୍ଡେସନ ପକ୍ଷରୁ ଶ୍ରାବଣ ମାସର ଦ୍ୱିତୀୟ ପାଳିରେ କାଉଡିଆ ଭକ୍ତମାନଙ୍କୁ ସେବା ଯୋଗାଇଦେବା ନିମନ୍ତେ ନୂଆପଟଣା ଠାରେ ଏକ ସେବା କାର୍ଯ୍ୟର ଆୟୋଜନ କରାଯାଇଥିଲା । ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ବର୍ଣ୍ଟନ, ଜଳବର୍ଣ୍ଟନ, ଭଜନ କାର୍ଯ୍ୟକ୍ରମ, ଆଶୁ ଚିକିତ୍ସା, କାଉଡିଆ ଭକ୍ତମାନଙ୍କ ପାଦସେବା ସହିତ ସଫେଇ କାର୍ଯ୍ୟ ମଧ୍ୟ ଫାଉଣ୍ଡେସନ ତରଫରୁ ଆୟୋଜନ କରାଯାଇଥିଲା । ଏହିସେବା କଟକ ନୂଆପାଟଣା ବ୍ରିଜ ନିକଟରେ ଏକ ଅସ୍ଥାୟୀ ବୋଲବମ କ୍ୟାମ୍ପରେ ଆୟୋଜନ କରାଯାଇଥିଲା । ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି ନିରନ୍ତର ଭାବେ ଏହି ସେବା କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । ଏଥିରେ ସ୍ଥାନୀୟ ମୁରବୀ, ପୋଲିସ୍ ପ୍ରଶାସନ, ବୁଦ୍ଧିଜୀବୀମାନେ ଯୋଗଦେଇ ଥିଲେ । ବାବା ଭୋଲେନାଥଙ୍କ କୃପାରୁ ୧୦ ହଜାର ଲୋକଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ସ୍ୱପ୍ନ ଫାଉଣ୍ଡେସନର ଏହି କାର୍ଯ୍ୟକ୍ରମକୁ ଭକ୍ତ, ଶ୍ରଦ୍ଧାଳୁ ଓ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

# ନକଲି ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ନେଲା ଜୀବନ

ରଙ୍ଗେଇଲୁଣ୍ଡା, (ସବ୍ୟୁ) : ଗୋଲନ୍ଥରା ଅଞ୍ଚଳ ତଥା ଆଖପାଖ ପ୍ରାୟ ପ୍ରତ୍ୟେକ ଗ୍ରାମରେ ଅପାଠୁଆ ନକଲି ଡାକ୍ତର ବା କ୍ଲାକଙ୍କ ପାଦୁର୍ଭାବ ଚରମ ସୀମାରେ ପହଂଚିଲାଣି । ସବୁ ଜାଣି ଅଜଣା ଭଳି ଅଭିନୟ କରୁଛନ୍ତି ଜିଲ୍ଲା ପ୍ରଶାସନ ଓ ସିଡିଏମଓ । ବିବରଣୀରୁ ପ୍ରକାଶ ଯେ, ନିକଟସ୍ଥ ଭାଲିଆଗଡ ଗ୍ରାମର ଏସ.ରାଜା ରାଓ (୫୫)ପେଟ ବ୍ୟଥା ହେଉଥିବା ନେଇ ଗୋଲନ୍ଥରା ଚଟି ଛକ ସ୍ଥିତ ଶ୍ରୀ ଭେଙ୍କେଟଶ୍ୱର ମେଡ଼ିସିନ ଷ୍ଟୋରକୁ ଆସିଥିଲେ । ସେଠାରେ କାର୍ଯ୍ୟରତ ଥିବା ଜଣେ କ୍ଲାକ ଔଷଧରେ ଭଲ ହେବନି କହି ଉକ୍ତ ବ୍ୟକ୍ତିଙ୍କୁ ଚାରି ଗୋଟି ଇଞ୍ଜେକ୍ସନ ଦେଇଥିଲେ ।

ଉକ୍ତ ବ୍ୟକ୍ତି ଜଣକ ନିଜ ଘରକୁ ଯାଇ ଶୋଇଥିଲେ । ମାତ୍ର କିଛି ସମୟ ମଧ୍ୟରେ ସେ ମୃତ୍ୟୁ ବରଣ କରିଥିଲେ । ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ପରିବାର ଗରିବ ଏବଂ ଅପାଠୁଆ ଥିବାରୁ ସେମାନେ ଏହା ଏକ ସ୍ୱାଭାବିକ ମୃତ୍ୟୁ ବୋଲି ଶବଦାହ କରି ଦେଇଥିଲେ । ପରେ ଗ୍ରାମର କିଛି ଯୁବକ ଘଟଣା ବିଷୟରେ ଜାଣି ଉକ୍ତ କ୍ଲାକ ଙ୍କୁ ଘଟଣା ବିଷୟରେ ପଚାରିଲେ ସେ କିଛି ସନ୍ତୋଷଜନକ ଉତ୍ତର ନଦେଇ କିଛି ଦଲାଲ ଏବଂ ଟାଉଟରଙ୍କୁ ହାତଗୁଞ୍ଜା ଦେଇ ଘଟଣାକୁ ଚପାଇ ଦେଇଥିଲେ । ଏଠି ପ୍ରଶ୍ନ ଉଠେ ଯେ, ଜିଲ୍ଲା ପ୍ରଶାସନଙ୍କ ସହ ସି.ଡି.ଏମ.ଓ. ଏମିତି ନକଲି ଡାକ୍ତରଙ୍କ ଉପରେ କେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।




# ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା




ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା ସାଇବର ସେଫଟି ଆଣ୍ଡ ସିକ୍ୟୁରିଟି କ୍ୟାମ୍ପେନ୍ ଓଡ଼ିଶା୨୦୨୬ ଅଧୀନରେ ଭଞ୍ଜପୁର ଥାନା ପକ୍ଷରୁ ରଘୁନାଥପୁରସ୍ଥିତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ସମୟରେ ବଢୁଥିବା ଅନଲାଇନ୍ ଠକେଇ, ସୋସିଆଲ୍ ମିଡିଆର ଅପବ୍ୟବହାର, ସାଇବର ଅପରାଧ ଏବଂ ଡିଜିଟାଲ୍ ସୁରକ୍ଷା ସମ୍ପର୍କରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । କାର୍ଯ୍ୟକ୍ରମରେ ଭଞ୍ଜପୁର ଥାନାର ଭାରପ୍ରାପ୍ତ ପୋଲିସ ଇନ୍ସପେକଟର ରଶ୍ମିରଞ୍ଜନ ପୃଷ୍ଟି, ସବ୍-ଇନ୍ସପେକଟର ଚନ୍ଦନ କୁମାର ନାୟକଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ । ସେମାନେ ବିଭିନ୍ନ ପ୍ରକାରର ସାଇବର ଅପରାଧ, ଠକେଇର ନୂଆ ନୂଆ ଉପାୟ ଏବଂ ଏଥିରୁ ନିଜକୁ ସୁରକ୍ଷିତ ରଖିବାର ପଦକ୍ଷେପ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ ।

ବିଶେଷକରି ଡେବିଟ୍ କାର୍ଡ ତଥ୍ୟ, ପାସୱାର୍ଡ ଓ ବ୍ୟାଙ୍କିଙ୍ଗ୍ ସୂଚନା କାହା ସହିତ ଶେୟାର ନକରିବା, ଅଜଣା ଲିଙ୍କରେ କ୍ଲିକ୍ ନକରିବା ଏବଂ ସନ୍ଦେହଜନକ ଫୋନ୍ କଲ୍ କିମ୍ବା ମେସେଜରୁ ସତର୍କ ରହିବାକୁ ପୋଲିସ ଅଧିକାରୀମାନେ ପରାମର୍ଶ ଦେଇଥିଲେ । ସାଇବର ଠକେଇର ଶିକାର ହେଲେ ବିଳମ୍ବ ନକରି ୧୯୩୦ ସାଇବର ହେଲ-ଲାଇନ୍ ନମ୍ବରରେ ଯୋଗାଯୋଗ କରିବାକୁ ମଧ୍ୟ ସେମାନେ କହିଥିଲେ ।

ଏହି ଅବସରରେ ବିଦ୍ୟାଳୟର ସଭାପତି ଇଞ୍ଜିନିୟର ପ୍ରଭାସ କୁମାର ଦାସ, ଅଧ୍ୟକ୍ଷା ଶ୍ରୀମତୀ ଅଙ୍କିତା ବାରିକ ଏବଂ ଶୈକ୍ଷିକ ମୁଖ୍ୟ ଡଃ ଆଦର୍ଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ସାଇବର ଅପରାଧରୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ଦିଗରେ ଏଭଳି ସଚେତନତା କାର୍ଯ୍ୟକ୍ରମର ଗୁରୁତ୍ୱ ରହିଥିବା ଦର୍ଶାଇ ସେମାନେ ଭଞ୍ଜପୁର ପୋଲିସକୁ ଧନ୍ୟବାଦ ଜଣାଇଥିଲେ ।

ଭବିଷ୍ୟତରେ ମଧ୍ୟ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯିବା ଆବଶ୍ୟକ ବୋଲି ସେମାନେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ବର୍ଷର ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ ଉପଯୋଗୀ ତଥ୍ୟ ହାସଲ କରିଥିଲେ । ଏହି ସଚେତନତା ଅଭିଯାନ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ୍ ଦୁନିଆରେ ଅଧିକ ସତର୍କ ଓ ଦାୟିତ୍ୱବାନ ହେବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା ।

## ପୁରୁଷ ବନ୍ଧୁଙ୍କୁ ମାଡ ମାରି କାର ଭିତରେ ଯୁବତୀଙ୍କୁ ଗଣ ଦୁଷ୍କର୍ମ : ୫ ଗିରଫ

# ଅଭିଯୁକ୍ତଙ୍କ ଢେଲାମାଡରେ ପୋଲିସ କର୍ମଚାରୀ ଲହୁଲୁହାଣ

ନିଶ୍ଚିନ୍ତକୋଇଲି ,(ସବ୍ୟୁ): ମଙ୍ଗଳବାର ବିଳମ୍ବିତ ରାତିରେ ନିଶ୍ଚିନ୍ତକୋଇଲି ଥାନା ସୁକରପଡା ଗ୍ରାମପଞ୍ଚାୟତ ଆଏଣ୍ଡା ନିକଟରେ ଏକ ଲୋମଟାଙ୍କୁରା ଲଜ୍ଜା ଜନକ ଘଟଣା ଘଟିଯାଇଛି । ପୁରୁଷ ବନ୍ଧୁଙ୍କୁ ମାଡ ମାରି ଦୁର୍ବୃର୍ତମାନେ ବାନ୍ଧିଲେ ଓ ଯୁବତୀଙ୍କୁ କାର ଭିତରୁ ଟେକିନେଇ ଜଣକ ପରେ ଜଣେ ଗଣ ଦୁଷ୍କର୍ମ କଲେ । ଏହି ଘଟଣାଟି ସମଗ୍ର ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । କଟକ ଜିଲ୍ଲା ଗ୍ରାମାଂଚଳ ଆରକ୍ଷୀ ଅଧିକ୍ଷକଙ୍କ ସମୟୋଚିତ ଦୃଢ ପଦକ୍ଷେପ ହେତୁ ପୋଲିସ ପଞ୍ଝାରେ ୫ଜଣ ଦୁର୍ବୃର୍ତ ରହିଛନ୍ତି । ଅଭିଯୁକ୍ତଙ୍କ ଢେଲାମାଡରେ ଥାନାର ଜଣେ ପୋଲିସ କର୍ମଚାରୀ ଗୁରୁତର ଭାବେ ଆହତ ହୋଇଛନ୍ତି । କେନ୍ଦ୍ରାପଡା ଜିଲ୍ଲା କଳପଡା ଗ୍ରାମ ଜଣେ ଯୁବତୀ ଭୁବନେଶ୍ୱରର ଏକ ମଲରେ କାର୍ଯ୍ୟ କରନ୍ତି । ସେଠାରେ ଗାଡି ଚାଳକ ରୂପେ ରହି କାର୍ଯ୍ୟକରି ଆସୁଥିବା ନୟାଗଡ ଜିଲ୍ଲା ପତେଗଡ ଥାନା ଗୋହିରିଆପଡା ଗ୍ରାମର ଯୁଧିଷ୍ଠିତ ମାଝିଙ୍କ ସହ ଯୁବତୀଙ୍କ ନିବିଡ ସମ୍ପର୍କ ସୃଷ୍ଟି ହୋଇଥିଲା । ତେବେ ମଙ୍ଗଳବାର ବିଳମ୍ବିତ ରାତିରେ ଯୁବତୀ ଜଣକ ଭୁବନେଶ୍ୱରରୁ ସୁଇଫ୍ଟ ଡିଜେୟାର କାର ନଂ ଓଡି ୩୩ ଏଏଲ ୨୧୧୮ ଯୋଗେ ତାଙ୍କର ପୁରୁଷ ବନ୍ଧୁଙ୍କ ସହ ନିଜ ପୈତୃକ ଗ୍ରାମ କଳପଡାକୁ ଆସୁଥିଲେ । ତେବେ ବିଳମ୍ବିତ ପ୍ରହରରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ନିଶ୍ଚିନ୍ତକୋଇଲି ଥାନା ସୁକରପଡା ପୂର୍ତ ବିଭାଗ ଡାକବଙ୍ଗଳାର ଅନିତି ଦୂରରେ ଥିବା ଏକ ଢାବାରେ ଯୁବତୀ ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ରାତ୍ର ଭୋଜନ କରିଥିଲେ



। ରାତ୍ର ଭୋଜନ ସାରି ଯୁବତୀ ଜଣକ ନିଜ ପୁରୁଷ ବନ୍ଧୁଙ୍କ ସହ ମିଶି କାର ମଧ୍ୟରେ ବିଶ୍ରାମ ନେଉଥିଲେ । ଏହି ସମୟରେ ସ୍ଥାନୀୟ ଆଏଣ୍ଡା ଅଂଚଳର ୭-୮ଜଣ ଦୁର୍ବୃର୍ତ ହଠାତ ଘଟଣାସ୍ଥଳରେ ପହଂଚି କାରର ଡୋର ଖୋଲିବା ନିମନ୍ତେ ବାଧ କରିଥିଲେ । ମାତ୍ର ପୁରୁଷ ବନ୍ଧୁ ଓ ଯୁବତୀ ଜଣକ କାରର ଡୋର ନଖୋଲିବା କାରଣରୁ ଦୁର୍ବୃର୍ତମାନେ ଆଣିଥିବା ଏକ ଚିମୁଟା ସାହାଯ୍ୟରେ କାରର କାଚ ଭାଙ୍ଗି ପ୍ରବେଶ କରିଥିଲେ ଓ ପୁରୁଷ ବନ୍ଧୁଙ୍କ ଅମାନୁଷିକ ଭାବେ ମାଡ ମାରି ବାନ୍ଧି ପକାଇଥିଲେ । ପରେ ଦୁର୍ବୃର୍ତମାନେ ଜୋର ଜବରଦସ୍ତ ଯୁବତୀ ଜଣଙ୍କୁ ଉଠାଇ ନେଇ ଦୁର୍ବୃର୍ତମାନେ ଘଟଣାସ୍ଥଳରୁ ଅନ୍ୟ ଏକ କାର ଯୋଗେ ନେଇ ପ୍ରାୟ ୨କିମି ଦୂରରେ ଥିବା ଆଏଣ୍ଡା ଆମ୍ବ ତୋଟାର ଏକ ଭଗ୍ନ ଗୃହ ମଧ୍ୟରେ

ଅତ୍ୟନ୍ତ ଅମାନୁଷିକ ଭାବେ ଜଣକ ପରେ ଜଣେ ଦୁଷ୍କର୍ମ କରିଥିଲେ । ପରେ ଯୁବତୀ ଜଣକୁ ମୁମୂର୍ଷ ଅବସ୍ଥାରେ ଛାଡି ଦେଇ ଦେଇ ଫେରାର ହୋଇଯାଇଥିଲେ । ତେବେ ରାତି ପାହିବାରୁ ଯୁବତୀ ଜଣକ ଚେତା ଫେରିବାରୁ ସେ କରୁଣ ଚିତ୍କାର କରିଥିଲେ । ତାଙ୍କର କରୁଣ ଚିତ୍କାର ଶୁଣି ଘଟଣାସ୍ଥଳରେ ଲୋକଙ୍କର ଭିଡ ଜମିଥିଲା । ସ୍ଥାନୀୟ ଘଟଣା ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ପୋଲିସକୁ ଖବରଦେଇଥିଲେ ।

ଖବର ପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଯୁବତୀ ଓ ତାଙ୍କର ପୁରୁଷ ବନ୍ଧୁଙ୍କୁ ଉଦ୍ଧାର କରିଥିଲେ । ପୋଲିସ ପୁରୁଷ ବନ୍ଧୁଙ୍କ କାରକୁ ଜବତ କରି ଥାନାରେ ଅଟକ ରଖିଥିଲେ । ତେବେ ଏସମ୍ପର୍କରେ ଯୁବତୀ ଜଣକ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଥାନା କେଶ ନଂ ୩୦୫/୨୦୨୬ରେ ଏକ ମାମଲା ରୁଜୁ କରିଥିଲା । ଖବର ପାଇ କଟକ ଜିଲ୍ଲା ଗ୍ରାମାଂଚଳ ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଡିଏସପି, ସାଲେପୁର ଏସଡିପିଓ ପ୍ରମୁଖ ଘଟଣାସ୍ଥଳରେ ପୋଲିସ ଫୋର୍ସ ସହ ପଂହଚି ତନାଘନା କରିଥିଲେ । ଏସପିଙ୍କ ନିର୍ଦ୍ଦେଶ କ୍ରମେ ଅବିଳମ୍ବେ ଅଭିଯୁକ୍ତମାନଙ୍କୁ ଗିରଫ ନିମନ୍ତେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ତତ୍ପରତା ପ୍ରକାଶ କରିଥିଲା । ତେବେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ନିମନ୍ତେ ପୋଲିସ ଚଢାଉ କରୁଥିବା ସମୟରେ ଅଭିଯୁକ୍ତମାନେ ଅମାନୁଷିକ ଭାବେ ଢେଲାପଥର ମାଡ କରିବା ଯୋଗୁ ନିଶ୍ଚିନ୍ତକୋଇଲି ଥାନାର ଏସଆଇ ସ୍ମୃତିରଞ୍ଜନ ସ୍ୱାଇଁ ଗୁରୁତର ଭାବେ ଆହତ ହୋଇଛନ୍ତି । ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ୨ଜଣଙ୍କୁ ଅଟକ ରଖିଥିବାର କହୁଥିଲା ବେଳେ ବାସ୍ତବ ପକ୍ଷେ ପୋଲିସ ପଞ୍ଝାରେ ୫ଜଣ ଅଭିଯୁକ୍ତ ରହିଥିବାର ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଅପରପକ୍ଷରେ ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ନିମନ୍ତେ ଜୋରଦାର ଚଢାଉ ଚାଲିଥିବାର ଜଣାଯାଇଛି । ପୋଲିସ ଯୁବତୀଙ୍କୁ ଡାକ୍ତରୀ ମାଇନା କରିଛି । ଆସନ୍ତାକାଲି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାଯାଇଛି । ତେବେ ଏହି ଘଟଣାର ତଦନ୍ତଭାର ଜଣେ ଡିଏସପି ପଯାହା ଅଧିକାରୀଙ୍କୁ ଦିଆଯାଇଥିବାର ଏସପି ପ୍ରକାଶ କରିଛନ୍ତି । ତେବେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିଲା ବେଳେ ଅଭିଯୁକ୍ତମାନଙ୍କୁ ଅବିଳମ୍ବେ ଗିରଫ କରାନଗଲେ କଂଗ୍ରେସ ତରଫରୁ ବ୍ୟାପକ ଗଣ ଆନ୍ଦୋଳନ କରାଯିବ ବୋଲି କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ ଚରମ ଚେତାବନୀ ଦେଇଛନ୍ତି ।

## ଚୋରାରେ ଚାଲିଛି ସାର ବେପାର : ୧୭୦ ବସ୍ତା ଜବତ

ପାରାଦୀପ/ନାଉଗାଁ, (ଜିପ୍ର/ସବ୍ୟୁ): ସାରାର ଅଭାବକୁ ଦୃଷ୍ଟିରେ ରଖି ଏବେ ଚୋରା ବ୍ୟବସାୟୀ ମାନେ ସେମାନଙ୍କର କାୟା ବିସ୍ତାର କରିବାରେ ଲାଗିଛନ୍ତି ପୁରୀ ଜିଲ୍ଲାରୁ ଅନେକ ସମୟରେ ଚୋରାରେ ସାର ଆସି ଜଗତସିଂହପୁର ଜିଲ୍ଲା ସୀମାବର୍ତି ଅଂଚଳ ନାଉଗାଁ ଦେଇ ଜିଲ୍ଲାର ବିଭିନ୍ନ ବ୍ଲକକୁ ସାର ଚାଲାଣ କରାଯାଉଛି ଗତ ସପ୍ତାହରେ ନାଉଗାଁ ବଜାର ନିକଟରୁ ୬୦ ବସ୍ତା ସାର ନାଉଗାଁ ପୋଲିସ ଜବତ କରିବା ପରେ ଏବେ ପୁଣି ୧୭୦ ବସ୍ତା ସାର ଜବତ କରିଛି ପ୍ରଶାସନ ।

ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ଜିଲ୍ଲା କୃଷି ଅଧିକାରୀ ବିଭୁଦତ୍ତ ସାହୁ ଓ ନାଉଗାଁ କୃଷି ଅଧିକାରିଣୀଙ୍କ ସମେତ ତହସିଲଦାର ଓ ନାଉଗାଁ ଥାନା ଅଧିକାରୀ ଦେବାଶିଷ ପଣ୍ଡା ସଦଳବଳେ ଯାଇ ଗାରେଇ ନିକଟରେ ଥିବା ଏକ ଦୋକାନ ଉପରେ ଚଢ଼ାଉ କରିବା ଫଳରେ ସେଠାରେ ଅଣ ପଂଜିକୃତ ଭାବେ ୩୫ ବସ୍ତା ସାର ଜବତ କରିବା ପରେ ଦୋକାନ ମାଲିକ ତାରକ ସାହୁଙ୍କୁ ପଚାର ଉଚରା କରିବା ପରେ ଡାହାଣୀଖିଆ ଗ୍ରାମର ଏକ ଘରେ ଚଢ଼ାଉ କରି ୧୩୫ ବସ୍ତା ସାର ଜବତ କରିଛି । ତାରକ ସାହୁ ନିଜ ଗ୍ରାମର ରଂଜିତ ସାହୁଙ୍କ ଘରେ



ଅନଧିକୃତ ଭାବେ ସାର ଗଛିତ ରଖିଥିବା ବେଳେ ଚଢ଼ାଉ ସମୟରେ ତାଙ୍କର ସାର ବିକ୍ରି କରିବାର ସ୍ୱୀକୃତି ନଥିବା ଜଣାପଡିଛି । ସେ ଅନଧିକାର ଭାବେ ଦୋକାନ ଓ ଉକ୍ତ ଘରେ ସାର ପୁରୀ ଜିଲ୍ଲାରୁ ଆଣି ଏଠାରେ ମହଜୁତ କରି ରଖି ଚାଷୀଙ୍କୁ ଚଢା ମୂଲ୍ୟରେ ବିକ୍ରି କରୁଥିବା ତଦନ୍ତ ସମୟରେ ଜଣାପଡିଛି ଜବତ ସାରକୁ କୃଷି ବିଭାଗ ନିକଟସ୍ଥ ଡେରିକି ସମବାୟ ସମିତିକୁ ହସ୍ତାନ୍ତର କରିଛି ।

ପୁରୀ ଜିଲ୍ଲା ନୂଆହାଟର ଜୈନିକ ବ୍ୟବସାୟୀ ନକଲି ସାର ଜଗତସିଂହପୁର ଜିଲ୍ଲାକୁ ଯୋଗାଉ ଥିବା ବେଳେ ଅନେକ ବ୍ୟବସାୟୀ ଏବେ ଅତ୍ୟନ୍ତ ଚତୁରତାର ସହ ସାର ଗଛିତ ରଖି ବିକ୍ରି କରୁଛନ୍ତି ଅନେକ ଚାଷୀ ନକଲି ସାର କବଳରେ ଆସି ନିଜ ବିଲରେ ସାର ପ୍ରୟୋଗ କରୁଥିଲେ ହେଁ ତାହା ସେତେଟା କାର୍ଯ୍ୟ କରୁ ନଥିବା ଜଣାପଡିଛି । ନାଉଗାଁ ଅଂଚଳରେ ଏବେବି ଆହୁରି ଅନେକ ସାର ଚୋରା ଭାବେ ଗଛିତ ରହିଥିବା ବେଳେ ଏଗୁଡ଼ିକୁ କେବେ ପ୍ରଶାସନ ଜବତ କରିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ନକଲି ସାର ସନ୍ଦେହରେ ଜବତ ସାରର ସାମ୍ପୁଲ ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯିବ ବୋଲି କୃଷି ଅଧିକାରିଣୀ ଯୁଗସ୍ମିତା ପାତ୍ର ପ୍ରକାଶ କରିଛନ୍ତି କୃଷି ବିଭାଗ ପକ୍ଷରୁ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରାଯିବ ପରେ ଏହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି ଜଣାପଡିଛି ।

## ଦିବ୍ୟାଙ୍ଗଙ୍କୁ ମିଳିଲା ବକେୟା ଭତ୍ତାରାଶି ସହ ଆଧାର କାର୍ଡ

ମହାକାଳପଡ଼ା, (ସବ୍ୟୁ): ମହାକାଳପଡ଼ା ବ୍ଲକ ଅଧୀନ ତେରଗାଁ ପଞ୍ଚାୟତ ଘୋଡ଼ାବନ୍ଧକୂଳ ଗାଁର ଦିବ୍ୟାଙ୍ଗ ଅନୁପମା ଦାସ ସାମର୍ଥ୍ୟ ଅଭାବରୁ ଆଧାର କେନ୍ଦ୍ର ଯାଇ ଆଧାର କାର୍ଡ ନିମନ୍ତେ ବାଇଓମେଟ୍ରିକ ରେ ସ୍କାନ କରିବା ସମ୍ଭବ ହେଉନଥିଲା। ଆଧାର କାର୍ଡ ନଥିବାରୁ ରାସନ ସାମଗ୍ରୀ, ଭିନ୍ନକ୍ଷମ ଭତ୍ତା ପଇସାରୁ ବଂଚିତ ଥିଲେ । ମଙ୍ଗଳବାର ମହାକାଳପଡ଼ା ବିଧାୟକ ତେରଗାଁ ତ୍ରିରଙ୍ଗା ଯାତ୍ରାରେ ସାମିଲ ଥିବା ବେଳେ ଭିନ୍ନକ୍ଷମ ତରଫରୁ ଅଭିଯୋଗ ହୋଇଥିଲା ।

ଏନେଇ ବିଧାୟକ ତତକ୍ଷଣାତ ବ୍ଲକ ସାମାଜିକ ସଂଗଠକ (ବିଏସଏସଓ )ଙ୍କୁ ଅବଗତ କରାଇଥିଲେ । ବୁଧବାର ଦିନ ବିଏସଏସଓ ସ୍ଥାନୀୟ ପଞ୍ଚାୟତର ଏଡିଓ ମଳୟ ସାହୁ, ଆଧାର କେନ୍ଦ୍ର ଅପରେଟର ଦୁଷ୍ମନ୍ତ ଦାସ ଓ ବଳରାମ ସାହୁ ଙ୍କୁ ସାଥିରେ ଧରି ଦିବ୍ୟାଙ୍ଗଙ୍କ ଗାଁ ରେ ପହଂଚିଥିଲେ । ଭାଜପା ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି ପ୍ରଦୀପ ସେଠୀ ସମ୍ପୃକ୍ତ ଟିମକୁ ଦିବ୍ୟାଙ୍ଗ ପରିବାର ନିକଟକୁ ଯାଇ ସହଯୋଗ କରିଥିଲେ । ପ୍ରଶାସନିକ ସହଯୋଗ ଟିମ ଦିବ୍ୟାଙ୍ଗ ବାଇଓମେଟ୍ରିକ ଯୋଗେ ଆଧାର କାର୍ଡ କରାଇବା ସହିତ ବକେୟା ତିନିମାସର ଭିନ୍ନକ୍ଷମ ଭତ୍ତା ରାଶି ପ୍ରଦାନ କରିଛନ୍ତି । ଏଥି ସହିତ ବାହାରକୁ ଯାତାୟତ ନିମନ୍ତେ ଏକ ହୁଇଲ ଚେୟାର ପ୍ରଦାନ କରିଛି ବ୍ଲକ ପ୍ରଶାସନ।

## ଜିନ୍ଦଲ ଷ୍ଟେନଲେସ୍‌ର ଏମଆଇଟି-ଡବ୍ଲ୍ୟୁପିୟୁ ସହ ଏମଓୟୁ

ବ୍ୟାସନଗର, (ଜିପ୍ର): ଟନେଲ୍ ଓ ଭୂତଳ ଭିତିଭୂମି ନିର୍ମାଣରେ ଷ୍ଟେନଲେସ୍ ଷ୍ଟିଲ୍‌ର ବ୍ୟବହାର ସମ୍ପର୍କରେ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ ପାଇଁ ଜିନ୍ଦଲ ଷ୍ଟେନଲେସ୍ ଏବଂ ପୁଣେସ୍ଥିତ ଏମଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । 'ଷ୍ଟେନଲେସ୍ ଷ୍ଟିଲ୍: ଟନେଲ୍ ଏବଂ ଭୂତଳ ସ୍ପେସ୍ ନିର୍ମାଣ ପାଇଁ ଏକ ସ୍ଥାୟୀ, ସବୁଜ ଏବଂ ଅଭିନବ ସାମଗ୍ରୀ' ଶୀର୍ଷକ ଏହି ପାଠ୍ୟକ୍ରମରେ ଷ୍ଟେନଲେସ୍ ଷ୍ଟିଲ୍‌ର ଗ୍ରେଡ୍ ଚୟନ, କ୍ଷୟ ପ୍ରତିରୋଧ, ଡିଜାଇନ୍, ୱେଲ୍ଡିଂ, ଫ୍ୟାବ୍ରିକେସନ୍ ଓ ଜୀବନଚକ୍ର ମୂଲ୍ୟାୟନ ଭଳି ବିଷୟରେ ଛାତ୍ରଛାତ୍ରୀଙ୍କୁ ବ୍ୟାବହାରିକ ଜ୍ଞାନ ଦିଆଯିବ । ପାଠ୍ୟକ୍ରମରେ ୪୦ଟି ଅଧିବେଶନ ସହ ୮ଟି ପ୍ରାକ୍ଟିକାଲ୍ ସେସନ୍, କେସ୍ ଷ୍ଟଡି, ଶିଳ୍ପ ବିଶେଷଜ୍ଞଙ୍କ ସହ ଆଲୋଚନା, କ୍ଷେତ୍ର ପରିଦର୍ଶନ ଓ ପ୍ରକଳ୍ପ ଭିତିକ ଶିକ୍ଷା ସାମିଲ ରହିବ । ପ୍ରଥମ ବ୍ୟାଚ୍‌ରେ ୨୫ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ଏହାକୁ ୬ଜଣ ଅଧାପକ ଓ ଶିଳ୍ପ ବିଶେଷଜ୍ଞ ପରିଚାଳନା କରିବେ । ଏମଓୟୁରେ ଜିନ୍ଦଲ ଷ୍ଟେନଲେସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ ଖୁଲବେ ଏବଂ ଏମଆଇଟି-ଡବ୍ଲ୍ୟୁପିୟୁର




ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗର ଡିନ୍ ଡ.ସିଦ୍ଧାର୍ଥ ଚକ୍ରବର୍ତୀ ସ୍ୱାକ୍ଷର କରିଥିଲେ । ଚୁକ୍ତି ୩ବର୍ଷ ପାଇଁ ବୈଧ ରହିବ ।

ଏହି ସହଯୋଗ ଅଧୀନରେ ଜିନ୍ଦଲ ଷ୍ଟେନଲେସ୍ ପାଠ୍ୟକ୍ରମ ବିକାଶ ସହ ବିଶେଷଜ୍ଞଙ୍କ ଦ୍ୱାରା ପ୍ରାକ୍ଟିକାଲ୍ ଶିକ୍ଷା, ଶିକ୍ଷଣୀୟ ସାମଗ୍ରୀ, ପ୍ଲାଂଟ ପରିଦର୍ଶନ, ଇଂଟର୍ଣ୍ଣସିପ୍ ଓ ବାସ୍ତବ ପ୍ରକଳ୍ପ ଆଧାରିତ ଶିକ୍ଷାରେ ସହଯୋଗ କରିବ । ନିକଟରେ ଏମଆଇଟି-ଡବ୍ଲ୍ୟୁପିୟୁର ଏକ ଅଧାପକ ଦଳ ଜିନ୍ଦଲ ଷ୍ଟେନଲେସ୍‌ର ଯାଜପୁର କାରଖାନା ପରିଦର୍ଶନ କରି ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନ, ଧାତୁ ବିଜ୍ଞାନ, ଗୁଣବତା ନିୟନ୍ତ୍ରଣ ଓ କ୍ଷୟ ପ୍ରତିରୋଧୀ ପ୍ରୟୋଗ ସମ୍ପର୍କରେ ଅନୁଭୂତି ହାସଲ କରିଥିଲେ । ଭାରତରେ ମେଟ୍ରୋ, ରେଳବାଇ, ରାଜପଥ, ଜଳବିଦୁ୍ୟତ ଓ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପରେ ଭୂତଳ ଭିତିଭୂମିର ବିକାଶ ଦ୍ରୁତ ଗତିରେ ବଢୁଥିବାରୁ ଏଭଳି ସ୍ଥାୟୀ ଓ କ୍ଷୟ-ପ୍ରତିରୋଧୀ ସାମଗ୍ରୀ ସମ୍ପର୍କରେ ଦକ୍ଷ ଇଞ୍ଜିନିୟର ଗଢ଼ିବାରେ ଏହି ପାଠ୍ୟକ୍ରମ ସହାୟକ ହେବ ବୋଲି ଜିନ୍ଦଲ ଷ୍ଟେନଲେସ୍ ଓ ଏମଆଇଟି-ଡବ୍ଲ୍ୟୁପିୟୁ ପକ୍ଷରୁ କୁହାଯାଇଛି ।

## ଓଜେସିର ସଦସ୍ୟତା ଅଭିଯାନ

ନିଶ୍ଚିନ୍ତକୋଇଲି ,(ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଡାକ ବଙ୍ଗଳା ଠାରେ ଓଜେସିର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଜେସି ଯୁବ ନେତା ରମାକାନ୍ତ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଓଜେସି ଉପସଭାପତି ତଥା ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ,ସାଧାରଣ ସମ୍ପାଦକ ଦୀପକ କୁମାର ପରିଡା, ସୂର୍ଯ୍ୟକାନ୍ତ ରାଉତ,ରାଜ୍ୟ ଯୁବ ସଭାପତି ଆର୍ଯ୍ୟବୀର ଲେଙ୍କା, କଟକ ଜିଲ୍ଲାସଭାପତି ଅନିଲ କୁମାର ବେଉରା ପ୍ରମୁଖ ଉପସ୍ଥିତ ରହି ଦଳର ଆଭିମୂଖ୍ୟ ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ଏହି ବୈଠକରେ ଯୁବନେତା ଶିବ ପ୍ରସାଦ ସେଠୀ, ଛାତ୍ର ନେତା ପିନାକୀ ସେଠୀ,ରବିନ୍ଦ୍ରନାଥ ମଳିକ, ମାନସ କୁମାର ଦାସ,ପ୍ରଶାନ୍ତ କୁମାର ମହାପାତ୍ର, ପ୍ରକାଶ ସାମଲ, ଜିତୁ ସେଠୀ, ଭରତ ଚନ୍ଦ୍ର ଦାସ, ବିନୋଦ ମଳିକ, ଅଜୟ କୁମାର ସେଠୀ, ଦେବପ୍ରସାଦ ସ୍ୱାଇଁ, ଟୁନି ମଳିକ, ଗୋଲଖ ବେଉରା ପ୍ରମୁଖ ଶତାଧିକ ବ୍ୟକ୍ତି ଓଜେସିର ସଦସ୍ୟତା ଗ୍ରହଣ କରିଥିଲେ। ଶେଷରେ ରାମଚନ୍ଦ୍ର ମଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଡିକାଲକୁ ହୁଇଲ ଚେୟାର ପ୍ରଦାନ କଲା ପ୍ରୟାଗ ଫାଉଣ୍ଡେସନ



ବ୍ୟାସନଗର, (ଜିପ୍ର): ପ୍ରୟାଗ ଫାଉଣ୍ଡେସନ ପକ୍ଷରୁ ଯାଜପୁର ରୋଡ ମେଡିକାଲକୁ ୪ଟି ହୁଇଲ ଚେୟାର ପ୍ରଦାନ କରାଯାଇଛି । ନଟପଦା ଗ୍ରାମର ବଚନ ସାମଲ ଓ ତାଙ୍କ ସହଧର୍ମିଣୀ ପ୍ରତୀକ୍ଷା ପ୍ରିୟଦର୍ଶିନୀଙ୍କ ସୁପୁତ୍ର ସ୍ୱର୍ଗତ ପ୍ରୟାଗର ସ୍ମୃତି ଉଦ୍ଦେଶ୍ୟରେ ପ୍ରୟାଗ ଫାଉଣ୍ଡେସନ ଗଠନ କରାଯାଇଛି ।

ଏହି ଫାଉଣ୍ଡେସନ ମାଧ୍ୟମରେ ବହୁ ଜନହିତକର କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ନିଷ୍ପତି ନିଆଯାଇଛି । ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ମେଡିକାଲକୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ଏହି ମହତ କାର୍ଯ୍ୟରେ ଡାକ୍ତର ପ୍ରସନଜିତ କର, ଡାକ୍ତର ଗୌତମ ସାହୁ, ଫାଉଣ୍ଡେସନର ସଭାପତି ବଚନ କୁମାର ସାମଲ ଓ କର୍ମଚାରୀ ଉପସ୍ଥିତ ଥିଲେ ।

### ଲଂଲଣ୍ଡରେ ଓଡ଼ିଆ ରେଷ୍ଟୁରାଣ୍ଟର ଗର୍ବ

## ରେଷ୍ଟୁରାଣ୍ଟ 'ଚିଲିକା'କୁ ମିଳିଲା 'ବେଷ୍ଟ ଅଫ ଲଣ୍ଡନ' ପୁରସ୍କାର




ନାଉଗାଁ, (ସବ୍ୟୁ) : ଇଂଲଣ୍ଡ ର ବେକ୍ସଲିହିଥ ଅଞ୍ଚଳରେ ଅବସ୍ଥିତ ପ୍ରସିଦ୍ଧ ଓଡ଼ିଆ ରେଷ୍ଟୁରାଣ୍ଟ 'ଚିଲିକା' ସୁନାମଧନ୍ୟ 'ଇଂଲିଶ କରି ଆୱାର୍ଡସ ୨୦୨୬'ରେ 'ବେଷ୍ଟ ଅଫ ଲଣ୍ଡନ' ସମ୍ମାନରେ ସମ୍ମାନିତ ହୋଇଛି । ଏହି ରେଷ୍ଟୁରାଣ୍ଟଟି ଓଡ଼ିଶାର ସ୍ୱାଦ ଏବଂ ଭାରତୀୟ ଷ୍ଟ୍ରିଟ ଫୁଡ ପାଇଁ ବେଶ ପରିଚିତ । ପ୍ରବାସୀ ଓଡ଼ିଆ ଶୁଭକାନ୍ତ ଦାସ ଏବଂ ଜଗତସିଂହପୁର ମାଟିର ପୁଅ ପାର୍ଥସାରଥୀ ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ରେଷ୍ଟୁରାଣ୍ଟ କେବଳ ଖାଦ୍ୟ ପରିବେଷଣ ନୁହେଁ, ବରଂ ବିଦେଶରେ ଓଡ଼ିଶାର ସଂସ୍କୃତି ଏବଂ ପରମ୍ପରାର ପ୍ରସାର ମଧ୍ୟ କରୁଛି । ଏହି ସଫଳତା ପରେ 'ଚିଲିକା' ପକ୍ଷରୁ ସୋସିଆଲ ମିଡିଆରେ ଏକ କୃତଜ୍ଞତା ଜ୍ଞାପନ କରାଯାଇଛି । ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ କହିଛନ୍ତି ଯେ, ଏହି ସଫଳତା କେବଳ ସେମାନଙ୍କର ନୁହେଁ, ବରଂ ଏହି ଯାତ୍ରାରେ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି, ସମସ୍ତ ପରିଶ୍ରମୀ ଶେଫ, କର୍ମଚାରୀ ଏବଂ ସାଧାରଣ ଗ୍ରାହକମାନଙ୍କର ଅଟେ । ଗ୍ରାହକମାନଙ୍କର ନିରନ୍ତର ସମର୍ଥନ ଏବଂ ଭୋଟିଂ ଯୋଗୁଁ ହିଁ ଏହି ଗୌରବଜନକ ସଫଳତା ହାସଲ ହୋଇପାରିଛି ବୋଲି ରେଷ୍ଟୁରାଣ୍ଟ ପକ୍ଷରୁ ପ୍ରକାଶ କରାଯାଇଛି । କେବଳ ଭଲ ଖାଦ୍ୟ ପରିବେଷଣ ନୁହେଁ, ବରଂ ଲୋକଙ୍କୁ ଏକାଠି କରିବା ଏବଂ ସାଂସ୍କୃତିକ ପରିବେଶ ସୃଷ୍ଟି କରିବା ହିଁ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରେଷ୍ଟୁରାଣ୍ଟ ପ୍ରତିଷ୍ଠାତା ପାର୍ଥସାରଥୀ ପଣ୍ଡା ଓ ଶୁଭକାନ୍ତ ଦାସ କହିଛନ୍ତି ।

## ସୁନା ବ୍ୟବସାୟୀଙ୍କଠାରୁ ଲୁଟ୍

ଯାଜପୁରସଦର, (ସବ୍ୟୁ) : ଯାଜପୁର ସଦର ଥାନା ଅନ୍ତର୍ଗତ ଶିବା ଛକରେ ଥିବା ମା' ମଙ୍ଗଳା ଜୁଏଲାରୀ ସୁନା ଦୋକାନର ମାଲିକ ବିଜୟ କୁମାର ସାହୁ ଲୁଟ୍ର ଶିକାର ହୋଇଥିବା ଜଣାପଡ଼ିଛି। ଦୁଇ ଗୋଟି ବାଇକ ସହ ୪ ଜଣ ଦୁର୍ବୃତ୍ତ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ବେଳେ ସୁନା ଦୋକାନର ମାଲିକ ବିଜୟଙ୍କ ବାଇକକୁ ଅଟକାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସୁନା ଗହଣା ଥିବା ବ୍ୟାଗ ଛଡ଼ାଇଥିଲେ। ତେବେ ଦୁର୍ବୃତ୍ତଙ୍କ ଠାରୁ ସ୍ତ୍ରୀ କଲ୍ୟାଣୀ ଗହଣା ବ୍ୟାଗ ଟିକୁ ଛଡ଼ାଇବା ସମୟରେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ। କଲ୍ୟାଣୀ ରାସ୍ତାରେ ପଡ଼ିଯାଇଥିବା ବେଳେ ଦୁର୍ବୃତ୍ତମାନେ ଦୁଇ ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ଗହଣା ବ୍ୟାଗ ଧରି ଶିବା ଛକ ପଟକୁ ବାଇକ ଯୋଗେ ଫେରାର ହୋଇଥିଲେ। ସଙ୍ଗେ ସଙ୍ଗେ ଦୋକାନ ମାଲିକ ବିଜୟ ଫୋନ ଯୋଗେ ୧୧୨ ପୋଲିସ ପେଟ୍ରୋଲିଂକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପାଇ ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରା ସଦଳ ବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବାବେଳେ ଏସ.ଡି.ପି.ଓ ପ୍ରଶାନ୍ତ କୁମାର ମାଝୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉକ୍ତ ବ୍ୟାଗ୍ରେ ୫୦ ଗ୍ରାମ ସୁନା ଗହଣା, ୫ କିଲୋଗ୍ରାମ ଓଜନର ରୂପା ଗହଣା ଓ ନଗଦ ୫୦,୦୦୦(ପଚାଶ ହଜାର) ଟଙ୍କା ଥିବା ନେଇ କଲ୍ୟାଣୀ ସାହୁ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ସଦର ଥାନା ପକ୍ଷରୁ କେସ ନମ୍ବର ୨୨୮/୨୬ ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ବିଦ୍ୟାଳୟରେ ପାଠ୍ୟ ପୁସ୍ତକ ବଣ୍ଟନ

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ଅନ୍ତର୍ଗତ ଇମାମନଗରସ୍ଥିତ ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟର ନବେ ବର୍ଷ ପୂର୍ତି ଉପଲକ୍ଷେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପୁରାତନ ଛାତ୍ର ଦେବବ୍ରତ ରାଉତ ଓ ସ୍ଥାନୀୟ ସରପଞ୍ଚ ତଥା ପୁରାତନ ଛାତ୍ର ତ୍ରିଲୋଚନ ଜେନା ମିଳିତ ଭାବେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା ଉନ୍ନତି ପାଇଁ ବର୍ଣ୍ଣବୋଧ, ଇଂରାଜୀ ଭାଷା ଶିକ୍ଷା ପାଇଁ ଟେନ୍ସ ଚାର୍ଟ ଓ ମହାପୁରୁଷଙ୍କ ଆତ୍ମ ଜୀବନୀ ବହି ବଂଟନ କରିଥିଲେ । ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଦନ ମୋହନ ସାମଲ ପୁରାତନ ଛାତ୍ରଙ୍କ ଏଭଳି ନିଆରା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

## ଜିଲ୍ଲାପାଳଙ୍କୁ ଲଗାଣ ବର୍ଷାରେ ଧାନ ଫସଲ ନଷ୍ଟ ଅଭିଯୋଗ

କେନ୍ଦ୍ରାପଡା, (ସବ୍ୟୁ): ଗତ ଲଘୁଚାପ ଜନିତ ଲଗାଣ ବର୍ଷାରେ କେନ୍ଦ୍ରାପଡା ବ୍ଲକ୍‌ର ଖାଲପାଟ ଓ ଉପର ଜମିର ଧାନ ଫସଲ ସମ୍ପୂର୍ଣ୍ଣ ପାଣିରେ ବୁଡି ରହିଛି। ପ୍ରଶାସନ ତରଫରୁ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ ସାହାଯ୍ୟ ପ୍ରଦାନ କରାଯିବା ପାଇଁ କେନ୍ଦ୍ରାପଡା ଜିଲ୍ଲା ଚାଷୀ ଶ୍ରମିକ ସଂଘ ଦାବୀ କରିଛନ୍ତି ।

ଗତ ଲଘୁଚାପ ଜନିତ ଲଗାଣ ବର୍ଷାରେ କେନ୍ଦ୍ରାପଡା ବ୍ଲକ୍‌ର ବ୍ୟାପକ ଧାନ ଫସଲ ପାଣିରେ ବୁଡି ରହିଥିବାରୁ ଚାଷ ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ ସମୟରେ ଜମିରେ ଧାନ ରୁଆ ଯାଇଥିବା ପାଟ ଜମି, ପ୍ରସ୍ତୁତ କରାଯାଇଥିବା ତଳି ଘେରା ସମ୍ପୂର୍ଣ୍ଣ ରୂପେ ପାଣିରେ ବୁଡ଼ିଥିବାରୁ ଧାନ ଓ ତଳି ଘେରା ଗୁଡ଼ିକ ନଷ୍ଟ ହେବାକୁ ଲାଗିଲାଣି। ବିଶେଷ କରି କେନ୍ଦ୍ରାପଡା ବ୍ଲକର ଚକ୍ରୋଡା ପାଟ, ଭରତ ପୁର ପାଟ, ଶ୍ୟାସୁନ୍ଦରପୁର ପାଟ, ଜମଧର ପାଟ, ବଗଡ଼ା ପାଟ, ଗୁଲନଗର, କପାଳେଶ୍ୱର ପାଟ, କଂସାର, ଆୟୋବା ପାଟ, ପୁରୁଷୋତ୍ତମ ପୁର ପାଟ ପାଣିରେ ବୁଡି ରହିଥିବାରୁ ଓ ଜଳ ନିଷ୍କାସନ ହୋଇପାରୁନଥିବାରୁ ଫସଲ ହାନି ନିଶ୍ଚିନ୍ତ ।

ପାଟର ପାଣି ନିଷ୍କାସନ ହୋଇ ପାରୁନାହିଁ, କାରଣ ଦୁହୁରିଆ ଠାରୁ ସେଣ୍ଟ ଜୋସେଫ ସ୍କୁଲ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଲୋକମାନେ ଘର ଦ୍ୱାର କରି ଜଳ ନିଷ୍କାସନ ପଥକୁ ଅବରୋଧ କରିଛନ୍ତି। ଉପରକୁ ୮ ଫୁଟ ଉଚ୍ଚ ୧୦ ଫୁଟ ଓସାର ଡ୍ରେନ୍ ଦେଖା ଯାଉଥିଲେ ମଧ୍ୟ ଜଳ ନିଷ୍କାସନ ହୋଇପାରୁନି। ଏହାର କାରଣ ଡ୍ରେନ୍‌କୁ ଭିତରେ ପୁରା ସଙ୍କୁଚିତ କରାଯାଇ ମାତ୍ର ୨ ଫୁଟ ନିଷ୍କାସନ ପଥ ରଖାଯାଇଛି।।

ପାଣି ନିଷ୍କାସନ ପଥରୁ ଅବରୋଧ ହଟାଇବା ପାଇଁ ପ୍ରଶାସନ ଦ୍ୱାରା ଏକ କମିଟି ଗଠନ କରାଯିବାର ଆବଶ୍ୟକତା ରହିଛି। ଯେଉଁଥିରେ ଜଳସେଚନ ବିଭାଗ, କୃଷିବିଭାଗ, ଡ୍ରେନେଜ୍ ବିଭାଗ ଏବଂ ଚାଷୀମାନେ ରହି ନିଷ୍କାସନର ବ୍ୟବସ୍ଥା କରିପାରିବେ ବୋଲି ଜିଲ୍ଲା ଚାଷୀ ଶ୍ରମିକ ସଂଘ ଜିଲ୍ଲାପାଳ ନିକଟରେ ଦାବି କରିକରିଛନ୍ତି । ଏହି ଦାବି ପତ୍ର ସମୟରେ ସଂଘର ସଭାପତି ଶରତ ମିଶ୍ର, କୃତିବାସ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦିପ୍ତ କୁମାର ମହାନ୍ତି, କିଶୋର ଚନ୍ଦ୍ର ମହାନ୍ତି, ଗୋଲଖ ଚନ୍ଦ୍ର ମହାନ୍ତି, ରଣଜିତ ସାମଲ, ମଧୁ ମହାନ୍ତି, ଅଞ୍ଜନ କୁମାର ପଲାଇ, ଦାମୋଧର ଜେନା, ଅଭିମନ୍ୟୁ ମହାନ୍ତି, ରମେଶ ଚନ୍ଦ୍ର ବାରିକ, ଅନନ୍ତ ଭୂୟାଁ, ଆଦିକନ୍ଦ ବଳ, ଅକ୍ଷୟ କୁମାର ତ୍ରିପାଠୀ, ବିଦୁ୍ୟଲତା ପଲାଇ, ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ସମେତ ବହୁ ଚାଷୀମାନେ ଉପସ୍ଥିତ ଥିଲେ ।

## ୱାର୍ଡ଼ସଭ୍ୟଙ୍କ ପରଲୋକ

ଡେରାବିଶ, (ସବ୍ୟୁ): ଡେରାବିଶ ବ୍ଲକ ବସପୁର ପଞ୍ଚାୟତ ଅନ୍ତର୍ଗତ ଆରିପଦା ଗ୍ରାମର ୮ ନଂ ୱାର୍ଡ଼ ସଭ୍ୟ କୈଳାସ ଚନ୍ଦ୍ର ବେହେରା (୫୦)ଙ୍କ ମଙ୍ଗଳବାର ଦିନ ଚିକିତ୍ସିତ ଅବସ୍ଥାରେ ଭୁବନେଶ୍ୱରର ଏକ ହସପିଟାଲରେ ପରଲୋକ ହୋଇଯାଇଛି । ସେ ସେଠାରେ ଦୀର୍ଘ ୧ ମାସର ଉର୍ଦ୍ଧ୍ୱ କାଳ ସେଠାରେ ଚିକିତ୍ସାଧିନ ଥିଲେ ।। ତାଙ୍କ ମରଶରୀର ଗ୍ରାମକୁ ଅଣାଯାଇ ପଞ୍ଚାୟତ କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରେ ସରପଞ୍ଚ କମଳା ଦାସ, ପୂର୍ବତନ ସରପଂଞ୍ଚଅମୃତରାଜ ବେହେରା, ନାଏବ ସରପଞ୍ଚ ପ୍ରକାଶ ଲେଙ୍କା ଏବଂ ସମସ୍ତ ୱାର୍ଡ଼ ସଭ୍ୟସଭ୍ୟା ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ଜୟପ୍ରକାଶ ମୁଖାଗ୍ନି ଦେଇଥିଲେ ।

## ବିଜେପିର ହର ଘର ତ୍ରିରଙ୍ଗା ଯାତ୍ରା



ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କବଟବନ୍ଧ, ଜେନାପୁର ମଣ୍ଡଳରେ ବିଜେପି ପକ୍ଷରୁ ବୁଧବାରଦିନ ହର ଘର ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ହିମାଂଶୁ ଶେଖର ସାହୁ ଉକ୍ତ ସ୍ଥାନ ଗୁଡିକରେ ଯୋଗଦେଇ ହାତରେ ତ୍ରିରଙ୍ଗା ପତକା ଧରି କର୍ମୀମାନଙ୍କ ସହିତ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ କବାଟବନ୍ଧ ମଣ୍ଡଳର ମର୍ଜିତାପୁର ଠାରେ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରାରେ ବିଧାୟକ ଶ୍ରୀ ସାହୁ ସାମିଲ ହୋଇ ରାଇଛନ୍ଦା ପର୍ଯ୍ୟନ୍ତ ଚାଲିଚାଲି ଯାଇଥିଲେ । ସେହିପରି ଜେନାପୁର ମଣ୍ଡଳର ସୁକୁଟିଝରସ୍ଥିତ ଧବଳାଇ ପୀଠ ଠାରେ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରାରେ ବିଧାୟକ ଶ୍ରୀ ସାହୁ ସାମିଲ ହୋଇ ହାତରେ ତ୍ରିରଙ୍ଗା ପତକା ଧରି କର୍ମୀଙ୍କ ଗହଣରେ ଚାଲି ଚାଲି ଚଡେଇଧରା ହାଟ ପଡିଆ ପର୍ଯ୍ୟନ୍ତ ଯାଇଥିଲେ । ପରେ ବିଧାୟକ ଶ୍ରୀ ସାହୁ କୋଟପୁର ମଣ୍ଡଳର କୋଟପୁର ଠାରେ ଅନୁଷ୍ଠିତ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଯୋଗଦେଇ ହଜାର ହଜାର କର୍ମୀମାନଙ୍କ ଗହଣରେ ହାତରେ ତ୍ରିରଙ୍ଗା ପତକା ଧରି ରମାପୁର ପର୍ଯ୍ୟନ୍ତ ଚାଲିଥିଲେ । ବିଧାୟକଙ୍କ ଏହି ଘର ଘର ତ୍ରିରଙ୍ଗା ଯାତ୍ରାରେ ବ୍ଲକ ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର,ବିଜେପି ମଣ୍ଡଳ ସଭାପତି ରାଜେଶ କୁମାର ପାଳ,ସଭାପତି ନେତ୍ରାନନ୍ଦ ପାତ୍ର,ମଣ୍ଡଳ ସଭାପତି ଶ୍ରୀବତ୍ସ ଧିର, ମଣ୍ଡଳ ସଭାପତି, ପ୍ରଶାନ୍ତ ନାୟକ, ପ୍ରଭାରୀ ଅଲୋକ ଲେଙ୍କା,ଯୁବ ସଭାପତି ଘନଶ୍ୟାମ ପାତ୍ର, ମଣ୍ଡଳ ଯୁବ ସଭାପତି କପିଳେନ୍ଦ୍ର ବେହେରା, ପ୍ରମୁଖ ଘର ଘର ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ ।

# ନନ୍ଦନକାନନ ଟାଇଗର ସଫାରୀରେ ହରିଣ ଶିକାର

ବାରଙ୍ଗ, (ସବ୍ୟୁ): ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷିତ ବୋଲି ଦାବି କରାଯାଉଥିବା ରାଜ୍ୟର ପ୍ରମୁଖ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଏବେ ଅବହେଳାର ପେଣ୍ଠସ୍ଥଳ ପାଲଟିଛି। କର୍ତ୍ତୃପକ୍ଷଙ୍କ ଚରମ ଦାୟିତ୍ୱହୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ ନନ୍ଦନକାନନ ଟାଇଗର ସଫାରୀ ଭିତରେ ଏକ ନିରୀହ ହରିଣକୁ ବାଘ ଜୀଅନ୍ତା ମାରି ଖାଇବା ଘଟଣା ସମଗ୍ର ସୁରକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପକାଇଛି। ଏହି ହୃଦୟବିଦାରକ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏବେ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି ଆଜି ଯଦି ବାଡ଼ ଡେଇଁ ବାଘ ପାଖରେ ହରିଣ ପହଞ୍ଚିପାରୁଛି, ତେବେ କାଲି ସଫାରୀ ବସ ଉପରେ ରକ୍ତମୁଖା ବାଘ ଆକ୍ରମଣ କରିବନି ତ ? ମଣିଷ ଜୀବନ ଏଠାରେ କେତେ ସୁରକ୍ଷିତ ?ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ସଫାରୀ ଗାଡ଼ିରେ ପର୍ଯ୍ୟଟକମାନେ ବୁଲୁଥିବା ସମୟରେ ହଠାତ ଗୋଟିଏ



ମହାବଳ ବାଘ ହରିଣ ଉପରକୁ ଝାମ୍ପ ମାରିଥିଲା। ହରିଣଟି ଜୀବନ ବିକଳରେ ଚିତ୍କାର କରୁଥିଲେ ମଧ କିଛି ମିନିଟ ମଧ୍ୟରେ ବାଘ ତାକୁ ରକ୍ତାକ୍ତ କରି ମାରି ପକାଇଥିଲା। ପର୍ଯ୍ୟଟକଙ୍କ ଆଖି ସାମ୍ନାରେ ଘଟିଥିବା ଏହି ଲୋମହର୍ଷଣକାରୀ ଦୃଶ୍ୟ ସମସ୍ତଙ୍କୁ ସ୍ତବ୍ଧ କରିଥିଲା।ଏଭଳି ଏକ ସମ୍ବେଦନଶୀଳ ଘଟଣା ଉପରେ ପ୍ରତିକ୍ରିୟା ରଖି ନନ୍ଦନକାନନ ଉପ-ନିର୍ଦ୍ଦେଶକ କହିଛନ୍ତି, ନନ୍ଦନକାନନ ଏକ ଅଭୟାରଣ୍ୟ ପରି ଏବଂ ଏଠାରେ ହରିଣମାନେ ମୁକ୍ତ ଭାବେ ବୁଲନ୍ତି। ସ୍ୱଭାବସୁଲଭ ଭାବେ ବାଘଟି ଆକ୍ରମଣ କରିଥାଇପାରେ। ସମସ୍ତ ବାଘଙ୍କୁ ନିୟମିତ ଭାବେ ଖାଦ୍ୟ ଯୋଗାଇ ଦିଆଯାଉଛି। ତେବେ ଉପ-ନିର୍ଦ୍ଦେଶକଙ୍କ ଏଭଳି ବୟାନ ନିଜ ଦୋଷ ଲୁଚାଇବାର ଏକ ଅପଚେଷ୍ଟା ବୋଲି ସ୍ପଷ୍ଟ ଜଣାପଡୁଛି। ତେବେ ନନ୍ଦନକାନନ ଏକ ନିୟନ୍ତ୍ରିତ ଚିଡ଼ିଆଖାନା, କୌଣସି ଖୋଲା ଜଙ୍ଗଲ ନୁହେଁ। ବନ୍ଦୀ ବାଘ ଏବଂ ମୁକ୍ତ ପ୍ରାଣୀଙ୍କ ମଧ୍ୟରେ ସୁରକ୍ଷିତ ବ୍ୟବଧାନ ରଖିବା ପ୍ରଶାସନର ମୁଖ୍ୟ ଦାୟିତ୍ୱ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ନନ୍ଦନକାନ ସଫାରୀ ଚାରିପାଖେ ୧୬ ଫୁଟ ର ଉଚ୍ଚ ତାରଜାଲି ବାଡ ଘେରା ସୁରକ୍ଷିତ ବଳୟ ଥାଏ। ତେଣୁ ବାହାର ଅଭୟାରଣ୍ୟରୁ ହରିଣ ଭିତରକୁ କେମିତି ପଶିଲା ? ତେବେ ଯଦି ହରିଣଟି ଭିତରକୁ ପଶିପାରିଲା, ତେବେ ବାଘ ମଧ ଡେଇଁ ବାହାରକୁ ଆସିବାର ଆଶଙ୍କା ରହିଛି। ଅତୀତରେ ଜଙ୍ଗଲୀ ବାଘ 'କାନନ' ଏବଂ 'ନନ୍ଦନ' ପ୍ରବେଶ କରିଥିବା ନଜିର ରହିଛି। ଅନ୍ୟପଟେ ଏନେଇ ପୂର୍ବତନ ପିସିସିଫ ସୁଦର୍ଶନ ପଣ୍ଡା କୁହନ୍ତି ନନ୍ଦନକା ନ ଅଭୟାରଣ୍ୟ ମଧ , ସେଠାରେ ବିଭିନ୍ନ ଜୀବଜନ୍ତୁ ଅଛନ୍ତି । ସଫାରୀ ଭିତରେ କେହି ହରିଣ ଛାଡ଼ି ନାହାନ୍ତି ସେଠାରେ ହରିଣ ଅଛନ୍ତି ସେଠାରେ ବାଘ ବେଳେ ବେଳେ ଶିକାର କରନ୍ତି ବୋଲି କହିଛନ୍ତି ।

## ଆଠଗଡ଼ରେ ଆମବସ ସେବା

ଆଠଗଡ଼ ,(ସବ୍ୟୁ): ଜନ ସାଧାରଣଙ୍କ ଦୀର୍ଘଦିନର ଦାବୀ ଆଠଗଡ଼ରୁ ଆମ ସେବା ଆରମ୍ଭ ହେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁଙ୍କ ଏ ନେଇ ସରକାରଙ୍କୁ ଦାବୀ କରିବା ପରେ ଏହି ସେବା ଆରମ୍ଭ ହେବାର ଆଶା ସଂଚାର ହୋଇଛି। ଏବେ ଏହି ବସ ଆଠଗଡ଼ ସହରରୁ ବାହାରି ଭାୟା କଖଡି, ଧବଳେଶର ହୋଇ କଟକ ଯିବା।ଏହା ଫଳରେ ଦୈନନ୍ଦିନ କାର୍ଯ୍ୟ ପାଇଁ କଟକ ଯିବା ଆସିବା କରୁଥିବା କର୍ମଜୀବୀ, ଛାତ୍ରଛାତ୍ରୀ,ବ୍ୟସାୟୀ ମାନେ ଉପକୃତ ହେବେ ବୋଲି ଜଣାପଡିଛି। ବିଧାୟକ ସ୍ୱାଇଁ ପତ୍ର ସଂଖ୍ୟା ୪୦୪/(୦୩/୦୮/୨୬)କୁ ଭିତ୍ତି କରି ଏହାର ତୁରନ୍ତ କାର୍ଯ୍ୟକାରିତା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇ ଥିବା ଜଣାପଡିଛି।

## ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ : ନୂଆ ଜଗନ୍ନାଥ ସଡ଼କ ଅବରୋଧ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ସିକୋ ପଞ୍ଚାୟତ ଅନ୍ତର୍ଗତ ବେଲପଡ଼ା ଗ୍ରାମର ପଦ୍ମ ଚରଣ ମାଝୀ (୪୦) ମଙ୍ଗଳବାର ମଧ୍ୟରାତ୍ରିରେ ଘର ବାହାରକୁ ଆସିଥିବାବେଳେ ଅତର୍କିତ ଭାବେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ପରେ ପରିବାର ସଦସ୍ୟମାନେ ତାଙ୍କୁ ନିକଟସ୍ଥ ବିଲ ବାଡ଼ ନିକଟରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏ ନେଇ ମୃତକଙ୍କ ବଡ଼ଭାଇ ପଙ୍କଜ ମାଝୀ ଜଙ୍କିଆ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ମୃତଦେହର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।ମୃତକଙ୍କ ଦୁଇଟି ଛୋଟ ପୁଅ ଓ ଝିଅ ଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ସହ କ୍ଷତିପୂରଣ ପ୍ରଦାନ ପାଇଁ ବିଧାୟକ ପ୍ରଦୀପ କୁମାର ସାହୁ ଓ ସମାଜସେବୀ ସଞ୍ଜୟ କୁମାର ବାହୁବଳେନ୍ଦ୍ରଙ୍କ ସମେତ ବିଭିନ୍ନ ମହଲରୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ଏଥିରେ ସ୍ଥାନୀୟ ଜନ ସାଧାରଣ କ୍ଷତି ପୂରଣ ଦାବିରେ ରଣପୁର-ଜଙ୍କିଆ ଜଗନ୍ନାଥ ସଡ଼କ ଟାୟାର ଜାଳି ତିନି ଘଣ୍ଟା ଧରି ଅବରୋଧ କରିଥିଲେ । ପରେ ଜଙ୍କିଆ ଭାରପ୍ରାପ୍ତ ଥାନା ଅଧିକାରୀ ପୁଲିସ କର୍ମଚାରୀ ପହଁଚି ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିବା ସହ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ମହିଳାଙ୍କ ଠାରୁ ଲୁଟି ଅଭିଯୁକ୍ତ କୋର୍ଟ ଚାଲାଣ

ଫୁଲନଖରା ,(ସବ୍ୟୁ): :ପାହାଳ ଥାନା ଅଞ୍ଚଳରେ ମହିଳାଙ୍କୁ ପିଛା କରି ଭ୍ୟାନିଟି ବ୍ୟାଗ ଲୁଟ ଘଟଣାରେ ପାହାଳ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାରପଡ଼ା ମୁସଲିମ ସାହିର ସଲିମ ଖାଁଙ୍କ ପୁଅ ରାଜୁ ଓରଫ ଫରାଜ ଖାଁ (୨୫)। ତାଙ୍କ ନିକଟରୁ ତିନୋଟି ମୋବାଇଲ ଫୋନ ଏବଂ ଲୁଟ ଘଟଣାରେ ବ୍ୟବହୃତ ଏକ ମୋଟରସାଇକେଲ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୨୪ ତାରିଖ ସନ୍ଧ୍ୟାରେ ରେ ପାହାଳ ଥାନା ଅନ୍ତର୍ଗତ ବାଙ୍ଗୁଆରୀସ୍ଥିତ ଶ୍ରୀଗୁରୁ ଭିଲ୍ଲାରେ ରହୁଥିବା ଅଭିଯୋଗକାରିଣୀ ବୈଜୟନ୍ତୀ ରଥ ନିଜ ସାନ ଭଉଣୀ ସ୍ମୃତିଙ୍କ ସହ ଅଫିସରୁ ସ୍କୁଟି ଯୋଗେ ଘରକୁ



ଫେରୁଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ମୋଟରସାଇକେଲ୍ରେ ସେମାନଙ୍କୁ ପିଛା କରିଥିଲେ। ପାହାଳ ମାର୍କେଟସ୍ଥିତ 'କାର୍ ମାର୍ଟ' ସମ୍ମୁଖରେ ପହଞ୍ଚିବା ପରେ ଅଭିଯୁକ୍ତ ବୈଜୟନ୍ତୀଙ୍କ ଭ୍ୟାନିଟି ବ୍ୟାଗ୍ଟୁ ବଳପୂର୍ବକ ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବ୍ୟାଗ ମଧ୍ୟରେ ଏକ ମୋବାଇଲ ଫୋନ, ପ୍ରାୟ ୧୫ ଗ୍ରାମ ଓଜନର ସୁନା ଚେନ, ଦୁଇଟି ମୁଦି ଏବଂ ୧୫ ହଜାର ଟଙ୍କା ନଗଦ ଥିଲା। ଅଭିଯୁକ୍ତଙ୍କଠାରୁ ବ୍ୟାଗ୍ଟି ବଞ୍ଚାଇବା ପାଇଁ ବୈଜୟନ୍ତୀ ପ୍ରତିରୋଧ କରିଥିଲେ। ଘଟଣାକୁ ନେଇ ବୈଜୟନ୍ତୀ ପାହାଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ପାହାଳ ଥାନା କେସ ନମ୍ବର ୩୧୬/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କ ସମ୍ପର୍କରେ ସୁରାକ ପାଇଥିଲା। ପରେ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ପୁଲିସ ଚଢ଼ଉ କରି ଅଭିଯୁକ୍ତ ରାଜୁ ଓରଫ ଫରାଜ ଖାଁଙ୍କୁ ତାଙ୍କ ଘରୁ କାବୁ କରିଥିଲା। ପୁଲିସ ତଦନ୍ତରୁ ଅଭିଯୁକ୍ତ ଏହିପରି ସମାନ ଢଙ୍ଗରେ ଆଉ ଦୁଇଟି ଲୁଟ ଘଟଣା ଘଟାଇଥିବା ଜଣାପଡ଼ିଛି। ଏନେଇ ପାହାଳ ଥାନାରେ କେସ ନମ୍ବର ୩୧୨/୨୦୨୬ ରୁଜୁ ହୋଇ ତଦନ୍ତ ଚାଲିଛି। ଏହି ମାମଲା ସମ୍ପର୍କରେ ଜଣେ ମହିଳାଙ୍କଠାରୁ ଲୁଟ ହୋଇଥିବା ଏକ ଛିଣ୍ଡା ସୁନା ଚେନ ମଧ ଅଭିଯୁକ୍ତଙ୍କ ନିକଟରୁ ଜବତ କରାଯାଇଛି। ଏହାବ୍ୟତୀତ ଅଭିଯୁକ୍ତଙ୍କ ନାମରେ ଶହୀଦନଗର, ମୈତ୍ରୀବିହାର ଓ ଲକ୍ଷ୍ମୀସାଗର ଥାନାରେ ଗୋଟିଏ ଲେଖାଏଁ ମାମଲା ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି।

# ନୟାଗଡ଼ ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ଖଣ୍ଡପଡ଼ା,(ସବ୍ୟୁ): - ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହ ମଧ୍ୟରେ ନୟାଗଡ଼ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନଶୁଣାଣି କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସମେତ ଜିଲ୍ଲାଧିକାରୀ



ମାନେ ଉପସ୍ଥିତ ଥିଲେ।ପୂର୍ବାହ୍ନ ୧୦ଟାରୁ ଏହି ଜନଶୁଣାଣୀ ଶିବିର ଆରମ୍ଭ ହୋଇଥିବା ବେଳେ ରାସନକାର୍ଡ, ଭତ୍ତା, ଜମି ପଟ୍ଟା, ଆବାସ ଯୋଜନା ଭଳି ବ୍ୟକ୍ତିଗତ ମାମଲା ୧୧୬ ଗୋଟି,ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ -୨୭ ଗୋଟି, ଗ୍ରାମୀଣ ସମସ୍ୟାର ସମାଧାନ ପାଇଁ ୪ ଗୋଟି ଏଭଳି ମୋଟ ୧୪୭ ଗୋଟି ସମସ୍ୟା ଭିତ୍ତିକ ଦରଖାସ୍ତ ଗ୍ରହଣ କରାଯାଇଥିବା ସମୟରେ ସେଥିମଧ୍ୟରୁ ୬୪ ଗୋଟି ମାମଲାର ତୁରନ୍ତ ସମାଧାନ କରାଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ବିଜେଡି ନେତା ତଥା ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ଭାପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିଛି ଅସାଧୁ ଅଧିକାରୀ, କର୍ମଚାରୀ ଓ ଶାସକ ଦଳର ନେତା ଆବାସ ଗୃହ କାର୍ଯ୍ୟାଦେଶ ପ୍ରଦାନ ପାଇଁ ଲାଞ୍ଚ ନେଇଥିବା ସଂପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଲିଖିତ ଅଭିଯୋଗ କରିଥିବା ଦେଖିବାକୁ ମିଳିଥିଲା। ସମସ୍ତ ପଞ୍ଚାୟତ ଗୁଡିକରେ ଲାଞ୍ଚ ନଦେବା ପାଇଁ ଏକ ସଚେତନତା ରଥ ପରିକ୍ରମା କରାଇବା ନିମନ୍ତେ ଜିଲ୍ଲାପାଳଙ୍କୁ ଉପାଧକ୍ଷ ଅନୁରୋଧ କରିଥିଲେ। ସ୍ଥାନୀୟ ବ୍ଲକ ଅଧକ୍ଷା ଉପମା ବେହେରା,ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ,ଏନ ଏ ସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର,ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ା.ଅଭିଷାର ପଣ୍ଡା, ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କ ସହ ବିଭିନ୍ନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିଥିଲେ। ଥାନାଧିକାରୀ କୃତିବାସ ହରିଚନ୍ଦନ ସଦଳବଳେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ବେଳେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିବା ଜଣାଯାଇଛି।

# ୬ଦିନିଆ ବାଳିକା ଆତ୍ମ ପ୍ରଶିକ୍ଷଣ ଶିବିର ଉଦଘାଟିତ

ବଳଙ୍ଗା,(ସବ୍ୟୁ): ସ୍ଥାନୀୟ ବଳଙ୍ଗା ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ କକ୍ଷ ପକ୍ଷରୁ ୬ଦିନିଆ ମହିଳା ଆତ୍ମ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଦିନ ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଭାତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ବଳଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁ ମୁଖ୍ୟ ଅତିଥି, ସକ୍ତିଶ୍ରୀ ସଂଯୋଜିକା ମୋନିକା ମଞ୍ଜରୀ, ଆଭ୍ୟନ୍ତରୀଣ ଅଭିଯୋଗ କକ୍ଷର ଅଧକ୍ଷା ରାଜଲକ୍ଷ୍ମୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ଆତ୍ମ ସୁରକ୍ଷାର ଆବଶ୍ୟକତା ଓ ବିପଦ ସମୟରେ କିଭଳି ବ୍ୟବହାର କରି ନିଜକୁ ସୁରକ୍ଷା ରଖିପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ସେହିଭଳି ମୁଖ୍ୟ ଅତିଥି ଶ୍ରୀମତୀ ସାହୁ ମହିଳା ଆଇନ ସୁରକ୍ଷା ଉପରେ ରହିଥିବା ବିଭିନ୍ନ ସମ୍ବେଦନ ଶୀଳ ନିୟମ ଉପରେ ମତବ୍ୟକ୍ତ କରିବା ସହ ଯେ କୌଣସି କ୍ଷେତ୍ରରେ ମହିଳାଙ୍କ ଉପରେ ଶାରିରୀକ ଅତ୍ୟାଚାର କିମ୍ବା ସେମାନଙ୍କ ପ୍ରତି ଶାବ୍ଦିକ ଅଥବା ଅଶାଳୀନ ବ୍ୟବହାର ବିରୁଦ୍ଧରେ ସମସ୍ତେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ୧୦୭ଜଣ ଛାତ୍ରୀଙ୍କୁ ପ୍ରସିକ୍ଷିକା ରାଜଶ୍ରୀ ମହାପାତ୍ର ଆତ୍ମରକ୍ଷା ଉପରେ ପ୍ରାରମ୍ଭିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ମିଥୁନ ମଲ୍ଲିକ କାର୍ଯକ୍ରମ ପରିଚାଳନା କରିଥିଲା ବେଳେ ଶିକ୍ଷା ଅଧାପକ ନୀଳକଣ୍ଠ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସ୍ଥ ମାନସିକତା ଓ ନୈତିକ ମୂଲ୍ୟବୋଧ ଜାଗ୍ରତ କରିବା ଉଦ୍ଦେଶ୍ୟରେ ନିଶା ମୁକ୍ତି ଏବଂ ଦିବ୍ୟ ଜୀବନଶୈଳୀ ଶୀର୍ଷକ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ବ୍ରହ୍ମାକୁମାରୀ କେନ୍ଦ୍ରର ପ୍ରତିନିଧିମାନେ ଯୋଗଦେଇ ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ବଢୁଥିବା ମୋବାଇଲ ନିଶା ଉପରେ ଚିନ୍ତା ପ୍ରକଟ କରିଥିଲେ। ଅତ୍ୟଧିକ ମୋବାଇଲ ବ୍ୟବହାର ଦ୍ୱାରା ଏକାଗ୍ରତା ହ୍ରାସ ପାଇବା ସହ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏହାସହ ନିଶାଦ୍ରବ୍ୟ ସେବନରୁ ଦୂରେଇ ରହି ଏକ ସୁସ୍ଥ ସମାଜ ଗଠନରେ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା।ବିଦ୍ୟାଳୟର ଅଧକ୍ଷ ବିଶ୍ୱନାଥ ପାଢ଼ୀ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଥିଲେ ନିଶା କେବଳ ଶରୀର ନୁହେଁ, ବରଂ ବୁଦ୍ଧି ଓ ଭବିଷ୍ୟତକୁ ନଷ୍ଟ କରିଦିଏ। ତେଣୁ ଶୈଶବରୁ ହିଁ ନୈତିକତା ଓ ଆଧ୍ୟାତ୍ମିକତାକୁ ଆପଣାଇ ଏକ ଦିବ୍ୟ ଜୀବନ ଗଢ଼ିବା ପାଇଁ ସେ ପରାମର୍ଶ ଦେଇଥିଲେ।କାର୍ଯ୍ୟକ୍ରମର ଶେଷରେ ଏକ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜ ଜୀବନକୁ ନିଶାମୁକ୍ତ ରଖିବା ସହ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ ପାଇବେ ସ୍ୱନ୍ତ୍ରତ ଗୌରବ ସମ୍ମାନ ୨୦୨୬

ଭୁବନେଶ୍ୱର, (ସବ୍ୟୁ): ସ୍ୱାଧୀନତାର ୮୦ତମ ବାର୍ଷିକ ଉତ୍ସବ ତଥା ରାଷ୍ଟ୍ରୀୟ ପର୍ବ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରେସ କ୍ଲବ ଅଫ ୱର୍କିଙ୍ଗ ଜର୍ନାଲିଷ୍ଟ ଭୋପାଳ ,ପକ୍ଷରୁ ଭାରତ ବର୍ଷର ବଛା ବଛା ସାମ୍ବାଦିକ ଓ ସାହିତ୍ୟିକଙ୍କୁ ସ୍ୱତନ୍ତ୍ରତା ଗୌରବ ୨୦୨୬ ରେ ସମ୍ମାନିତ କରିବାପାଇଁ ସଂଗଠନର ଅଧକ୍ଷ ଡ଼ ସୟିଦ ଖାଲିଦ ରାଷ୍ଟ୍ରୀୟ ମହାସଚିବ ଶଶୀ ଦୀପ ସୂଚନା ପ୍ରଦାନ କରିଅଛନ୍ତି। ଯାହା ସଂଗଠନର ମୁଖପାତ୍ର ୱର୍କିଙ୍ଗ ଯର୍ନାଲିଷ୍ଟ୍ସ ଟାଇମ୍ସରେ ପ୍ରକାଶିତ ହୋଇଛି।ଭାରତ ବର୍ଷର ସ୍ୱନ୍ତ୍ରତା



ଗୌରବ ସମ୍ମାନ ୨୦୨୬ ପାଇବାକୁ ମନୋନୀତ ହୋଇଥିବା ୧୦ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେଓଡ଼ିଶାର ବରିଷ୍ଠ ସ୍ତମ୍ଭକାର, ସାମ୍ବାଦିକ ଶ୍ରୀରାମ ଦାଶଙ୍କ ନାମ ରହିଛି। ଅନ୍ୟ ମାନଙ୍କ ମଧ୍ୟରେ ମୁମ୍ବାଇ ର ଲୋକ ପ୍ରତିନିଧି ଶ୍ରୀମତୀ ନିଶା ପରୁଲେକର।ରାକେଶ ଛୋକର ସାହିତ୍ୟିକ ଦିଲୀପ ପଣ୍ଡିତ , ପି କେ ତିୱାରୀ ବରିଷ୍ଠ ସାମ୍ବାଦିକ ରାୟପୁର,କ୍ରିଷ୍ଣାନନ୍ଦ ଶାସ୍ତ୍ରୀ ବରିଷ୍ଠ ସାମ୍ବାଦିକ ଭୋପାଲ, ବିନୟ ମାଥୁର ପ୍ରକାଶକ ଦିଲ୍ଲୀ ,ଡ଼ ଘନଶ୍ୟାମ ଦାସ ସାହିତ୍ୟିକ ପୁନେ, ସୁନୀଲ ଆଜାଦ ତମ୍ବୋଲି ଯୁବ କ୍ରାନ୍ତିକାରୀ ସାମ୍ବାଦିକ ରାଇପୁର, ଡ଼ ଅପୂର୍ବା ଚକ୍ରବର୍ତ୍ତୀ ପଶ୍ଚିମବଙ୍ଗରୁହା କଦରା ଉତ୍ତରାଖଣ୍ଡ ରହିଛନ୍ତି। ଆସନ୍ତା ସ୍ୱାଧୀନତା ଦିବସରେ ଏହି ବରେଣ୍ୟ ବ୍ୟକ୍ତି ବିଶେଷଙ୍କୁ ସତନ୍ତ୍ରତା ଗୌର ସମ୍ମାନ ପ୍ରଦାନ କରାଯିବ।

## ବର୍ଷାରେ ଉଜୁଡ଼ିଲା ଧାନଚାଷ : ସହାୟତା ଅପେକ୍ଷାରେ ଚାଷୀ

ସାକ୍ଷୀଗୋପାଳ ,(ସବ୍ୟୁ): ଅତ୍ୟଧିକ ବର୍ଷା ଓ ବନ୍ୟାଜଳରେ ଉଜୁଡ଼ିଯାଇଛି ଚାଷୀଙ୍କ ଆଶା। ପୁରୀ ଜିଲା ସତ୍ୟବାଦୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ତଳି ଓ ରୁଆ ଫସଲ ଜଳମଗ୍ନ ହୋଇଥିବାବେଳେ ଅନେକ ଚାଷଜମିରେ ଦୀର୍ଘ ଦିନ ଧରି ଏବେ ବି ବର୍ଷା ପାଣି ଜମି ରହିଛି। ଫଳରେ ଧାନ ଫସଲ ନଷ୍ଟ ହେବା ସହ ଚାଷୀଙ୍କ ମୁଣ୍ଡରେ ଚିନ୍ତାର ପାହାଡ଼ ଛିଡ଼ା ହୋଇଛି। ଏଭଳି ସ୍ଥିତିରେ ସତ୍ୟବାଦୀ ବ୍ଲକରେ ଫସଲ କ୍ଷୟକ୍ଷତିର ତୁରନ୍ତ ସରକାରୀ ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ଆବଶ୍ୟକ ସହାୟତା ଯୋଗାଇଦେବାକୁ ନୀଳାଚଳ କୃଷକ ମହାସଂଘ ଦାବି କରିଛି।ବୁଧବାର ଦିନ ମହାସଂଘ ପକ୍ଷରୁ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଜରିଆରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।ସଂଗଠନ ପକ୍ଷରୁ ଦାବି ରହିଛି ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତର ବିଭିନ୍ନ ମୌଜାରେ ବର୍ଷା ଓ ବନ୍ୟାଜଳ ଖରିଫ ଧାନ ଚାଷକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଶୁକଳ, ମଧୁବନ, କେତକୀପାଟଣା, ବଳରାମପୁରଗଡ଼, ବିଶ୍ୱନାଥ ପୁର ଓ ବାସୁଦେଇ ପୁର ସମେତ ବିଭିନ୍ନ ଅଞ୍ଚଳରେ ଚାଷଜମିରେ ପାଣି ଜମି ରହିଛି। ଚାଷୀମାନେ ଧାରକରଜ ଋଣ କରି ଚାଷ କରିଥିବାବେଳେ ଫସଲ ନଷ୍ଟ ହେଲେ ଋଣ ଶୁଝିବା ସେମାନଙ୍କ ପାଇଁ କଷ୍ଟକର ହେବ। ତେଣୁ ବିଳମ୍ବ ନକରି କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲ କ୍ଷତିପୂରଣ ଦେବା ସହ ଆଗାମୀ ଚାଷ ପାଇଁ ବିହନ, ସାର ଓ ଆବଶ୍ୟକ କୃଷି ସାମଗ୍ରୀ ଯୋଗାଇଦେବାକୁ ଦାବି ହୋଇଛି।ପ୍ରତିବର୍ଷ ବର୍ଷା ଓ ବନ୍ୟା ସମୟରେ ଚାଷଜମିରେ ପାଣି ଜମି ଫସଲ ନଷ୍ଟ ହେଉଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ନାଳ, ଜଳପଥ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମହାସଂଘ ଦାବି କରିଛି। କାର୍ଯ୍ୟକ୍ରମରେ ନୀଳାଚଳ କୃଷକ ମହାସଂଘର ଅଧକ୍ଷ ନିରଞ୍ଜନ ମହାପାତ୍ର, ଯୁଗ୍ମସମ୍ପାଦକ ଚନ୍ଦ୍ରକାନ୍ତ ରାଉତରାୟ, କୋଷାଧକ୍ଷ ଫଗୁଚରଣ ପରିଡ଼ା, ବରିଷ୍ଠ ସଦସ୍ୟ ରାମଚରଣ ଚୌଧୁରୀ, ପ୍ରଭାକର ସ୍ୱାଇଁ, ପ୍ରଶାନ୍ତ କୁମାର ପ୍ରଧାନ, ରାଜକିଶୋର ସାହୁ, ସୁଦର୍ଶନ ବେହେରା ଓ ମାଧବ ମଳିକ ପ୍ରମୁଖ ଯୋଗଦେଇଥିଲେ। ସତ୍ୟବାଦୀ ବ୍ଲକର ସମସ୍ତ ପଞ୍ଚାୟତରୁ କୃଷକ ପ୍ରତିନିଧି ଓ ସଦସ୍ୟମାନେ ମଧ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଲଘୁଚାପ ଲଗାଣ ବର୍ଷାରେ ଭାଙ୍ଗିଲା ଘର

ଟାଙ୍ଗୀ,(ସବ୍ୟୁ): ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଟାଙ୍ଗୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ନାନା ସମସ୍ୟା ଦେଖାଦେଇଛି। ଏହାର ଏକ ନଗ୍ନ ଚିତ୍ର ଦେଖିବାକୁ ମିଳିଛି ଟାଙ୍ଗୀ ତହସିଲ ଅଧିନସ୍ଥ କୁହୁଡି ଗ୍ରାମପଞ୍ଚାୟତ ଅଧିନ ଲକ୍ଷ୍ମୀଧର ପୁର ଗ୍ରାମରେ। ସିଲୁ ପାତ୍ରଙ୍କ ପରିବାରର କାହାଣୀ । ଚାଳ ଛପର ଘରଟି ଶନିବାର ଦିନ ଲଗାଣ ବର୍ଷାରେ ଭାଙ୍ଗି ଚୂରମାର ହୋଇପଡିଥିବା ଦେଖିବାକୁ ମିଳିଛି ଫଳରେ ଦୁର୍ଦ୍ଦଶା ମଧ୍ୟରେ ପରିବାର ଅଛନ୍ତି। ବର୍ଷବର୍ଷ



ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଅନେକ ଅସହାୟ ଗରିବ ପରିବାର ସରକାରୀ ଆବାସ ପାଇବାରୁ ବଞ୍ଚିତ ଥିବା ବେଳେ ଏହାର ଜ୍ୱଳନ୍ତ ଉଦାହରଣ ସିଲୁ ପାତ୍ର ଙ୍କ ପରିବାର । ତେବେ ଏତେ ଦିନ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧି ଏଭଳି ପରିବାର ପ୍ରତି କିପରି ଦୃଷ୍ଟି ପଡିନି ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ର ବିଷୟ ପାଲଟିଛି। ସିଲୁ ପାତ୍ରଙ୍କ ପରି ଅନେକ ଲୋକ କୁହୁଡି ପଞ୍ଚାୟତରେ ଅଛନ୍ତି ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ସହ ଆବାସ ଯୋଜନା ରେ ଘର ଖଣ୍ଡେ ଯୋଗାଇ ଦେବାକୁ ସ୍ଥାନୀୟ ଯୁବ ସମାଜସେବୀ ତପନ କୁମାର ଛୋଟରାୟ, ବସନ୍ତ ସିଂହଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

## ପୁନଃ ଅବସ୍ଥାପିତ ହେଲେ କଣ୍ଡରେଇ ସରପଞ୍ଚ

ଆଠଗଡ ,(ସବ୍ୟୁ): ଓଡ଼ିଶା ହାଇକୋର୍ଟ ଙ୍କ ୨ଜଣିଆ ଖଣ୍ଡପୀଠ ରେ ବିଜୟୀ ହେବା ପରେ ଆଠଗଡ଼ ବ୍ଲକ କଣ୍ଡରେଇ ଗ୍ରାମ ପଞ୍ଚାୟତ ସରପଞ୍ଚ ଜ୍ଞାନ ରଞ୍ଜନ ଦାଶଙ୍କୁ ପୁଣି ପଦବୀରେ ଅବସ୍ଥାପିତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।ଏ ନେଇ କଟକ ଜିଲ୍ଲାପାଳ ଙ୍କ ଆଦେଶନାମା ୧୦୬୧/୧୧/୦୮/୨୬ ଅନୁସାରେରେ କଟକ ଜିଲ୍ଲା ପାଳଙ୍କ ଦାରା ଗତ ଜୁଲାଇ ମାସ ୨୭ ତାରିଖର ନିର୍ଦ୍ଦେଶନାମା କୁ ରଦ୍ଦ କରାଯାଇ ପୁନର୍ବାର ଦାଶଙ୍କୁ ସରପଞ୍ଚ ରୂପେ କାର୍ଯ୍ୟ କରିବା ପାଇଁ ଆଠଗଡ଼ ବିଡ଼ିଓ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଏ ନେଇ ଆଠଗଡ଼ ବିଡିଓ ଏକ ସତନ୍ତ୍ର ନୋଟିସ ମାଧ୍ୟମରେ ଗ୍ରାମ ପଞ୍ଚାୟତରେ ଜଣାଇଛନ୍ତି।ଅନ୍ୟ ଆଦେଶନାମା ନ ଆସିବା ପର୍ଯ୍ୟନ୍ତ ଦାଶ ସରପଞ୍ଚ ରୂପେ କାର୍ଯ୍ୟ ତୁଲାଇବେ।

## ଚିତାଲାଗି ଅମାବାସ୍ୟା ପାଳିତ, ଚାଷୀକୂଳରେ ଉତ୍ସାହ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଓ ନିରାକାରପୁର ଅଞ୍ଚଳରେ ପାରମ୍ପରିକ ରୀତିନୀତିରେ ବୁଧବାର ଦିନ ଚିତାଲାଗି ଅମାବାସ୍ୟା ପାଳିତ ହୋଇଯାଇଛି। କୃଷି ଓ କୃଷକଙ୍କ ପାଇଁ ଏହି ଦିନଟି ଏକ ସ୍ୱତନ୍ତ୍ର ମହତ୍ତ୍ୱ ବହନ କରେ। ଏହି ଅବସରରେ ଚାଷୀମାନେ ନିଜ ନିଜର ଚାଷ ଜମିକୁ ଯାଇ ପାରମ୍ପରିକ ପୂଜାର୍ଚ୍ଚନା କରିଛନ୍ତି।ଚାଷ ଜମିରେ ଧାନ ରୁଆ କାର୍ଯ୍ୟ ଶେଷ ହେବା ପରେ, ଚାଷୀମାନେ ଆଜିର ଦିନରେ



ଜମିକୁ ଯାଇ ଦେବାଦେବୀଙ୍କୁ ପୂଜା କରିଥାନ୍ତି। ଧାନ ଗଛରେ କ୍ଷୀର, ଚିନି, ଓ ବିଭିନ୍ନ ପ୍ରକାରର ପିଠା ସହିତ ପୂଜା କରାଯାଏ, ଯାହାକି ଉତ୍ତମ ଫସଲ ପାଇଁ ପ୍ରାର୍ଥନା। ଏହି ପରମ୍ପରାକୁ ପାଳନ କରିବା ଦ୍ୱାରା ଧାନ କ୍ଷେତରେ ଅଧିକ ଫସଲ ହୁଏ ବୋଲି ବିଶ୍ୱାସ ରହିଛି।ଜଙ୍କିଆ ଓ ନିରାକାରପୁର ଅଞ୍ଚଳର ଚାଷୀମାନେ ନିଜର ଚାଷ ଜମିକୁ ଯାଇ, ଏହି ପବିତ୍ର ଦିନକୁ ଉତ୍ସାହର ସହ ପାଳନ କରିଛନ୍ତି। ଏହି ପବିତ୍ର ଦିନରେ ସ୍ଥାନୀୟ ଜମିରେ ଚାଷୀମାନଙ୍କର ଖୁସି ଓ ଉତ୍ସାହ ଦେଖିବାକୁ ମିଳିଥିଲା।ଏହିପରି ପାରମ୍ପରିକ ପର୍ବ ପାଳନ ଦ୍ୱାରା ଆମ ସଂସ୍କୃତି ଓ କୃଷି ପ୍ରତି ଆମର ଭକ୍ତି ପ୍ରକଟ ହୋଇଥାଏ।

# ଚକବନ୍ଦୀ କାର୍ଯ୍ୟାଳୟରୁ ଜମି ପଟ୍ଟା ପାଇପାରୁ ନାହାନ୍ତି ଉତ୍ତରାଧିକାରୀ,ଉପମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି

ନିମାପଡା,(ସବ୍ୟୁ): ନିମାପଡା ଏନ୍‌ଏସି ଅନ୍ତର୍ଗତ ଅଣ୍ଟିଆ ମୌଜାର ଦୀର୍ଘ ୯୯ ବର୍ଷର ସମସ୍ୟାର ଅନ୍ତ ହେବାରୁ ମୌଜାବାସୀଙ୍କ ସୁଖ କହିଲେ ନସରେ । ତେବେ ଉକ୍ତ ମୌଜାର ଜମି ମାଲିକାନା ରେକର୍ଡ ସଂଶୋଧନ ହେବା ପରେ ମୌଜାବାସୀଙ୍କ ମଧ୍ୟରେ ଯେତିକି ଖୁସି ଆସିଥିଲା ପଟ୍ଟା ବଣ୍ଟନ ସମୟରେ କଠିନ ଆଇନକୁ ନେଇ ସେମାନଙ୍କ ମଧ୍ୟରେ ଅଧିକ ଦୁଃଖ ଓ ଅସନ୍ତୋଷ ଆଣିଦେଇଥିବା ନେଇ ଚର୍ଚ୍ଚା ହେଉଛି । ବାପା ,ଅଜା ,ତାଙ୍କ ବାପାଙ୍କ ନାଁରେ ଥିବା ଉକ୍ତ ବୃହତ ମୌଜାର ଜମିର ରେକର୍ଡ ସଂଶୋଧନ ହୋଇପାରୁନଥିଲା । ଫଳରେ ନଟ୍ ଫାଇନାଲ ଥିବାରୁ ଜମିର ମାଲିକାନା ସଂଶୋଧନ ହୋଇ ପଟ୍ଟା ମିଳୁନଥିବାରୁ ମୌଜାବାସୀ ନାହିଁନଥିବା ହଇରାଣ ହେଉଥିଲେ । ଉକ୍ତ ମୌଜାର ଚକବନ୍ଦୀ କାଯ୍ୟ ଶେଷ କରିବାକୁ ବାସିନ୍ଦାଙ୍କ ପକ୍ଷରୁ ଦାବୀ ହୋଇଆସୁଥିଲା । ଚକବନ୍ଦୀ କାର୍ଯଯ ଶେଷ କରାଯାଇ ୩ ମାସ ତଳେ ଉପମୁଖଯମନ୍ତ୍ରୀ ପ୍ରଭାତୀ ପରିଡା ମୌଜା ବାସୀଙ୍କୁ ଜମିପଟ୍ଟା ବଂଟନର ଉଦଘାଟନ କରିଥିଲେ । ତେବେ ପଟ୍ଟା ବଂଟନ ଉଦଘାଟନ ହେବାର ୩ମାସରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ ନିମାପଡା ଚକବନ୍ଦୀ କାର୍ଯ୍ୟାଳୟରେ ମୌଜାବାସୀଙ୍କୁ ସେମାନଙ୍କ ସଂଶୋଧିତ ଜମିର ପଟ୍ଟା ବଂଟନ କାର୍ଯ୍ୟ ସରିପାରିନି । ସପ୍ତାହର ପ୍ରତ୍ୟକ ସୋମବାର ଦିନ ଅଣ୍ଟିଆ ମୌଜାର ଜମି ପଟ୍ଟା ବଂଟନ କରାଯାଉଥିବା ବେଳେ ପଟ୍ଟା ପାଇଁ ଲୋକଙ୍କ ଗହଳ ଲାଗିରହୁଛି । ଘଣ୍ଟା ଘଣ୍ଟା ଧରି ଲୋକେ ଗୋଡ ଭାଙ୍ଗି ଚକବନ୍ଦୀ କାର୍ଯ୍ୟାଳୟରେ ଛିଡା ହେଉଛନ୍ତି । ଏହାର କାରଣ ପଟ୍ଟା ଦେବା ସମୟରେ ଚକବନ୍ଦୀ କାର୍ଯଯାଳୟ ପକ୍ଷରୁ ବିଭିନ୍ନ ଆଇନ କାନୁନ ଓ ନିୟମ ଖୋଜା ଯାଉଥିବାରୁ ଲୋକମାନଙ୍କ ପାଇଁ ନାନା ସମସ୍ୟାା ସୃଷ୍ଟି କରୁଛି । ଏହି ମୌଜାର ଜମିବାଡି କାଗଜପତ୍ର ବାପା,ଜେଜେ,ଜେଜେଙ୍କ ବାପା ନାଁରେ ରହିଥିବାରୁ ସେମାନଙ୍କ ମଧ୍ୟରୁ ଅନେକ ବଯକ୍ତି ପରଲୋକ ଗମନ କରିସାରିଛନ୍ତି । ଚକବନ୍ଦୀ କାର୍ଯ୍ୟାଳୟରେ ଏବେ ଚାଲିଥିବା ଜମି ପଟ୍ଟା ବଂଟନରେ ଜମି ପଟ୍ଟା ଯେଉଁ ମୃତ ବଯକ୍ତିଙ୍କ ନାଁରେ ରହିଛି ସେମାନଙ୍କ ପରିବାରର ଉତ୍ତରାଧିକାରୀ ପ୍ରମାଣପତ୍ର ଓ ସମସ୍ତ ଉତ୍ତରାଧିକାରୀ ମାନଙ୍କ ଉପସ୍ଥିତି ରହି ସେମାନଙ୍କ ପ୍ରମାଣପତ୍ର ଦେଖାଇ ପଟ୍ଟା ବଂଟନ କରାଯାଉଥିବାରୁ ଲୋକମାନଙ୍କ ପାଇଁ ସମସଯା ସୃଷ୍ଟି କରୁଛି । ପରିବାରର ଅନେକ ସଦସଯ ବାହାରେ ବହୁ ଦୂରଦୂରାନ୍ତରେ ରହି କାମ କରୁଥିବାରୁ ଚକବନ୍ଦୀ କାର୍ଯଯାଳୟରେ ସମସ୍ତେ ଉପସ୍ଥିତ ହେବା ସମ୍ଭବପର ହେଉନାହିଁ । ଚକବନ୍ଦୀ ଏସ୍‌ସିଓ ପରିବାରର ଉତ୍ତରାଧିକାରୀ ଥିବା ଯେ କେଉଁ ସଦସ୍ୟଙ୍କୁ ପଟ୍ଟା ପ୍ରଦାନ କରୁନାହାନ୍ତି । ଯାହା ଫଳରେ ଲୋକେ ପଟ୍ଟା ପାଇବା ପାଇଁ ବାରମ୍ବାର ଚକବନ୍ଦୀ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେବାକୁ ପଡୁଥିବା ଅଭିଯୋଗ ହେଉଛି ।

## ପ୍ରଜାଙ୍କ ସେବା ଲାଗି ଫୋନ ନମ୍ବର ଜାରିକଲେ ତହସିଲଦାର

କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ତହସିଲଦାର ଶୁଭଙ୍କର ମହାନ୍ତି ପ୍ରଜାମାନଙ୍କୁ ତ୍ୱରିତ ନ୍ୟାୟ ଓ ସେବା ଯୋଗାଇ ଦେବାକୁ ନୂଆ ପଦକ୍ଷେପ ଆପଣାଇଛନ୍ତି। ସେ ସର୍ବସାଧାରଣଙ୍କ ସୁବିଧା ଲାଗି ଏକ ମୋବାଇଲ ଫୋନ ନମ୍ବର ଜାରି କରିଛନ୍ତି। ଏଣିକି ପ୍ରଜାମାନେ ତହସିଲ କାର୍ଯ୍ୟାଳୟକୁ ନଯାଇ ଫୋନ ମାଧ୍ୟମରେ ସେମାନଙ୍କ ସମସ୍ୟା ବିଷୟରେ ଜଣାଇପାରିବେ। ଅତି ଜରୁରୀ କାର୍ଯ ନଥିଲେ ସେମାନଙ୍କୁ ଆଉ ଖର୍ଚ୍ଚାନ୍ତ ହୋଇ କଣ୍ଟାପଡ଼ା ଯିବାକୁ ପଡ଼ିବନି। ମୋବାଇଲ ନମ୍ବର ୮୨୮୦୯୩୪୭୧୪ରେ ସେବା ଓ ସମସ୍ୟାବାବଦରେ ସିଧାସଳଖ ଅଭିଯୋଗ କରିହେବ। ପ୍ରଜାଙ୍କ ଫୋନ କଲକୁ ପ୍ରାଥମିକତା ଆଧାରରେ ସମାଧାନ କରାଯିବବୋଲି ନୂତନ କରି ଯୋଗଦେଇଥିବା ତହସିଲଦାର ଶ୍ରୀଯୁକ୍ତ ମହାନ୍ତି ସୂଚନା ଦେଇଛନ୍ତି। ଏପରି ଅଭିନବ ତଥା ପ୍ରଜାକୈନ୍ଦ୍ରୀକ ପଦକ୍ଷେପ ସମଗ୍ର କଟକ ଜିଲାରେ ପ୍ରଥମ ବୋଲି ଜଣାପଡ଼ିଛି। ଦୀର୍ଘ ଦିନ ପରେ ନୂତନ ତହସିଲଦାରଙ୍କ ଏଭଳି ପ୍ରୟାସକୁ ସାଧାରଣରେ ଖୁବ ସ୍ୱାଗତ କରାଯିବା ସହିତ ଆଗକୁ ଏହି ସେବା ଜାରି ରଖିବାକୁ ସମସ୍ତେ ଆଶା ପୋଷଣ କରିଛନ୍ତି।

## ସମ୍ପାଦକୀୟ

# ବିରୋଧୀ ଦଳ ସାଂସଦଙ୍କ କର୍ତ୍ତବ୍ୟ କ'ଣ ?

ଲୋକସଭାର ସାଂସଦମାନେ କେତେ ଦରମା ପାଆନ୍ତି ? କେତେ ସୁବିଧା ପାଇ ପାରନ୍ତି ? ଏପରିକି ସାଂସଦ ଭାବେ କାର୍ଯ୍ୟ କରି ଅବସର ନେବା ପରେ କେତେ ପେନସନ୍ ପାଆନ୍ତି ? ଜଣେ ପୂର୍ବତନ ସାଂସଦଙ୍କୁ ମାଗଣାରେ ରେଳଯାତ୍ରା କରିବାର ସୁବିଧା ଏସି କୋଚ୍‌ରେ ମିଳେ । ତାଙ୍କ ସାଙ୍ଗରେ ଥିବା ସହଯାତ୍ରୀଙ୍କୁ ମଧ୍ୟ ରେଳଗାଡ଼ିର ଏସି କୋଚ୍‌ରେ ମାଗଣାରେ ସ୍ଥାନ ମିଳେ । ଲୋକେ ସେମାନଙ୍କୁ ନିର୍ବାଚିତ କରନ୍ତି, ଦେଶର, ଆଇନର ଓ ଲୋକଙ୍କର ସୁରକ୍ଷା ପାଇଁ ସେମାନେ ସଂସଦରେ ସ୍ୱର ଉତ୍ତୋଳନ କରିବେ ଆଉ ସରକାରଙ୍କର ଦୋଷତ୍ରୁଟି ଦେଖାଇ ସେମାନଙ୍କୁ କର୍ତ୍ତବ୍ୟ କରିବା କ୍ଷେତ୍ରରେ ସଚେତନ କରାଇବେ । ମାତ୍ର ବାସ୍ତବ କ୍ଷେତ୍ରରେ ସେମାନେ ଦେଶ ବା ଲୋକଙ୍କ କଥାକୁ ଗୁରୁତ୍ୱ ନ ଦେଇ ନିଜର ଫାଇଦା ବିଷୟରେ ବା ଶସ୍ତା ଲୋକପ୍ରିୟତା ଅର୍ଜନ ବିଷୟରେ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଅନ୍ତି । ଗଣତନ୍ତ୍ରର ମନ୍ଦିର ବୋଲି କୁହାଯାଉଥିବା ସଂସଦକୁ ବିରୋଧୀ ଇଣ୍ଡିମେଣ୍ଟ ବେଖାତିର କରି ଅଚଳ ଅବସ୍ଥାକୁ ନେଇଆସନ୍ତି । ମାତ୍ର ଭାରତୀୟ ଲୋକେ ଏତେ ବୋକା ନୁହନ୍ତି ।

**କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ବିରୋଧୀ କଂଗ୍ରେଦ ଦଳ ଉପରେ ଦୋଷାରୋପ କରି କହିଛନ୍ତି ଯେ, 'କେରଳ' ନାମକୁ ବଦଳାଇ 'କେରଳମ' କରାଯିବା ପାଇଁ ଯେଉଁ ବିଧେୟକଟି ଲୋକସଭାରେ ଆଗତ କରାଯାଇ ପାରିତ ହେଲା, ସେହି ବିଧେୟକଟିର ଆଲୋଚନା ଉପରେ କେରଳର ଦଳୀୟ ସାଂସଦ କେ.ସି. ବେଣୁଗୋପାଲ କୌଣସି ଆଲୋଚନା କରିବା ଲାଗି ସୁଯୋଗ ପାଇଲେ ନାହିଁ । କେରଳର ନୂତନ ନାମ ବିଷୟରେ ସେ ସାଂସଦ କ'ଣ କହିଥାନ୍ତେ, ସେ ବିଷୟରେ ଜାଣିବା ପାଇଁ ଲୋକମାନଙ୍କର ଆଗ୍ରହ ଥିଲା ।**

ସେମାନେ ସବୁ କଥା ବୁଝନ୍ତି, ଜାଣନ୍ତି । କିନ୍ତୁ ମୁହଁ ଖୋଲି କେହି କିଛି କହିପାରନ୍ତି ନାହିଁ । ତେଣୁ ସଂସଦରେ ଅଚଳାବସ୍ଥା ସୃଷ୍ଟି କରି ସାଂସଦମାନେ ଲାଭବାନ ହୋଇପାରିଲେ କି ? କ'ଣ ସେମାନଙ୍କ କର୍ତ୍ତବ୍ୟ ?

ଦୁଃଖ ହୁଏ ଯେ ସଂସଦର ମୌସୁମୀ ଅଧିବେଶନ ଗତ ଜୁଲାଇ ୨୦ (୨୦୨୬)ରୁ ଆରମ୍ଭ ହୋଇଥିଲା । ଲୋକେ ଭାବିଥିଲେ କେନ୍ଦ୍ର ସରକାରଙ୍କ ଅପାରଗତା ବା ଅବହେଳା ବିରୋଧରେ ବିରୋଧୀ ଦଳ, ଲୋକସଭା ବା ରାଜ୍ୟସଭାରେ ସ୍ୱର ଉତ୍ତୋଳନ କରିବେ । ଲୋକେ ମଧ୍ୟ ଜାଣିପାରିଥାନ୍ତେ, ସାଂସଦମାନେ ଠିକ୍ ଭାବେ କାର୍ଯ୍ୟ କରୁଛନ୍ତି କି ନାହିଁ । ମାତ୍ର ବିରୋଧୀ ସାଂସଦମାନେ ସଂସଦକୁ ଅଚଳାବସ୍ଥାକୁ ଠେଲିଦେଇ ନିଜ ଜିଦ୍‌ରେ ଅଟଳ ରହିଲେ । କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଗୃହରେ ବିବୃତି ରଖିବା ପରି ଅବାନ୍ତର କଥା କହି ସଂସଦକୁ ଅଚଳ କରାଇଦେଲେ । ଫଳରେ କେନ୍ଦ୍ର ସରକାରଙ୍କର ପ୍ରକୃତରେ ଲାଭ ହେଲା । ସଂସଦର ଏହି ଅଧିବେଶନ ସରିବା ବେଳକୁ ମଧ୍ୟ କେନ୍ଦ୍ରର ଏନ୍‌ଡିଏ ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ ସଂସଦରେ ପାରିତ କରାଇ ପାରିଲେ । ଗୋଟିଏ ବିଧେୟକ ହେଉଛି କେରଳ ରାଜ୍ୟର ନାମ ପରିବର୍ତ୍ତନ କରି 'କେରଳମ' ବୋଲି ବ୍ୟବହାର କରାଯିବା ଓ ଅନ୍ୟ ବିଧେୟକ ବା ବିଲ୍‌ଟି ହେଉଛି ଜାତୀୟ ସମବାୟ ଉନ୍ନୟନ ନିଗମ (ଏନ୍‌ସିଡିସି) ସିଧାସଳଖ ଭାବେ ବିଭିନ୍ନ ସମବାୟ ସୋସାଇଟିକୁ ଋଣ ଓ ଅନୁଦାନ ପ୍ରଦାନ କରିବା । ଏହି ଦୁଇଟି ବିଧେୟକର ଭଲ ମନ୍ଦ ଦିଗ ଉପରେ ଲୋକସଭାରେ ସାଂସଦମାନେ ଆଲୋଚନା କରିପାରିଥା'ନ୍ତେ । ସରକାରଙ୍କୁ ହୁଏତ କଡ଼ା ସମାଲୋଚନା ମଧ୍ୟ କରାଯାଇ ପାରିଥା'ନ୍ତା । ମାତ୍ର ସେସବୁ କିଛି ହେଲା ନାହିଁ । ଏ ଲେଖା ପ୍ରକାଶ ପାଇବା ବେଳକୁ ଲୋକସଭା ଓ ରାଜ୍ୟସଭାର ଅଧିବେଶନ ହୁଏତ ସରିଯିବ ।

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ବିରୋଧୀ କଂଗ୍ରେଦ ଦଳ ଉପରେ ଦୋଷାରୋପ କରି କହିଛନ୍ତି ଯେ, 'କେରଳ' ନାମକୁ ବଦଳାଇ 'କେରଳମ' କରାଯିବା ପାଇଁ ଯେଉଁ ବିଧେୟକଟି ଲୋକସଭାରେ ଆଗତ କରାଯାଇ ପାରିତ ହେଲା, ସେହି ବିଧେୟକଟିର ଆଲୋଚନା ଉପରେ କେରଳର ଦଳୀୟ ସାଂସଦ କେ.ସି. ବେଣୁଗୋପାଲ କୌଣସି ଆଲୋଚନା କରିବା ଲାଗି ସୁଯୋଗ ପାଇଲେ ନାହିଁ । କେରଳର ନୂତନ ନାମ ବିଷୟରେ ସେ ସାଂସଦ କ'ଣ କହିଥାନ୍ତେ, ସେ ବିଷୟରେ ଜାଣିବା ପାଇଁ ଲୋକମାନଙ୍କର ଆଗ୍ରହ ଥିଲା ।

ଏହି ବିଧେୟକ ଦୁଇଟି ନିୟମ ଦୃଷ୍ଟିରୁ ରାଜ୍ୟସଭାକୁ ପଠାଇ ପାରିତ କରାଯିବାର ସମ୍ଭାବନା ଅଧିକ । ଏହି ବିଧେୟକ ଦୁଇଟି ବିପକ୍ଷରେ ବିରୋଧୀ ଦଳ କ'ଣ କହୁଛନ୍ତି, ତାହା କେହି ଜାଣିପାରିଲେ ନାହିଁ । କାରଣ ବିରୋଧୀ ଦଳ ଆଲୋଚନାରେ ଅଂଶଗ୍ରହଣ କଲେ ନାହିଁ । ଏହା ହିଁ ଦୁର୍ଭାଗ୍ୟ ଆମର ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମତଦାନ: ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରାଯାଉ



**ଅଭୟ ଦ୍ୱିବେଦୀ**

ସମ୍ବିଧାନ ପ୍ରଣୟନ ସମୟରୁ ଏବଂ ସ୍ୱାଧୀନତା ପରେ, ମତଦାନ ପ୍ରକ୍ରିୟାକୁ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହେଉଥିଲେ ମଧ୍ୟ କୌଣସି ସରକାର ତାହାକୁ ଗ୍ରହଣ କରିନାହାନ୍ତି– କାହିଁକି ? ତାହାର ବିଶ୍ଳେଷଣ ହିଁ ଏହି ନିବନ୍ଧର ଆଭିମୁଖ୍ୟ। ନିର୍ବାଚନ ହେଉଛି ଗଣତନ୍ତ୍ରର ପ୍ରାଣକେନ୍ଦ୍ର। ଗୋଟିଏ ଦେଶର ନିର୍ବାଚନ ପ୍ରକ୍ରିୟା ଯେତେ ସ୍ୱଚ୍ଛ, ସେ ଦେଶର ଗଣତନ୍ତ୍ର ସେତେ ସୁଦୃଢ଼ ଓ ଶକ୍ତିଶାଳୀ। ୧୯୪୭ ମସିହାରେ ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ପ୍ରମୁଖ ବ୍ରିଟିଶ ରାଜନେତାମାନେ ଭବିଷ୍ୟବାଣୀ କରିଥିଲେ– ଖୁବ୍ ଶୀଘ୍ର ଭାରତରେ ଗଣତନ୍ତ୍ର ଭୁଷୁଡ଼ି ପଡ଼ିବ। ସେମାନଙ୍କର ଆଶଙ୍କା ଥିଲା– ଭାରତୀୟମାନେ ନିଜକୁ ଶାସନ କରିବା ପାଇଁ ଯୋଗ୍ୟ ନୁହନ୍ତି, ଫଳରେ କ୍ଷମତା ପାଇଁ ରାଜନୈତିକ କଳହ ଓ କନ୍ଦଳ ଯୋଗୁ ଦେଶ ଖଣ୍ଡବିଖଣ୍ଡିତ ହୋଇଯିବ । ବ୍ରିଟିଶ ପାର୍ଲାମେଣ୍ଟରେ ଭାରତୀୟ ସ୍ୱାଧୀନତା ଅଧିନିୟମକୁ ବିରୋଧ କରି ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ ଦାବି କରିଥିଲେ ଯେ ସ୍ୱାଧୀନତା ପାଇବା ପରେ ଭାରତର ଶାସନ ବ୍ୟବସ୍ଥା ବଦମାସ, ଧୂର୍ତ୍ତ ଏବଂ ଲୁଟେରାମାନଙ୍କ ହାତକୁ ଚାଲିଯିବ । ତାଙ୍କର ଯୁକ୍ତି ଥିଲା – ସମସ୍ତ ଭାରତୀୟ ନେତା ନିମ୍ନସ୍ତରର। ସେ ଆହୁରି ମଧ୍ୟ କହିଥିଲେ – ଭାରତୀୟ ନେତାଙ୍କ କଳହ ଯୋଗୁଁ ଦେଶ ରାଜନୈତିକ ଅରାଜକତା ମଧ୍ୟରେ ଲୋପ ପାଇଯିବ। ଆଜି ସ୍ୱାଧୀନତାର ସାତ ଦଶନ୍ଧି ପରେ ପ୍ରତ୍ୟେକ ଭାରତୀୟ ଗର୍ବର ସହିତ ଘୋଷଣା କରିପାରିବେ – ୧୯୫୧–୫୨ ପ୍ରଥମ ନିର୍ବାଚନ ସମୟରୁ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷର ନିର୍ବାଚନ ପ୍ରକ୍ରିୟା ସମେତ ସମସ୍ତ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ସମଗ୍ର ବିଶ୍ୱ ପାଇଁ ଦୃଷ୍ଟାନ୍ତ ହୋଇ ରହିଛି। ନିର୍ବାଚନ ହେଉଛି ସାମ୍ବିଧାନିକ ଓ ପ୍ରତିଷ୍ଠାନଗତ ଗଣତାନ୍ତ୍ରିକ ବ୍ୟବସ୍ଥା ଯାହା ଗୋଟିଏ ନିର୍ବାଚିତ ସରକାରକୁ ଶାସନ କରିବାର ଅଧିକାର ପ୍ରଦାନ କରିଥାଏ ଏବଂ ଆବଶ୍ୟକ ହେଲେ ପୁନଶ୍ଚ ନିର୍ବାଚନ ପ୍ରକ୍ରିୟାରେ ସେହି ସରକାରକୁ କ୍ଷମତାରୁ ଅପସାରିତ କରିପାରେ। ତେଣୁ ନିୟମିତ ଅବାଧ ନିର୍ବାଚନ ହେଉଛି ଗଣତନ୍ତ୍ରର ସର୍ବନିମ୍ନ ଅପରିହାର୍ଯ୍ୟ ଅଙ୍ଗ ଏବଂ ମତଦାନ ହେଉଛି ତାହାର ପ୍ରାଣକେନ୍ଦ୍ର। ସାରମର୍ମ ହେଉଛି – ଶାସନର ବୈଧତା ନିମନ୍ତେ ନିର୍ବାଚନ ଅପରିହାର୍ଯ୍ୟ ଏବଂ ନିର୍ବାଚନ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ମତଦାନ ପ୍ରକ୍ରିୟା ଅବାଧ ଓ ସ୍ୱଚ୍ଛ ରହିଥାଏ। ତେଣୁ ମତଦାନ ଅଧିକାରର ସୁରକ୍ଷା ହେଉଛି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଦୁଆକୁ ସୁରକ୍ଷା ପ୍ରଦାନ କରିବା।

ଆମ ଦେଶରେ ମତଦାନ ଆଇନଗତ ଅଧିକାରର ଅଂଶ ମୌଳିକ ଅଧିକାର ନୁହେଁ। ଏହି ଦୁଇଟି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ହେଉଛି – ମୌଳିକ ଅଧିକାର ସମ୍ବିଧାନ ସ୍ୱୀକୃତ, ସଂସଦ କିମ୍ବା ବିଧାନସଭାରର ସାଧାରଣ ଆଇନ ଏଥିରେ ପରିବର୍ତ୍ତନ ଆଣି ପାରିବ ନାହିଁ । ମୌଳିକ ଅଧିକାରର ଉଲ୍ଲଂଘନ ହେଲେ , ଜଣେ ନାଗରିକ ସମ୍ବିଧାନର ଅନୁଚ୍ଛେଦ ୩୨ ଆଧାରରେ ସୁପ୍ରିମକୋର୍ଟର ସହାୟତା ଲୋଡ଼ିପାରିବେ। କିନ୍ତୁ ଆଇନଗତ ଅଧିକାରର ଉତ୍ସ ହେଉଛି ସଂସଦ କିମ୍ବା ବିଧାନସଭା। ତେଣୁ ସଂସଦ କିମ୍ବା ବିଧାନସଭା ଏହି ଆଇନରେ ପରିବର୍ତ୍ତନ ଆଣିପାରିବେ, ଆବଶ୍ୟକ ହେଲେ ବିଲୋପ କରିପାରିବେ।

ଏବେ ମତଦାନ ଅଧିକାରକୁ ଆସିବା। ଆଗରୁ କୁହାଯାଇଛି ଏହା ମୌଳିକ ଅଧିକାର ନୁହେଁ, ଆଇନଗତ ଅଧିକାର ଲୋକ ପ୍ରତିନିଧିତ୍ୱ ଅଧିନିୟମ,୧୯୫୧ ଦ୍ୱାରା ପ୍ରଦତ୍ତ ବିଧିସମ୍ମତ ଅଧିକାର। ମୌଳିକ ଅଧିକାର ହେଉଛି ଘରର ମୂଳଦୁଆ ସହିତ ସଂଶ୍ଳିଷ୍ଟ ଭାରବହନକାରୀ ସ୍ତମ୍ଭ ସଦୃଶ। ଏହି ସ୍ତମ୍ଭକୁ ଯେପରି ଘରର ଗଠନରୁ ବାଦ୍ ଦେଇ ହୁଏ ନାହିଁ, ବରଂ ଘରଟି ସେହି ସ୍ତମ୍ଭ ଉପରେ ପ୍ରତିଷ୍ଠିତ ହୋଇଥାଏ, ସେହିପରି ମୌଳିକ ଅଧିକାରକୁ ବିଲୋପ କରିବା ସମ୍ଭବ ନୁହେଁ। କାରଣ ଏହା ସମ୍ବିଧାନର ମୂଳ ଗଠନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଅପରପକ୍ଷେ ଆଇନଗତ ଅଧିକାର ହେଉଛି ପରବର୍ତ୍ତୀ ସମୟରେ ଘର ସହିତ ଯୋଡ଼ାଯାଇଥିବା କୋଠରୀ ବା ପାଚେରୀ ସଦୃଶ। ଏହା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏହାକୁ ସଂଶୋଧନ କଲେ ମୂଳ ଘରର ଢାଞ୍ଚାରେ ପରିବର୍ତ୍ତନ ଆସେ ନାହିଁ । ମୁକ୍ତ, ଅବାଧ ଏବଂ ନିର୍ଣ୍ଣାୟକ ମତଦାନ ନିମନ୍ତେ ନାଗରିକଙ୍କୁ କିଛି ଅଧିକାର ପ୍ରଦାନ କରାଯାଇଛି , ଯଥା : ୧) ପ୍ରାର୍ଥୀଙ୍କ ସମ୍ବନ୍ଧରେ ସୂଚନା ପାଇବାର ଅଧିକାର: ପ୍ରତ୍ୟେକ ଭୋଟର ମତଦାନ ପୂର୍ବରୁ ପ୍ରାର୍ଥୀଙ୍କ ଅପରାଧିକ ପୃଷ୍ଠଭୂମି, ସମ୍ପତ୍ତି ଓ ଦେୟ, ଓ ଶିକ୍ଷାଗତ ଯୋଗ୍ୟତା ବିଷୟରେ ତଥ୍ୟ ହାସଲ କରାଯାଇ ପାରିବ ଏବଂ ଏହା ଭୋଟରଙ୍କ ମୌଳିକ ଅଧିକାର। ୨) ଗୋପନୀୟ ଭୋଟଦାନର ଅଧିକାର : କେଉଁ ପ୍ରାର୍ଥୀଙ୍କୁ ଭୋଟ ଦିଆଗଲା, ତାହା ସଂପୂର୍ଣ୍ଣ ଗୋପନୀୟ ଅଟେ ଏବଂ ଏହା ଭୋଟରଙ୍କ ମୌଳିକ ଅଧିକାର ଅନ୍ତର୍ଭୁକ୍ତ। ୩) ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାର ଅଧିକାର: ନିର୍ବାଚନ ପରିଚାଳନାର ଦାୟିତ୍ୱ ନିର୍ବାଚନ ଆୟୋଗଙ୍କ ଉପରେ ନ୍ୟସ୍ତ ଥାଏ। ତେଣୁ ମୁକ୍ତ, ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ନିର୍ବାଚନ ଆୟୋଗଙ୍କ ସ୍ୱାଧୀନତା ଅପରିହାର୍ଯ୍ୟ । ସର୍ବୋଚ୍ଚ ନ୍ୟାୟାଳୟ ବାରମ୍ବାର ଦୋହରାଇଛନ୍ତି – ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାର ଅଧିକାର ସମ୍ବିଧାନର ମୌଳିକ ଢାଞ୍ଚା ତତ୍ତ୍ୱରେ ନିହିତ ଏବଂ ଏହା ସାମ୍ବିଧାନିକ ଆବଶ୍ୟକତା। ମୂଳ ମତଦାନ ଆଇନଗତ ଅଧିକାର ହୋଇଥିଲେ ମଧ୍ୟ , ବିଡ଼ମ୍ବନା, ଏହା ସହିତ ସଂଶ୍ଳିଷ୍ଟ ଉପରେ ବର୍ଣ୍ଣିତ ସମସ୍ତ ଅଧିକାର ମୌଳିକ ଅଧିକାର ଅନ୍ତର୍ଭୁକ୍ତ।

**ଆମ ଦେଶରେ ମତଦାନ ଆଇନଗତ ଅଧିକାରର ଅଂଶ ମୌଳିକ ଅଧିକାର ନୁହେଁ। ଏହି ଦୁଇଟି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ହେଉଛି – ମୌଳିକ ଅଧିକାର ସମ୍ବିଧାନ ସ୍ୱୀକୃତ, ସଂସଦ କିମ୍ବା ବିଧାନସଭାରର ସାଧାରଣ ଆଇନ ଏଥିରେ ପରିବର୍ତ୍ତନ ଆଣି ପାରିବ ନାହିଁ । ମୌଳିକ ଅଧିକାରର ଉଲ୍ଲଂଘନ ହେଲେ , ଜଣେ ନାଗରିକ ସମ୍ବିଧାନର ଅନୁଚ୍ଛେଦ ୩୨ ଆଧାରରେ ସୁପ୍ରିମକୋର୍ଟର ସହାୟତା ଲୋଡ଼ିପାରିବେ। କିନ୍ତୁ ଆଇନଗତ ଅଧିକାରର ଉତ୍ସ ହେଉଛି ସଂସଦ କିମ୍ବା ବିଧାନସଭା। ତେଣୁ ସଂସଦ କିମ୍ବା ବିଧାନସଭା ଏହି ଆଇନରେ ପରିବର୍ତ୍ତନ ଆଣିପାରିବେ, ଆବଶ୍ୟକ ହେଲେ ବିଲୋପ କରିପାରିବେ।**

ତେଣୁ ଦେଶରେ ସମ୍ବିଧାନ ଲାଗୁ ହେବା ସମୟରୁ ମତଦାନକୁ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହୋଇ ଆସୁଛି ଏବଂ ଏହା ଯୁକ୍ତିଯୁକ୍ତ ମନେହୁଏ। ସାମ୍ବିଧାନିକ ସଭାରେ ଏହା ଉପରେ ବିତର୍କ ଆରମ୍ଭ ହୋଇଥିଲା। ସାମ୍ବିଧାନିକ ସଭାର ପ୍ରାରମ୍ଭିକ ପ୍ରସ୍ତୁତି ପର୍ଯ୍ୟାୟରେ ସାର୍ବଜନୀନ ପ୍ରାପ୍ତବୟସ୍କ ମତାଧିକାରକୁ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦେବା ସପକ୍ଷରେ ବ୍ୟାପକ ସହମତି ଥିଲା । ଏଥି ସହିତ ମୌଳିକ ଅଧିକାର ଉପସମିତି ଏବଂ ସଂଖ୍ୟାଲଘୁ ଉପସମିତି ମତଦାନ ଅଧିକାରକୁ ମଧ୍ୟ ମୌଳିକ ଅଧିକାର ଅଧ୍ୟାୟରେ ସାମିଲ କରିବାକୁ ଅନୁମୋଦନ କରିଥିଲେ। ଡ.ଆମ୍ବେଦକର ଏବଂ କେ.ଟି.ଶାହା ଉଭୟ ନିଜ ନିଜ ସମ୍ବିଧାନ ଖସଡ଼ାରେ ମତଦାନ ଅଧିକାରକୁ ସମ୍ବିଧାନର ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନ ଦେବା ପାଇଁ ପ୍ରସ୍ତାବ ରଖିଥିଲେ। ଯେତେବେଳେ ଏହି ଧାରା ୧୯୪୭ ମସିହା ଏପ୍ରିଲ ୨୧ ତାରିଖରେ ମୌଳିକ ଅଧିକାର ସମ୍ବନ୍ଧୀୟ ପରାମର୍ଶଦାତା କମିଟିରେ ଆଲୋଚନା ପାଇଁ ଉପସ୍ଥାପନା କରାଗଲା, ସେତେବେଳେ ମତଭେଦ ଆରମ୍ଭ ହେଲା । ଡ.ଆମ୍ବେଦକର ଏବଂ ବାବୁ ଜଗଜୀବନରାମ ଏହାକୁ ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନିତ କରିବା ପାଇଁ ପ୍ରସ୍ତାବ ରଖିଥିବାବେଳେ, ସର୍ଦ୍ଦାର ପଟେଲ ଏବଂ ସି.ରାଜଗୋପାଲାଚାରୀ ତାହାର ବିରୋଧ କରିଥିଲେ। ସେହି ସମୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ମାଧ୍ୟମରେ ଡ.ମହତାବ ଦେଶୀୟ ରାଜ୍ୟ ସମ୍ମିଶ୍ରଣ ନିମନ୍ତେ ଉଦ୍ୟମ ଆରମ୍ଭ କରିଥିଲେ। ସର୍ଦ୍ଦାର ପଟେଲଙ୍କର ଆଶଙ୍କା ଥିଲା, ଯଦି ସାର୍ବଜନୀନ ପ୍ରାପ୍ତବୟସ୍କ ମତାଧିକାରକୁ ଅପରିବର୍ତ୍ତନୀୟ ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନିତ କରାଯାଏ, ହୁଏତ ଦେଶୀୟ ରାଜାମାନେ ଭୟଭୀତ ହୋଇ ସମ୍ମିଶ୍ରଣ ପ୍ରକ୍ରିୟାକୁ ବିରୋଧ କରିପାରନ୍ତି। ତେଣୁ ସର୍ଦ୍ଦାର ପଟେଲଙ୍କ ବିରୋଧ ଆଦର୍ଶଗତ ନ ଥିଲା, ଥିଲା କୂଟନୈତିକ ଓ କୌଶଳଗତ। ୧୯୪୯ ମସିହା ଜୁନ୍ ୧୬ ତାରିଖରେ ଡ.ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଗଠିତ ଡ୍ରାଫ୍ଟିଂ କମିଟି ମତାଧିକାର ପ୍ରସଙ୍ଗକୁ ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନିତ ନ କରି ନିର୍ବାଚନ ଅଧ୍ୟାୟ ସହିତ ଯୋଡ଼ି ଦେଇଥିଲେ, ଯାହା ଆଜି ଅନୁଚ୍ଛେଦ ୩୨୬ ନାମରେ ପରିଚିତ।

ସେହି ଆଧାରରେ ୧୯୫୨ ମସିହାରେ ପୋନୁସ୍ୱାମୀ ବନାମ ରିଟର୍ଣ୍ଣି ଅଫିସର ମାମଲାରେ ସାମ୍ବିଧାନିକ ଖଣ୍ଡପୀଠଙ୍କ ରାୟ ଗୁରୁତ୍ୱପୂର୍ଣ୍ଣ। ସଂପୂର୍ଣ୍ଣ ମାମଲାଟି ଏହିଭଳି – ତାମିଲନାଡୁ ରାଜ୍ୟ ନିର୍ବାଚନରେ ପୋନୁସ୍ୱାମୀ ନାମକ ଜଣେ ବ୍ୟକ୍ତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କୌଣସି କାରଣରୁ ରିଟର୍ଣ୍ଣି ଅଫିସର ସେହି ପ୍ରାର୍ଥପତ୍ର ନାକଚ କରିଦେଲେ। ପୋନୁସ୍ୱାମୀ ହାଇକୋର୍ଟର ଦ୍ୱାରସ୍ଥ ହେଲେ, ସେଠାରୁ ନିରାଶ ହେବା ପରେ ସୁପ୍ରିମକୋର୍ଟରେ ଆବେଦନ କଲେ। ସୁପ୍ରିମକୋର୍ଟ ମତ ରଖିଥିଲେ, ଥରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପରେ ଅଦାଲତ ସେଥିରେ ହସ୍ତକ୍ଷେପ କରିପାରିବେ ନାହିଁ ପୁନଶ୍ଚ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ମତଦାନ ମୌଳିକ ଅଧିକାର ନୁହେଁ, ଆଇନଗତ ଅଧିକାର । ପରବର୍ତ୍ତୀ ସମୟରେ ଏଥିରେ ସାମାନ୍ୟ ସୁଧାର ଆସିଲା ।

୨୦୦୩ ମସିହା ପିଉସିଏଲ ବନାମ ଭାରତ ସରକାର ମାମଲାରେ ବିଚାରପତି ପି.ଭି.ରେଡ୍ଡି ବହୁଚର୍ଚ୍ଚିତ ଟିପ୍ପଣୀ ଦେଇଥିଲେ – ମତାଧିକାର ଯଦିଓ ମୌଳିକ ଅଧିକାର ନୁହେଁ, ଏହାକୁ ସାଧାରଣ ଆଇନଗତ ଅଧିକାର କହିବା ସମୀଚୀନ ହେବ ନାହିଁ । ଏହା ହେଉଛି ସାମ୍ବିଧାନିକ ଅଧିକାର – ମୌଳିକ ଅଧିକାର ଓ ବୈଧାନିକ ଅଧିକାରର ମଧ୍ୟବର୍ତ୍ତୀ ସ୍ଥିତି।

ଏହି ଦୃଷ୍ଟିରୁ ୨୦୨୩ ମସିହାର ଅନୁପ ବରଣଓ୍ୱାଲ ବନାମ ଭାରତ ସରକାର ମାମଲାର ଶୁଣାଣୀ ସମୟରେ ସାମ୍ବିଧାନିକ ଖଣ୍ଡପୀଠର ଅନ୍ୟତମ ବିଚାରପତି ଅଜୟ ରାଷ୍ଟୋଗୀଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ । ନିର୍ବାଚନ କମିଶନରଙ୍କ ନିଯୁକ୍ତି ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ ଅବସରରେ ବିଚାରପତି ଅଜୟ ରାଷ୍ଟୋଗୀ ମତ ରଖିଥିଲେ– ନିର୍ବାଚନ ପ୍ରକ୍ରିୟାରେ ମତ ଦାନ ହେଉଛି ସାମ୍ବିଧାନିକ ଅଧିକାର। ସମ୍ବିଧାନ ପ୍ରଣୟନ ସମୟରେ ମାନନୀୟ ସଦସ୍ୟମାନେ ଏହି ପ୍ରସ୍ତାବରେ ସହମତ ଥିଲେ। କିନ୍ତୁ ସେ ସମୟରେ ଦେଶୀୟ ରାଜ୍ୟ ସମ୍ମିଶ୍ରଣକୁ ଆଖିରେ ରଖି ଏହାକୁ ଆଇନଗତ ଅଧିକାରର ମାନ୍ୟତା ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ସାତ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ପରେ ଆମେ ଭିନ୍ନ ସ୍ଥିତିରେ ଉପନୀତ ହୋଇଛନ୍ତି। ତେଣୁ ସମ୍ବିଧାନ ପ୍ରଣେତାଙ୍କୁ ସମ୍ମାନସ୍ୱରୂପ ମତାଧିକାରକୁ ମୌଳିକ ଅଧିକାର ଭାବେ ଗ୍ରହଣ କରାଯାଉ।ଦ ନିକଟରେ ୨୦୨୬ ମସିହା ଏପ୍ରିଲ ମାସରେ ରାଜସ୍ଥାନ ଦୁଗ୍ଧ ସମବାୟ ସମିତିର ନିର୍ବାଚନ ସଂପର୍କୀୟ ମାମଲାର ଶୁଣାଣୀ ସମୟରେ ସୁପ୍ରିମକୋର୍ଟର ଖଣ୍ଡପୀଠ ବିଚାରପତି ଅଜୟ ରାଷ୍ଟୋଗୀଙ୍କ ମନ୍ତବ୍ୟକୁ ସମ୍ମାନର ସହ ଅସ୍ୱୀକାର କରିବା ସହିତ ବିଚାରପତି ପି.ଭି.ରେଡ୍ଡିଙ୍କ ମତ ଆଧାରରେ ମତାଧିକାରକୁ ସାମ୍ବିଧାନିକ ଅଧିକାର ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି।

କିନ୍ତୁ ଏହା ଯଥେଷ୍ଟ ନୁହେଁ। ସଂସଦ ଓ ନ୍ୟାୟପାଳିକା ଉଭୟଙ୍କୁ ନିବେଦନ – ମତଦାନ ଅଧିକାରକୁ ମୌଳିକ ଅଧିକାରର ମାନ୍ୟତା ପ୍ରଦାନ କରନ୍ତୁ। ଫଳରେ ଅନୁଚ୍ଛେଦ ୩୨ ଆଧାରରେ ସ୍ୱୟଂ ସମ୍ବିଧାନ ହିଁ ହେବ ଏହାର ସୁରକ୍ଷା କବଚ । କାରଣ ଏହି ଅନୁଚ୍ଛେଦ ମୌଳିକ ଅଧିକାରକୁ ସୁରକ୍ଷା ପ୍ରଦାନ କରିଥାଏ ଏବଂ ଏହା ସମ୍ବିଧାନର ମୌଳିକ ଢ଼ାଞ୍ଚାର ଅନ୍ତର୍ଗତ ତେଣୁ ଏଥିରେ ପରିବର୍ତ୍ତନ ଅଣାଯାଇପାରିବ ନାହିଁ। ଫଳରେ ଭବିଷ୍ୟତରେ କେହି ଏକଛତ୍ରବାଦୀ ଶାସକ ରାଜନୈତିକ ସ୍ୱାର୍ଥ ଲକ୍ଷ୍ୟରେ, ସଂଖ୍ୟାଗରିଷ୍ଠତା ଆଧାରରେ ଏହାକୁ ସଂଶୋଧନ କିମ୍ବା ପରିବର୍ତ୍ତନ କରିପାରିବ ନାହିଁ। ୧୯୪୯ ମସିହା ନଭେମ୍ବର ୨୫ ତାରିଖରେ, ସମ୍ବିଧାନ ଲାଗୁ ହେବାର ପୂର୍ବ ଦିନ, ଡ.ଆମ୍ବେଦକର ସମ୍ବିଧାନ ସଭାର ଅନ୍ତିମ ଅଭିଭାଷଣରେ ମତ ରଖିଥିଲେ– ଯଦି ମୋତେ ସମ୍ବିଧାନର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅନୁଚ୍ଛେଦଚିହ୍ନଟ କରିବାକୁ କୁହାଯାଏ, ଯେଉଁ ଅନୁଚ୍ଛେଦ ବିନା ସମ୍ବିଧାନ ମୂଲ୍ୟହୀନ ହୋଇଯିବ, ତେବେ ମୁଁ ଦୃଢ଼ ସ୍ୱରରେ ଧାରା ୩୨ର ନାମ ଘୋଷଣା କରିବି । କାରଣ ତାହା ହେଉଛି ସମ୍ବିଧାନର ପ୍ରାଣ ଓ ହୃଦୟ । ମତଦାନ ଅଧିକାରକୁ ସାମ୍ବିଧାନିକ ସ୍ୱୀକୃତି ମିଳିଲେ, ଆମ ଦେଶର ଗଣତନ୍ତ୍ର ଆହୁରି ସୁଦୃଢ଼ ଓ ଶକ୍ତିଶାଳୀ ହେବ, ଏହା ସୁନିଶ୍ଚିତ।

**(ଶ୍ରୀ ଦ୍ୱିବେଦୀ ଜଣେ ସୁଲେଖକ ଓ ସମ୍ଭକାର) ଭଦ୍ରାଣୀ, ସାଲନ୍ଦୀ ନଗର, ଭଦ୍ରକ**
**ମୋ: ୯୪୩୭୧ ୯୧୩୫୦**

# ଜୀବନ ଜିଇଁବାର କଳା

**ପ୍ରଭାତ କୁମାର ମହାପାତ୍ର**

ଆଜିର ସମୟରେ ଜୀବନର ଗତି ଏତେ ତୀବ୍ର ହୋଇଯାଇଛି ଯେ ଲୋକମାନେ ପ୍ରାୟ ପ୍ରତ୍ୟେକ କଥାକୁ ଲାଭ ଏବଂ କ୍ଷତିର ନିକିତିରେ ତଉଲିବାକୁ ଲାଗିଛନ୍ତି । କୌଣସି କାମ କରିବା ପୂର୍ବରୁ ମନରେ ପ୍ରଥମ ପ୍ରଶ୍ନ ଉଠେ– 'ଏଥିରୁ ମୋର କି ଲାଭ ହେବ ?' ଯଦି ଲାଭ ଦେଖାଯାଏ, ତେବେ ଆମେ ତୁରନ୍ତ ଆଗକୁ ବଢୁ ଏବଂ ଯଦି ଲାଭ ସ୍ପଷ୍ଟ ନ ହୁଏ, ତେବେ ଅନେକ ସମୟରେ ଆମେ ସେହି କାମଠାରୁ ଦୂରେଇ ରହୁ ।

ଧୀରେ ଧୀରେ ଏହି ଚିନ୍ତାଧାରା ଆମ ଜୀବନର ଏକ ଅଂଶ ପାଲଟିଯାଉଛି । କିନ୍ତୁ ସତରେ କଣ ଜୀବନର ପ୍ରତ୍ୟେକ କଥାକୁ ଲାଭ–କ୍ଷତିରେ ମାପିବା ଠିକ୍ ହେବ ? କଣ ସମ୍ପର୍କ, ଭାବନା ଏବଂ ମାନବୀୟ ସମ୍ବେଦନା ମଧ୍ୟ କୌଣସି ବ୍ୟାପାରିକ ହିସାବ–କିତାବର ଅଂଶ ହୋଇପାରେ? ଯଦି ଆମେ ଟିକେ ଗଭୀର ଭାବେ ଚିନ୍ତା କରିବା, ତେବେ ଜଣାପଡ଼େ ଯେ ଜୀବନର ସବୁଠାରୁ ସୁନ୍ଦର ଅଂଶ ସେଇଟି, ଯେଉଁଠାରେ କୌଣସି ଗଣନା ବା ମାପ–ତଉଲ ନଥାଏ ।

ସବୁଠାରୁ ବଡ଼ ଉଦାହରଣ ହେଉଛି ପିତାମାତାଙ୍କ ସ୍ନେହ । ସେମାନେ ନିଜ ପିଲାମାନଙ୍କ ପାଇଁ ଅସଂଖ୍ୟ ତ୍ୟାଗ କରନ୍ତି, ସେମାନଙ୍କ ପାଠପଢ଼ା, ସ୍ୱାସ୍ଥ୍ୟ ଏବଂ ଭବିଷ୍ୟତ ପାଇଁ ଦିନରାତି ପରିଶ୍ରମ କରନ୍ତି । ପିତାମାତା ନିଜ ପିଲା ପାଇଁ କେତେ ନିଦ ହରାଇଛନ୍ତି, କେତେଥର ନିଜ ଇଚ୍ଛାକୁ ଦବାଇଛନ୍ତି କିମ୍ବା କେତେ ପରିଶ୍ରମ କରିଛନ୍ତି, ଏହାର କୌଣସି ହିସାବ ରଖନ୍ତି ନାହିଁ । ସେମାନେ କେବେହେଲେ ଭାବନ୍ତି ନାହିଁ ଯେ ପିଲାକୁ ବଡ଼ କରିବାରେ କେତେ ଖର୍ଚ୍ଚ ହେଲା ଏବଂ ସେଥିରୁ ସେମାନଙ୍କୁ କି ଲାଭ ମିଳିବ ? ସେମାନଙ୍କ ପାଇଁ ପିଲାର ଖୁସି ହିଁ ସବୁଠାରୁ ବଡ଼ ରୋଜଗାର ।

ବାସ୍ତବରେ ପିତାମାତା ଆମକୁ ଏହା ଶିଖାନ୍ତି ଯେ ପ୍ରକୃତ ପ୍ରେମ ସେଇଟି, ଯେଉଁଥିରେ ସ୍ୱାର୍ଥ ଏବଂ ଲାଭ–କ୍ଷତିର କୌଣସି ସ୍ଥାନ ନଥାଏ । କିନ୍ତୁ ଯେତେବେଳେ ଆମେ ନିଜ ଆଶା ଆଧାରରେ କାହା ସହ ଜଡ଼ିତ ହେଉ ଏବଂ ସାମ୍ନା ବ୍ୟକ୍ତି ଜଣକ ସେଥିରେ ସଫଳ ହୁଅନ୍ତି ନାହିଁ ସେତେବେଳେ ଗଭୀର ଆଘାତ ଲାଗେ । ଏହିପରି ଶିକ୍ଷକ ଏବଂ ଛାତ୍ରଙ୍କ ସମ୍ପର୍କ ମଧ୍ୟ କେବଳ ଆନୁଷ୍ଠାନିକ ନୁହେଁ ।

ଜଣେ ପ୍ରକୃତ ଶିକ୍ଷକ କେବଳ ପାଠ୍ୟକ୍ରମ ଶେଷ କରି ନିଜ କର୍ତ୍ତବ୍ୟ ସରିଗଲା ବୋଲି ଭାବନ୍ତି ନାହିଁ । ସେ ଦୁର୍ବଳ ଛାତ୍ରକୁ ଅଲଗା ଭାବେ ବୁଝାନ୍ତି, ତାକୁ ପ୍ରେରିତ କରନ୍ତି ଏବଂ ତା' ଭିତରେ ଆତ୍ମବିଶ୍ୱାସ ଜଗାଇବାକୁ ଚେଷ୍ଟା କରନ୍ତି ।

ଅନେକ ସମୟରେ ଶିକ୍ଷକ ଶ୍ରେଣୀ ଗୃହ ପରେ ମଧ୍ୟ ସମୟ ଦେଇ ଛାତ୍ରମାନଙ୍କ ସନ୍ଦେହ ଦୂର କରନ୍ତି, ସେମାନଙ୍କ ଜୀବନ ସହ ଜଡ଼ିତ ପ୍ରଶ୍ନରେ ମାର୍ଗଦର୍ଶନ କରନ୍ତି ।

ଏଥିପାଇଁ ସେମାନଙ୍କୁ କୌଣସି ଅତିରିକ୍ତ ଲାଭ ମିଳେନାହିଁ, ତଥାପି ସେମାନେ ଏପରି କରନ୍ତି, କାରଣ ସେମାନଙ୍କ ପାଇଁ ଛାତ୍ରର ପ୍ରଗତି ଏବଂ ସଫଳତା ହିଁ ସବୁଠାରୁ ବଡ଼ ସନ୍ତୋଷ । ବନ୍ଧୁତା ମଧ୍ୟ ଏପରି ଏକ ଭାବନା, ଯାହାକୁ କୌଣସି ଗଣିତରେ ମାପି ହେବ ନାହିଁ।

ପ୍ରକୃତ ବନ୍ଧୁ କଠିନ ସମୟରେ ସାଥୀରେ ଠିଆ ହୁଏ । ସେ ଏହା ଭାବେ ନାହିଁ ଯେ ଏଥିରୁ ତାକୁ କଣ ମିଳିବ ? ମନେ କରନ୍ତୁ, ଆପଣଙ୍କର କୌଣସି ବନ୍ଧୁ ହଠାତ୍ ରାତିରେ ସାହାଯ୍ୟ ପାଇଁ କହିଲେ– ତାଙ୍କୁ ଡାକ୍ତରଖାନା ଯିବାକୁ ଅଛି କିମ୍ବା କୌଣସି ସମସ୍ୟାରେ ସାହାଯ୍ୟ ଦରକାର । ସେହି ସମୟରେ ଯଦି ଆମେ ଲାଭ–କ୍ଷତି କଥା ଚିନ୍ତା କରିବା, ତେବେ ବନ୍ଧୁତାର ମୂଲ୍ୟ ହିଁ ଶେଷ ହୋଇଯିବ ।

ପ୍ରକୃତ ବନ୍ଧୁତା ସେଇଟି, ଯେଉଁଥିରେ ନିଃସ୍ୱାର୍ଥପର ଭାବେ ପରସ୍ପରର ସୁଖ–ଦୁଃଖରେ ସାଥୀ ହୋଇଥାନ୍ତି । ଦୈନନ୍ଦିନ ଜୀବନରେ ମଧ୍ୟ ଆମେ ଏମିତି ଅନେକ ଛୋଟ ଛୋଟ କାମ କରୁ, ଯାହାର କୌଣସି ଆର୍ଥିକ ଲାଭ ନଥାଏ, ତଥାପି ସେଗୁଡ଼ିକ ଆମ ମନକୁ ପ୍ରକୃତ ଖୁସି ଦେଇଥାଏ । ଯେପରି ବସ୍‌ରେ କୌଣସି ବୃଦ୍ଧ ବା ମହିଳାଙ୍କୁ ନିଜ ସିଟ୍ ଦେଇଦେବା, କୌଣସି ଅଜଣା ବ୍ୟକ୍ତିଙ୍କୁ ରାସ୍ତା ବୁଝାଇଦେବା, କୌଣସି ଅସୁବିଧାରେ ଥିବା ବନ୍ଧୁର କଥାକୁ ଧୈର୍ଯ୍ୟର ସହ ଶୁଣିବା କିମ୍ବା ରାସ୍ତାରେ ପଡ଼ିଥିବା କୌଣସି ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ପହଞ୍ଚାଇବାରେ ସାହାଯ୍ୟ କରିବା । ଏହି କାର୍ଯ୍ୟଗୁଡ଼ିକରୁ ଆମକୁ କୌଣସି ଲାଭ ମିଳେ ନାହିଁ, କିନ୍ତୁ ସନ୍ତୋଷ ଏବଂ ଖୁସି ନିଶ୍ଚୟ ମିଳିଥାଏ ।

ପଞ୍ଚତନ୍ତ୍ରର କାହାଣୀଗୁଡ଼ିକରେ ମଧ୍ୟ ଏହି କଥାକୁ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି । ଏହି ପ୍ରସିଦ୍ଧ କାହାଣୀରେ ପାରାମାନେ ଶିକାରୀର ଜାଲରେ ଫସିଯାଆନ୍ତି । ସେମାନେ ମିଶି ଜାଲ ସହିତ ଉଡ଼ିଯାଆନ୍ତି ଏବଂ ନିଜ ବନ୍ଧୁ ମୂଷା ପାଖକୁ ପହଞ୍ଚନ୍ତି । ମୂଷାଟି କୌଣସି ସ୍ୱାର୍ଥ ବିନା ଜାଲକୁ କାଟି ସେମାନଙ୍କୁ ମୁକ୍ତ କରିଦିଏ । ସେ ଏହା ଚିନ୍ତା କରିନଥିଲା ଯେ ଏଥିରୁ ତା'ର କି ଲାଭ ହେବ। ସେଠାରେ କେବଳ ସଚ୍ଚା ବନ୍ଧୁତା ଏବଂ ସହଯୋଗ ଥିଲା । ଏହି କାହାଣୀ ଆମକୁ ଶିଖାଏ ଯେ ସମ୍ପର୍କର ଶକ୍ତି ଲାଭ–କ୍ଷତିରୁ ନୁହେଁ, ବରଂ ବିଶ୍ୱାସ ଏବଂ ସହଯୋଗରୁ ସୃଷ୍ଟି ହୋଇଥାଏ ।

ଅନେକ ସମୟରେ ଲୋକେ ସମ୍ପର୍କରେ ମଧ୍ୟ ଲାଭ ଖୋଜିବାକୁ ଲାଗନ୍ତି । ସେମାନେ ଭାବନ୍ତି ଯେ ଏହି ସମ୍ପର୍କ ସେମାନଙ୍କର କାମରେ ଆସିବ କି ନାହିଁ । କିନ୍ତୁ ସତ୍ୟ ଏହା ଯେ ଯେଉଁ ସମ୍ପର୍କ କେବଳ ସ୍ୱାର୍ଥ ଉପରେ ଆଧାରିତ ହୋଇଥାଏ, ତାହା ଅଧିକ ସମୟ ତିଷ୍ଠି ରହିପାରେ ନାହିଁ। ପ୍ରକୃତ ସମ୍ପର୍କ ହେଉଛି, ଯେଉଁଥିରେ ଆପଣାପଣ, ବିଶ୍ୱାସ, ସମ୍ମାନ ଏବଂ ସତ୍ୟତା ଥାଏ ।

ସେମାନେ ଭାବନ୍ତି ଯେ ଏହି ସମ୍ପର୍କ ସେମାନଙ୍କ କାମରେ ଆସିବ କି ନାହିଁ । କିନ୍ତୁ ସତ୍ୟ ଏହା ଯେ ଯେଉଁ ସମ୍ପର୍କ କେବଳ ସ୍ୱାର୍ଥ ଉପରେ ଅଟକି ରହିଥାଏ, ତାହା ଅଧିକ ସମୟ ଚାଲିପାରେ ନାହିଁ । ପ୍ରକୃତ ସମ୍ପର୍କ ସେଇଗୁଡ଼ିକ, ଯେଉଁଥିରେ ଆପଣାପଣ, ବିଶ୍ୱାସ, ସମ୍ମାନ ଏବଂ ସତ୍ୟତା ଥାଏ ।

ବାସ୍ତବରେ ଜୀବନର ସବୁଠାରୁ ମୂଲ୍ୟବାନ ଜିନିଷଗୁଡ଼ିକ ସେଇଆ, ଯାହାର କୌଣସି ହିସାବ–କିତାବ ନଥାଏ – ପିତାମାତାଙ୍କ ସ୍ନେହ, ସାଙ୍ଗମାନଙ୍କ ବନ୍ଧୁତା, ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ କୌଣସି ଅଜଣା ବ୍ୟକ୍ତିଙ୍କର ଛୋଟ ସାହାଯ୍ୟ । ଏଗୁଡ଼ିକୁ କୌଣସି ନିକିତିରେ ତଉଲା ଯାଇପାରିବ ନାହିଁ। ଯେତେବେଳେ ଆମେ ଭାବନାତ୍ମକ ଭାବେ ଯୋଡ଼ି ହେବା ବଦଳରେ ଏହି କଥା ଉପରେ ଧ୍ୟାନ ଦେବାକୁ ଲାଗୁ ଯେ ଆମକୁ କଣ ମିଳୁଛି, ତେବେ ସମ୍ପର୍କର ପ୍ରକୃତ ଅର୍ଥ ହିଁ ଶେଷ ହେବାକୁ ଲାଗେ ।

ଜୀବନ କୌଣସି ବ୍ୟାପାରର ବହି ନୁହେଁ, ଯେଉଁଠାରେ ପ୍ରତି ଧାଡ଼ିରେ ଲାଭ ଏବଂ କ୍ଷତିର ହିସାବ ଲେଖାଯିବ । ଯଦି ଆମେ ପ୍ରତ୍ୟେକ ସମ୍ପର୍କ ଏବଂ ପ୍ରତ୍ୟେକ କାର୍ଯ୍ୟକୁ କେବଳ ସ୍ୱାର୍ଥ ଓ ଲାଭର ଦୃଷ୍ଟିକୋଣରୁ ଦେଖିବା, ତେବେ ଜୀବନରୁ ସମ୍ବେଦନା ଧୀରେ ଧୀରେ ସମାପ୍ତ ହୋଇଯିବ। ପ୍ରକୃତ ସୁଖ ସେହି ସମୟରେ ମିଳେ, ଯେତେବେଳେ ଆମେ ବିନା କୌଣସି ଆଶାରେ କିଛି ଭଲ କରୁ– ଯେତେବେଳେ ଆମେ କାହାକୁ ସାହାଯ୍ୟ କରୁ, କାହା ମୁହଁରେ ହସ ଫୁଟାଉ କିମ୍ବା କାହାର ଜୀବନକୁ ଟିକେ ଭଲ କରିବାକୁ ଚେଷ୍ଟା କରୁ ।

କାରଣ ଜୀବନର ପ୍ରକୃତ ସମ୍ପତ୍ତି ସେଇଟି ନୁହେଁ, ଯାହା ଆମ ଆକାଉଣ୍ଟରେ ଜମା ହୋଇଥାଏ, ବରଂ ତାହା ଯାହା ଆମ ବ୍ୟବହାର ଏବଂ ସମ୍ପର୍କରେ ଦେଖା ଯାଇଥାଏ । ସତ କଥା ଏହା ଯେ ଦୁନିଆର ସବୁଠାରୁ ମୂଲ୍ୟବାନ ଜିନିଷଗୁଡ଼ିକ ସେଇଆ, ଯାହାକୁ ଲାଭ–କ୍ଷତିର ନିକିତିରେ ତଉଲା ଯାଇପାରିବ ନାହିଁ ।

**ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ କୋରାପୁଟ**
**ମୋ–୭୮୯୪୦୦୫୪୫୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଟେକ୍ନୋଲୋଜିକୁ...

ବା ମର ଡାକରା ଦେଇଥିଲେ । ଏହି ଆନ୍ଦୋଳନରେ ହଜାର ହଜାର ସଂଗ୍ରାମୀଙ୍କ ବଳୀଦାନ ଯୋଗୁଁ ଆମେ ଆଜି ସ୍ୱାଧୀନତା ପାଇଛୁ । ପଲାସୀ ବିଦ୍ରୋହ, ସିପାହୀ ବିଦ୍ରୋହ ଓ ପାଇକ ବିଦ୍ରୋହ ଭଳି ବହୁ ଆନ୍ଦୋଳନ ସ୍ୱାଧୀନତା ପୂର୍ବରୁ କରାଯାଇଛି । ଆଜିର ପିଢ଼ି ସଂଗ୍ରାମୀର ବଳିଦାନ ଗାଥା ମନେ ରଖିବା ଉଚିତ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଥିଲେ, ଏବର ଦାୟିତ୍ୱବାନ ସରକାର ଅତୀତ ଓ ଭବିଷ୍ୟତ କଥା କହୁଛନ୍ତି । କିନ୍ତୁ ଯୁବ ପିଢ଼ିଙ୍କୁ ବର୍ତ୍ତମାନ ସମୟ ଦରକାର । ଯେପରି ଶିକ୍ଷା ବ୍ୟବସ୍ଥା କିପରି ବଦଳିବା ଭଳି ବିଭିନ୍ନ ଯୋଜନା ସେମାନେ ଏବେ ପାଇପାରିବେ । ଦେଶରେ ବର୍ତ୍ତମାନ ୯୦ କୋଟି ଲୋକ ସାମାଜିକ ଗଣମାଧ୍ୟମରେ ସିଧାସଳଖ ଯୋଡି ହୋଇଛନ୍ତି । ଜେନ୍ - ଜି ଆନ୍ଦୋଳନ ଯୋଗୁଁ ସାମାଜିକ ଗଣମାଧ୍ୟମର ଭୂମିକା ବଢିଛି । ଏହି ଜେନ୍ -ଜି ଆନ୍ଦୋଳନ ସମସ୍ତଙ୍କୁ ଅନୁପ୍ରାଣିତ କରିଛି । ଦେଶ ପାଇଁ ଅନୁଗତ ରହିଲେ ତାହା ହେଲେ ହିଁ ଆମେ ଦେଶ ପାଇଁ କିଛି କରିପାରିବା । ପୂର୍ବ ସ୍ୱାଧୀନତା ବେଳେ ଆଞ୍ଚଳିକ ଭାଷା ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ନିରପେକ୍ଷ ଓ ନିର୍ଭୟ ହୋଇ ଲୋକଙ୍କ ପାଖକୁ ଖବର ପହଞ୍ଚିବା ଏକ ଦାୟିତ୍ୱବାନ ଗଣମାଧ୍ୟମର ଭୂମିକା । ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଆହ୍ୱାନରେ ୨୦୪୭ରେ ଭାରତ ତାର ସ୍ୱାଧୀନତାର ଶହେ ବର୍ଷ ପାଳନ କରିବ । ସାମାଜିକ ଗଣମାଧ୍ୟମରେ ନିୟନ୍ତ୍ରଣ ରହିବା ଦରକାର ନଚେତ୍ ଉନ୍ନତି ବଦଳରେ ଅବନତି ଆଡକୁ ଯିବ ବୋଲି ସେ କହିଥିଲେ । ଶେଷରେ ସମୟ ଲାଇଭ ତଥା ସମୟର ସମ୍ପାଦକ ପପୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସମୟ ଲାଇଭର କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଉତ୍ତମ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଆଗ୍ରିଷ୍ଟାକ୍...

ସରକାରୀ କାର୍ଯ୍ୟକୁ ଅଧିକ ଡିଜିଟାଲ କରିବା ଦିଗରେ ଓଶ୍ୱାସ-୨.୦ କାର୍ଯ୍ୟକାରି କରିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି । ବ୍ଲକ୍ ସ୍ତର ପର୍ଯ୍ୟନ୍ତ ସମସ୍ତ ସରକାରୀ ଅଫିସ କାର୍ଯ୍ୟ ପେପରଲେସ୍ ରହିବ । ଓଶ୍ୱାସ-୩.୦ ପ୍ରକଳ୍ପ ପାଇଁ ନୂତନ ସିଷ୍ଟମ୍ ଡେଭ୍‌ଲପର ମନୋନୟନ ନିମନ୍ତେ ଇ-ନିବିଧା ପୋର୍ଟାଲ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଟିସିଏସ୍ ଏକମାତ୍ର ବିଡ୍ ଦାଖଲ କରିଥିଲା । ଏହାକୁ ଟିସିଏସ୍‌କୁ ଦିଆଯାଇଛି । ଟିସିଏସ୍‌ର ୧୨୨ କୋଟି ୬୦ ଲକ୍ଷ ୨୫ ହଜାର ୪୭୬ ଟଙ୍କାର ମୂଲ୍ୟ ପ୍ରସ୍ତାବକୁ ସରକାର ଅନୁମୋଦନ କରିଛନ୍ତି । ସେମି କଣ୍ଡକ୍ଟର ନୀତିର ତୃତୀୟ ସଂଶୋଧନକୁ ଅନୁମୋଦନ ମିଳିଛି । ଏହି ସଂଶୋଧନ ନୀତି ଆକର୍ଷଣକୁ ବୃଦ୍ଧି କରିବା, ନିବେଶକମାନଙ୍କର ଆସ୍ଥାକୁ ସୁଦୃଢ଼ କରିବା ଏବଂ ରାଜ୍ୟରେ ଏକ ସୁଦୃଢ଼ ଓ ସ୍ଥାୟୀ ସେମିକଣ୍ଡକ୍ଟର ପରିବେଶ ଗଠନର ଲକ୍ଷ ରଖିଛି । ସେହିଭଳି ପାର୍ବତୀଗିରି ମେଗା ଉଠାଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଆଗାମୀ ୫ ବର୍ଷ ଲାଗି ୧୨୪୫୮.୪ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ସବୁ ଜିଲ୍ଲାରେ ୨ ଲକ୍ଷ ୬୨ ହଜାର ୨୭୫ ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ପମ୍ପ ଷ୍ଟୋରେଜ୍ ପ୍ରୋଜେକ୍ଟ ନୀତି ଓ ପିଏସ୍‌ପି ନୀତିର ପରିଚାଳନା ନିର୍ଦ୍ଦେଶାବଳୀ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରୀ କରିଛନ୍ତି । ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତିରୁ ପ୍ରାୟ ୧୧୦୦୦ମେଗାୱାଟ୍ କ୍ଷମତା ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି । ଅସହାୟ ଶିଶୁମାନଙ୍କୁ ରାଜ୍ୟସ୍ତରୀୟ ଯୋଜନା, ଯଶୋଦା ଓ ଉପଯୋଜନା ଆଶୀର୍ବାଦକୁ ଜାରି ରଖିବା ନିମନ୍ତେ ୨୯୬.୯୯ କୋଟି ଟଙ୍କାକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ୫ ବର୍ଷ ମଧ୍ୟରେ ଏହି ଟଙ୍କା ଖର୍ଚ୍ଚ କରାଯିବ । ଏହି ଯୋଜନା ହେଉଛି ଯେ କୋଭିଡ-୧୯ ମହାମାରୀ ସମୟରେ ଉଭୟ କିମ୍ବା ପରିବାରର ଏକମାତ୍ର ରୋଜଗାରିମା ପିତାମାତାଙ୍କୁ ହରାଇଥିବା ଶିଶୁମାନଙ୍କୁ ଡିବିଟି ମାଧ୍ୟମରେ ମାସିକ ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ସମନ୍ୱିତ ସହାୟତା ପ୍ରଦାନ କରାଯାଇଥାଏ । ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଜାରି ରଖିବା ପାଇଁ ଅନୁମୋଦନ ମିଳିଛି । ୟୁନିଫର୍ମ, ଜୋତା, ମୋଜା ଓ ସ୍ୱେଟରର ୟୁନିଟ୍ ମୂଲ୍ୟରେ ସଂଶୋଧନ ଓ ପିଲାମାନଙ୍କ ପାଇଁ ଅତିରିକ୍ତ ଗୋଟିଏ ହଳ ମୋଜା ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ପ୍ରତିବର୍ଷ ୧୪.୭୬ ଲକ୍ଷ ପ୍ରାକ୍ ବିଦ୍ୟାଳୟ ପିଲା ୩-୬ ବର୍ଷ ଉପକୃତ ହେବେ । କ୍ୟାବିନେଟ୍ ୨୦୨୬-୨୭ ଠାରୁ ୨୦୩୦-୩୧ ପର୍ଯ୍ୟନ୍ତ ଏହି ଯୋଜନାରେ ୫୮ କୋଟି ୬୫ ଲକ୍ଷ ୭୫ ହଜାର ୪୮୦ ଟଙ୍କା ଅନୁମୋଦନ କରିଛନ୍ତି । ଜଳାଶ୍ରୟ ଏବଂ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପ ଉନ୍ନତିକରଣ କାର୍ଯ୍ୟ ପର୍ଯ୍ୟାୟ-୩ କୁ ଅନୁମୋଦନ ମିଳିଛି । ୪ ବର୍ଷ ପାଇଁ ୩୮୯ କୋଟି ବ୍ୟୟରେ ଏହା କାର୍ଯ୍ୟକାରୀ ହେବ । ୧୫୭୦୦ ହେକ୍ଟର ହଜିଯାଇଥିବା ଜଳସେଚନ କ୍ଷେତ୍ର (ଆୟାକଟ)କୁ ପୁନରୁଦ୍ଧାର କରାଯିବ । ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ ୨୦୨୬ ପ୍ରଣୟନ କରାଯାଇଛି । ଏଥିରେ ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତି ଯୋଗ୍ୟତା ସର୍ତ ପ୍ରତ୍ୟାହାର ହେବାସହ ମୂଳସ୍ତରରେ ଗ୍ରୁପ୍-ଡି ପଦବୀରେ ୫୦% ସୀମାକୁ ପ୍ରତ୍ୟାହାର କରାଯାଇଛି ।

## ଗୁରୁଣ୍ଡିଆ...

ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ପୃକ୍ତ ଡାକ୍ତର ବାରିକଙ୍କୁ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି । ଦୁର୍ନୀତି ବିରୁଦ୍ଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନର ସବୁ ସ୍ତରରେ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡା ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ସବୁବେଳେ କହି ଆସୁଛନ୍ତି ।

## ବିରୋଧୀ...

ଜବାବ ରଖି ରାହୁଲ ଗାନ୍ଧି କହିଛନ୍ତି ଯେ ଅମିତ ଶାହାଙ୍କ ଭାଷଣ ଶୁଣିବାକୁ ବିରୋଧୀ ଦଳ ନେତା କିମ୍ବା ଦେଶବାସୀଙ୍କର ଆଗ୍ରହ ନାହିଁ । କୌଣସି ଯୁବକ ମଧ୍ୟ ଏହା ଶୁଣିବାକୁ ଚାହୁଁନାହାନ୍ତି । ଛାତ୍ରମାନଙ୍କ ଉପରେ ଗୁଳି ଚଳାଇବା ପାଇଁ କିଏ ଅନୁମତି ଦେଇଥିଲା, ତାହା ସ୍ପଷ୍ଟ କରାଯାଉ । ଦିଲ୍ଲୀ ପୋଲିସ ଓ ଆର୍‌ଏଏଫ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଛି । କ'ଣ ଶ୍ରୀ ଶାହା ନିର୍ଦ୍ଦେଶ ଦେଇଥିଲେ କି ବୋଲି ସେ ପ୍ରଶ୍ନ କରିବା ସହ କହିଛନ୍ତି, ଯଦି ସେ ଏହା କହିଛନ୍ତି, ସେ ଦୋଷୀ । ଯଦି ଏହା କରି ନଥାନ୍ତି, ତାହାଲେ ଅପରାଗ । ଉଭୟ ଘଟଣାରେ ଶ୍ରୀ ଶାହା ଇସ୍ତଫା ଦେବା ଉଚିତ । ଆଜି ଅପରାହ୍ନରେ ଲୋକସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି ଯେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ । ମାତ୍ର ପ୍ରଥମ ଥର ପାଇଁ ସେ ତାଙ୍କ ଜୀବନରେ ଦେଖୁଛନ୍ତି, ସରକାର ଆଲୋଚନା ଚାହୁଁଥିଲାବେଳେ ବିରୋଧୀ ଦଳ ଗୃହ ଚଳାଇ ଦେଉନାହାନ୍ତି । ସଂସଦୀୟ ଗଣତନ୍ତ୍ରରେ ଏହାକୁ କଳ୍ପନା କରିବା କଷ୍ଟ । ଯଦି ବିରୋଧୀ ଆଲୋଚନା ଦାବି କରିବେ, ସରକାର ଏହାର ଜବାବ ଦେବେ । ମାତ୍ର ସରକାର ଆଲୋଚନା ପାଇଁ ଚାହୁଁଛନ୍ତି କିନ୍ତୁ ବିରୋଧୀ ଦଳ ଶୁଣିବାକୁ ରାଜି ନୁହଁନ୍ତି । ଇତିମଧ୍ୟରେ ଅମିତ ଶାହା ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ବିରୋଧୀ ଦଳ ସହ ଆଲୋଚନା କରାଯାଇ ଏକ ସର୍ବସମ୍ମତ ନିଷ୍ପତ୍ତି ହେଉ, କେତେ ସମୟ ଆଲୋଚନା ହେବ ସମୟ ଧାର୍ଯ୍ୟ ହେଉ । ମୁଁ ଗୃହରେ ଉପସ୍ଥିତ ରହିଛି ଓ ବିରୋଧୀଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ । ହେଲେ ବିରୋଧୀ ଦଳଗୁଡ଼ିକ ଏହି ପ୍ରସ୍ତାବକୁ ଗ୍ରହଣ କରିନାହାନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ଗୃହ ଚଳାଇବା ପ୍ରାଥମିକତା । ଯଦି କଂଗ୍ରେସ ରାଜି ହେବ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରୁ ଆଲୋଚନା ଆରମ୍ଭ କରାଯିବ ।

## ଲଘୁଚାପ...

ଯୋଗୁ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇବାର ସମ୍ଭାବନା ଅଛି । ସେପଟେ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ବୁଲେଟିନରେ କହାଯାଇଛି, ଆସନ୍ତାକାଲି(ଗୁରୁବାର) କେନ୍ଦୁଝରରେ ଅତି ପ୍ରବଳ ବର୍ଷା ନେଇ ରେଡ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ବାଲେଶ୍ୱର, ଯାଜପୁର, କଟକ, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

# ଝାଡ଼ଖଣ୍ଡର ୬ ଚୋର ଗିରଫ, ଆହୁରି ଅନେକ ବାକି



ଭଦ୍ରକ,(ସବ୍ୟୁ): ଲୁଟର ନୂଆ ଅନ୍ଦାଜ । ଝାରଖଣ୍ଡରୁ ଆସି ଭଦ୍ରକରେ ଲୁଟ୍ ଥିଲେ । ପ୍ରଥମେ ଜଣେ ଡକାୟତ ଓଡ଼ିଆରେ ମାମୁଁ,ଭାଇ,ମାଉସୀ କିମ୍ବା ଭାଉଜ କହି ଡାକୁଥିଲା । ପାଣି ପିଇବା ପାଇଁ ମାଗୁଥିଲା । ଲୋକେ ପାଣି ଆଣିବା ପାଇଁ ଯିବା ମାତ୍ରେ ଏକ ସାଙ୍ଗେ ଘରେ ପଶୁଥିଲେ ୫ରୁ ଊର୍ଦ୍ଧ୍ୱ ଡକାୟତ । ବନ୍ଧୁକ ଦେଖାଇ ସ୍ତ୍ରୀ ଓ ପୁରୁଷମାନଙ୍କୁ ଅଲଗା ଅଲଗା ଘରେ ବନ୍ଧକ ରଖି ଜଗି ରହୁଥିଲେ । ଅନ୍ୟ ଲୁଟେରା ସମସ୍ତ ଜାଗାରୁ ଲୁଟ କରୁଥିଲେ । ଏମିତି ଏକ ଗ୍ୟାଙ୍ଗର ଖୁଲାଶା କରି ଧରିଛି ଭଦ୍ରକ ପୋଲିସ । ଭଦ୍ରକ ଏସପି ମନୋଜ ରାଉତଙ୍କ ସୂଚନା ଅନୁଯାୟୀ ଗତ ମେ ମାସରୁ ଏବେ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାରେ ୬ଟି ଡକାୟତି ହୋଇଥିଲା । ମୁଖ୍ୟତଃ ସନ୍ଧ୍ୟା ସମୟରେ ଲୁଟ ପ୍ଲାନିଙ୍ଗ କରୁଥିଲେ ଏହି ଝାଡଖଣ୍ଡି ଡକାୟତ ଦଳ । ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ଜଗଦଳପୁରରେ ଲୁଟ ପରେ ପୋଲିସ ଭଦ୍ରକ ଜିଲ୍ଲାର ମାଷ୍ଟରମାଇଣ୍ଡ ଆଦିତ୍ୟ ରଣାକୁ ଧରିଥିଲା । ଆଦିତ୍ୟ ରଣାର ତଥ୍ୟ ଅନୁଯାୟୀ ଝାରଖଣ୍ଡର ମୁଖ୍ୟ ଆସାମୀ ନିକଟରେ ବର୍ତ୍ତମାନ ୪୦ ରୁ ୫୦ ଅପରାଧୀ ରହି ବିଭିନ୍ନ ରାଜ୍ୟ ତଥା ଜିଲ୍ଲାରେ କରୁଥିଲେ ଡକାୟତ । ପର୍ଯ୍ୟାୟକ୍ରମେ ସେ କିଛି କିଛି ଅପରାଧୀ ଓଡ଼ିଶା ଆସିବା ସହ ବିଭିନ୍ନ ପ୍ରକାରର ଡକାୟତି କରୁଥିଲେ । ଭଦ୍ରକ ପୋଲିସର ଦୁଇଟି ଟିମ ଝାରଖଣ୍ଡ ଯାଇ ଏବେ ୬ଜଣଙ୍କୁ ଗିରଫ କରିଛନ୍ତି । କିନ୍ତୁ ଝାଡ଼ଖଣ୍ଡର ମୁଖ୍ୟ ଅପରାଧୀ ଓ ତାର ଅନ୍ୟ ୫ରୁ ଅଧିକ ସହଯୋଗୀଙ୍କୁ ଧରିବା ପାଇଁ ଭଦ୍ରକ ପୋଲିସର ଅନ୍ୟ ଏକ ଟିମ ଏବେ ପୁଣି ଝାରଖଣ୍ଡ ବାହାରିଛି । ସେମାନଙ୍କ ନିକଟରୁ ଗୋଟେ ବନ୍ଧୁକ ସହ ଜୀବନ୍ତ ଗୁଳି ସହ ନଗଦ ୨ ଲକ୍ଷ ୧୭ ହଜାର ଟଙ୍କା, ୭୩ ଗ୍ରାମ ସୁନା,୬୦୦ ଗ୍ରାମ ରୂପା, ଗୋଟେ ସୁଜୁକି ବ୍ରିଜା ଯାହାର ନମ୍ବର ଜେଏଚ-୧୦-୦୭୪୦, ଗୋଟିଏ ବୁଲେଟ ଓ ଗୋଟିଏ ହିରୋ ଏକ୍ସଟ୍ରିମ ବାଇକ ଓ ୭ ଟି ମୋବାଇଲ ଫୋନ ଜବତ କରିଛି ବୋଲି କହିଛନ୍ତି ଭଦ୍ରକ ଏସପି ମନୋଜ ରାଉତ ।

# ଜମିଜମା ବିବାଦକୁ ନେଇ ଜାଳିଦେଲେ କାର

ଗୋପ,(ସବ୍ୟୁ): ପୂର୍ବଶତ୍ରୁତା ଓ ଜମିଜମା ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ବିଳମ୍ବିତ ରାତିରେ କାରରେ ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ । ,ହୁତୁ ହୁତୁ ହୋଇ ଜଳିଗଲା କାର ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ସୁଦୁଖଣ୍ଡ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଗତକାଲି ଦିନରେ ଦୁଇ ଗୋଷ୍ଠୀମଧ୍ୟରେ ଗଣ୍ଡଗୋଳ ପରେ ଫୋନ ଯୋଗେ ଧମକ ଦେଇ ବିଳମ୍ବିତ ରାତ୍ରୀରେ ଚିତ୍ତରଞ୍ଜନ ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କ ଇଟିକା କାର ରେ ଦୁର୍ବୃତ୍ତ ମାନେ ନିଆଁ ଲଗାଇଦେଇଥିବା ଅଭିଯୋଗ ପରେ ଗୋପ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।ବୈରିପୁର ଗ୍ରାମର ବିପିନି ସ୍ୱାଇଁ,ଜଗା ସ୍ୱାଇଁ ମହାପୁର ଗ୍ରାମର ବାବୁ ନାୟକ ଓ ରାଜୁ ନାୟକ ସମେତ କିଛି ଲୋକ ସୁଦୁଖଣ୍ଡ ମୌଜାର ଏକ ବିବାଦୀୟ ଜମିରେ ଟ୍ରାକଟର ନେଇ ହଳ କରିବାରୁ ସୁଦୁଖଣ୍ଡ ଗ୍ରାମବାସୀ ବିରୋଧ କରିବାରୁ ସେମାନେ ଫେରିଯାଇ ଗାଳିଗୁଳଜ କରିଥିଲେ ।ମଙ୍ଗଳବାର ସନ୍ଧ୍ୟାରେ ଓ ରାତି ୧୧ ଟାରେ ଦୃବୃତମାନେ ଚିତ୍ତରଞ୍ଜନଙ୍କୁ ଫୋନ କରି ହତ୍ୟା ଧମକ ଦେଇଥିଲେ ।ରାତିରେ ୨ଟାରେ ଘରବାହାରେ ପାଟିତୁଣ୍ଡ ଶୁଣି ଚିତ୍ତରଞ୍ଜନ ଘରବାହାରେ ତାଙ୍କ କାର ହୁତୁହୁତୁ ହୋଇ ଜଳୁଥିବା ଦେଖି ପୁଲିସକୁ ଜଣାଇଥିଲେ । ବୁଦବାର ଦିନ ଗୋପ ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରଂଭ କରିଛି ।ତେବେ ଏସମ୍ବନ୍ଧରେ ଗୋପ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କୁ ପଚାରିବାର ସେ କହିଛନ୍ତି ଉଭୟ ପକ୍ଷରୁ ଦୁଇଟି ଅଭିଯୋଗ ହୋଇଛି ।ତଦନ୍ତ ଚାଲିଛି ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ବୁଲା ଷଣ୍ଢଙ୍କ ବେକରେ ବନ୍ଧା ଗଲା ରେଡିୟମ୍ ବେଲ୍ଟ

ଆଗରପଡ଼ା,(ସବ୍ୟୁ):ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକ୍ ଓଡଙ୍ଗ ପଂଚାୟତରେ ରାଜ୍ୟସରକାରଙ୍କ ପକ୍ଷରୁ ଓଡଙ୍ଗ ପ୍ରାଣୀନିରୀକ୍ଷକ ପ୍ରିୟବ୍ରତ ରାଉତ ଓ ମୈତ୍ରୀ ଆକାଶ ଜେନାଙ୍କ ପ୍ରଚେଷ୍ଟାରେ ଆସିଥିବା ରେଡିୟମ ବେଲ୍ଟ ବୁଲା ଷଣ୍ଡ ମାନଙ୍କ ବେକରେ ବନ୍ଧା ଯାଇଛି । ଏହି ରେଡ଼ିୟମ ବେଲଫ ବାନ୍ଧିବା ଫଳରେ ବୁଲା ଷଣ୍ଢମାନେ ପ୍ରତିଦିନ ଘଟୁଥିବା ଦୁର୍ଘଟଣାରୁ ରକ୍ଷା ପାଇ ପାରିବେ । ଏଥି ସହିତ ଗାଡି ଚାଳକ ସାବଧାନତା ଅବଲମ୍ବନ କରିପାରିବା ସହ ସୁରକ୍ଷିତରେ ଘରକୁ ଫେରିପାରିବେ ବୋଲି ସେ କହିଛନ୍ତି ।

**AFFIDAVIT**

By virtue of an affidavit sworn before Executive Magistrate, Jatni, dated 11/08/2026 I, Birlangi Sunitha, Address At-Retanga Colony, Po- Jatni, Ps-Jatni, Dist- Khorda, Odisha, Pin- 752050 declare that I have changed my name from B.Sunita to Birlangi Sunitha. Henceforth, I shall be known as **Birlangi Sunitha** for all purposes.

Birlangi Sunitha

**AFFIDAVIT**

By virtue of an affidavit sworn before Executive Magistrate, Jatni, dated 11/08/2026 I, Birlangi Tejaswani, Address At-Retanga Colony, Po- Jatni, Ps-Jatni, Dist- Khorda, Odisha, Pin- 752050 declare that I have changed my name from B.Tejaswani to Birlangi Tejaswani. Henceforth, I shall be known as **Birlangi Tejaswani** for all purposes.

Birlangi Tejaswani

## ଜୟ ମହାବୀର କ୍ଲବର ବୋଲବମ ଭକ୍ତଙ୍କ ସେବା

ବାଲିପାଟଣା ,(ସବ୍ୟୁ): ବାଲିପାଟଣା ସ୍ଥିତ ଜୟ ମହାବୀର କ୍ଲବ ତରଫରୁ ପ୍ରତ୍ୟେକ ବର୍ଷ ବୋଲବମ ଶ୍ରଦ୍ଧାଳୁ ଭକ୍ତଙ୍କ ସେବାକରାଯାଇଛି ।ଏହି ଅବସରେ ମଙ୍ଗଳବାର ଅପରାହ୍ନରେ ବାଲିପାଟଣା ଛକ ବିଶ୍ରାମ ଘର ନିକଟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବାଉଙ୍ଗୀ ପାଇଁ ଭାରା ଏବଂ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ଗାୟତ୍ରୀ ଭଜନ ସନ୍ଧ୍ୟା କଳାକାର ବୃନ୍ଦ ଶିବଙ୍କ ଭଜନ ପରିବେଷଣ କରି ଶ୍ରଦ୍ଧାଳୁ ଏବଂ ଦର୍ଶକଙ୍କ ମନମୁU କରିଥିଲେ ଜୟ ମହାବୀର କ୍ଲବ ପକ୍ଷରୁ ପ୍ରଭାତ କୁମାର ଭୋଳ , ବିଜୟ କୁମାର ପରିସଡା , ଶୁଭମ ଦାସ , ଶୁଭ୍ରାଂଶୁ ତ୍ରିପାଠୀ , ବାପି ପଣ୍ଡା , କିଶୋର ପ୍ରଧାନ , ଅନିଲ ଜେନା , ତ୍ରିବିକ୍ରମ ଜେନା , ସୁରଜ ଭୋଳ , ଉମେଶ ଜେନା , ଦୀପ୍ତି ପ୍ରସାଦ ଜେନା , ପ୍ରଦୀପ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

**AFFIDAVIT**

I, Sudarsan Barik, S/o. Late Lokanath Barik, resident of OCC colony Mancheswar Industrial Estate, Po/Ps-Mancheswar, Dist-Khordha, Pin-751010, Odisha declare by this Affidavit No. 54 dtd. 11.08.2026 that now onwards I shall be known as **SUDARSHAN BARIK** for all future purposes.

**ଦ.ପୂ. ରେଳପଥ-ଟେଣ୍ଡର**

**ଟେଣ୍ଡର ନୋଟିସ୍ ନଂ. ସିକେପି-ଟେଣ୍ଡର୍-୨୬-୨୭-୩୧** । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପକ୍ଷରୁ କାର୍ଯ୍ୟ କରୁଥିବା ଡିଭିଜନାଲ୍ ରେଳବାଇ ମ୍ୟାନେଜର (ଇଞ୍ଜିନିୟରିଂ), ଚକ୍ରଧରପୁର ଖୋଲା ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି ପ୍ରାପ୍ତ କୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । **କାର୍ଯ୍ୟର ନାମ:** ଚକ୍ରଧରପୁରରେ ନୂତନ ଡିଆରଏମ ଅଫିସ୍ କୋଠାରେ ଗୋଟିଏ ଲିଫ୍ଟ ଯୋଗାଇବା ସହିତ ଜଡିତ ଯାନ୍ତ୍ରୀ ଏବଂ ସିଭିଲ୍ ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଏମଇଏ ଅଧୀନରେ ସୋନୁଆ, ଲୋଟାପାହାଡ଼, ଚୁକିଆ ଏବଂ ବାଇବାସ୍ତୁ ଷ୍ଟେସନରେ ଉପଯୁକ୍ତ ଜଳ ଯୋଗାଣ ବ୍ୟବସ୍ଥା (ଦ୍ୱିତୀୟ କଲ୍) । **ଟେଣ୍ଡର ମୂଲ୍ୟ:** ଟ. ୨,୧୩,୮୦,୦୬୭.୭୨ । **ଇଏମଡି:** ଟ. ୪,୨୨,୬୦୦/- । ଟେଣ୍ଡର ଫର୍ମ ମୂଲ୍ୟ: ଟ୦ । **ଖୋଲିବାର ତାରିଖ:** ୦୪.୦୯.୨୦୨୬ । ଟେଣ୍ଡରଟି ୱେବସାଇଟ୍‌ରେ ଦେଖାଯାଇପାରିବ: http:// www.ireps.gov.in ଟେଣ୍ଡରଦାତା/ ବିଡରମାନଙ୍କର ଶ୍ରେଣୀ-୩ ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ ।

(PR-606)

ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:
4001/255/2627
Phones: 06861-291058(O)/ 06861-291048(R)
<E mail- bhep.balimela@gmail.com, unit-head balimela@yahoo.com>

TENDER CALL NOTICE NO: BHEP/25/2026-27 DATED 11.08.2026

Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SL NO | Description of Services | Cost of tender paper (Non-refundable in Rs. | EMD in shape of DD/BC (Refundable) in Rs. | Period of availability of tender OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | HIRING OF 01 (ONE) NUMBER OF 32 SEATER BUS FOR SHIFT DUTY OF T.N.E EMPLOYEES WITH SINGLE DRIVER PROVISION FOR THREE YEARS UNDER BHEP, BALIMELA. | Rs. 7080/- (Rupees Seven Thousand Eighty) only | Rs. 39,248/- | From 14.08.2026 to up to 11.30 hrs on 29.08.2026 | 11:30 Hrs. of 29.08.2026 | 12:00 Hrs of 29.08.2026 |

For details of the tender documents, terms & conditions please visit our website www.ohpcltd.com

Sd/- C & P Head
BHEP, Balimela

OIPR : 4001/4019/1/26-27/0024

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1268/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା: ୧୪୯ **ବିଜ୍ଞାପନ** ତା : ୯.୭.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗୀୟା ପ୍ରମିଳା ଦାସ<br>ସ୍ୱାମୀ- ଶ୍ରୀ ଶିଶିର ହୋତା<br>ସା-କ୍ରିଜାନ ମନ୍ଦିର ରାସ୍ତା<br>ପୋ-କୋରାପୁଟ<br>ଥାନା-କୋରାପୁଟ<br>ଜିଲ୍ଲା-କୋରାପୁଟ | ଏ. ଟାଇପ ସପ ନଂ-୪-ଏମ୍<br>(A Type Shop No.4-M)<br>ସୁପର ମାର୍କେଟ<br>କୋରାପୁଟ | ୧. ଶିଶିର ହୋତା (ସ୍ୱାମୀ)<br>୨. ଅମିତ ହୋତା (ଅ.ବି.ପୁତ୍ର)<br>୩. ସୁଜିତ ହୋତା (ଅ.ବି.ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0163

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1512/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୧୨ **ବିଜ୍ଞାପନ** ତା : ୨୪.୦୮.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍‌ଆଇ-୪୧୦ (LI-410) କୁମୁଦମା, ଫେଜ୍-୩, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ରାକେଶ କୁମାର ରାଉତ, ପିତା-କୃଷ୍ଣଚନ୍ଦ୍ର ରାଉତ, ସା-ସିନଗିଡି, ପୋ-ମୌସୁଧା ବଜାର, ଥାନା-ତାଳଦାଲି, ଜିଲ୍ଲା-ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ରାକେଶ କୁମାର ରାଉତ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ବସନ୍ତ କୁମାର ପାତ୍ର, ପିତା-ସ୍ୱର୍ଗତ ଦାମୋଦର ପାତ୍ର, ସା-କେସିଙ୍ଗା, ପୋ-କେସିଙ୍ଗା, ଥାନା-କେସିଙ୍ଗା, ଜିଲ୍ଲା-କଳାହାଣ୍ଡିଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0194

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1468/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୬୨ **ବିଜ୍ଞାପନ** ତା : ୨୯.୭.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲସିଆର-୧୬୨ (LCR-162), ସି.ଏସ୍.ଏସ୍. ଛେଣ୍ଡ, ଫେଜ୍-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ମମତା ଭୌମିକ, ସ୍ୱାମୀ- ଧିରେନ୍ଦ୍ର ନାଥ ଭୌମିକ, ଘର ନଂ ଏଲସିଆର-୧୬୨, ଫେଜ୍-୧, ଛେଣ୍ଡ, ରାଉରକେଲା-୧୫, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମମତା ଭୌମିକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ମୃତ୍ୟୁଞ୍ଜୟ ବାରିକ, ପିତା-ସ୍ୱର୍ଗତ ମାଗୁଣି ଚରଣ ବାରିକ, ସା-ବାଣପୁର, ପୋ-ବାଣପୁର, ଥାନା-ବାଣପୁର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0190

# ନକଲି ସାର ଯୋଗାଣକୁ ନେଇ ଜନ ଶୁଣାଣି ଶିବିରରେ ଝଡ଼

ନୀଳଗିରି, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ନିଳଗିରି ଅଂଚଳରେ ଏବେ ନକଲି ସାର ସରକାରଙ୍କ ନିର୍ଦ୍ଦେଶରେ ଓରମାସ ପକ୍ଷରୁ ଚାଷୀଙ୍କୁ ଡିଏପି(୧୮୪୬) ୧୪୨୦ଟଙ୍କାରେ, ୟୁରିଆ ୩୪୦ଟଙ୍କା, ଓ ପଟାସ୍ ବସ୍ତା ପିଛା ୧୯୦୦ରେ ବିକ୍ରି କରାଯାଉଥିବା ବେଳେ ଚାଷୀମାନେ ଏହା ନକଲି ବୋଲି ଜଣା ପଡ଼ିବା ପରେ ସୋମବାର ଦିନ ନିଳଗିରି ବ୍ଲକକନଫରେନ୍ସ ହୋଲରେ ଚାଲିଥିବା ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଅନେକଚାଷୀ ଅଟୋରେ ସାର୍ ଲୋଡ୍ କରି ଆଣିଥିଲେ । ଏନେଇ ଉପସ୍ଥିତ ଅଧିକାରୀଙ୍କୁ ଅଭିଯୋଗ କରିବା ସହ ତୁରନ୍ତ ସରକାରଙ୍କ ତରଫରୁ କିଏ ଚାଷୀଙ୍କୁ ଦେଉଛି, ନିଳଗିରି ବ୍ଲକର କୋଉ ଅଧିକାରୀଙ୍କ ଇଙ୍ଗିତରେ ଏମ୍ ବି କେ. ମାନଙ୍କ ଜରିଆରେ ପ୍ରଦାନ କରାଯାଉଛି, ଏସବୁ ସାରରେ ଲୁଣ ମିଶିଥିବାର ଚାଷୀମାନେ ଅଭିଯୋଗକୁ ଉପସ୍ଥିତ ବାଲେଶ୍ୱର ଏଡିଏମ୍, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଏନେଇ ଉପଯୁକ୍ତ ତଦନ୍ତ କରାଯିବା ସହ ଯଦି ସତ୍ୟତା ଥାଏ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ଜନ ଶୁଣାଣି ଶିବିର ସ୍ୱାଭାବିକ ଚାଲିଥିଲା । ସୂଚନା ଅନୁଯାୟୀ ନୀଳଗିରି ବ୍ଲକର ୨୫ଟି ପଂଚାୟତରେ ଚାଷୀଙ୍କୁ ବିଭିନ୍ନ ପ୍ରକାରର ସାର ଯୋଗାଇ ଦେବା ପାଇଁ ଓରମାସ ପକ୍ଷରୁ ଯୋଗାଇ ଦିଆଯିବା ସହ ନିଳଗିରି ବ୍ଲକର ଡେପୁଟି ସି. ଓ. ଶାନ୍ତନୁ ବାନାର୍ଜୀ ଦାୟିତ୍ୱରେ ଥିବା ବେଳେ ପ୍ରତି ପଞ୍ଚାୟତରେ ଥିବା ଏମ ବି କେ ନିକଟରେ ଗଚ୍ଛିତ କରାଗଲା ପରେ ଚାଷୀମାନେ ତାଠାରୁ ସରକାରଙ୍କ ଉଚିତ ମୂଲ୍ୟ ଦେଇ ସାର ନେଇ ପାରିବେ । ଡେପୁଟି ସି. ଓ. ନୀଳଗିରି ବ୍ଲକରେ ଏନ୍ ଜି ଓ, ପକ୍ଷରୁ ନିଯୁକ୍ତି ପାଇଥିବା ଏଫ. ଇ. ଓ. ସୁଶ୍ରୀ ପ୍ରଭା ରାଉତଙ୍କ ଜରିଆରେ ପଞ୍ଚାୟତକୁ ଯୋଗାଇ ଦିଆ ଯାଇଥାଏ । ନିଳଗିରି ବ୍ଲକର ମଛୁଆ ପଂଚାୟତରେ ଚାଷୀମାନେ ଅଭିଯୋଗ କରିଛନ୍ତି । ବିଜେପିର ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ସଭାପତି ତାପସ କୁମାର ମହାନ୍ତି ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ । ଏନେଇ କୃଷି ବିଭାଗର କୌଣସି ସଂପୃକ୍ତି ନ ଥିବା ବେଳେ ଏହା ନକଲି କି ଅସଲି ସାର ତାର ନମୂନା ବାଲେଶ୍ୱର ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ପ୍ରକାଶ କରିଛନ୍ତି । କେତେ ଟନ୍ ବିଭିନ୍ନ ପ୍ରକାର ସାର ଆସିଲା, ଚାଷୀଙ୍କୁ କେତେ ଦିଆଗଲା ସେସବୁର କୌଣସି ସଠିକ୍ କାଗଜପତ୍ର ନ ଥିବାର ଶୁଣିବାକୁ ମିଳୁଛି । ନିଳଗିରି ଭେଜି ଟେବୁଲ୍ ଆଗ୍ରୋ ପ୍ରୋଡିସର କମ୍ପାନୀ ନାମରେ ଏଭଳି କଳା ବଜାରୀ ହେଉଥିବାର ଦେଖିବାକୁ ମିଳିଛି । ନକଲି ସାର ବାବଦରେ ମଧ୍ୟ ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି । ତେବେ ଦେଖିବାକୁ ବାକି ରହିଲା ମୋହନ ସରକାର ନକଲି ସାର କଳାବଜାରୀ ଉପରେ କି ପଦକ୍ଷେପ ନେଉଛନ୍ତି ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I. MALKANGIRI
25001/913/2627 NATIONAL COMPETITIVE BIDDING THROUGH e-Procurement

1st Corrigendum to Online Tender 04/RWD-I.MKG/2026-27 dt. 29.07.2026

In Partial modification to this office tender call notice Online Tender 04/RWD-I, MKG/2026-27 dt.29.07.2026 availability of Tender on-line for bidding have been rescheduled as follows :

| Procurement Officer | Bid Identificaiton No. | No of Works | Availability of Tender on-line for bidding From | Availability of Tender on-line for bidding To | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender -04/RWD-I, MKG/ 2026-27 | Total 14 nos (Single Cover) | 17.08.2026 from 11.00 AM | 29.08.2026 up to 5.00 PM | 28.08.2026 up to 5.00 PM | Tech Bid opening - 31.08.2026 at 11.00 AM |

Sd/- Executive Engineer
R.W.Division-I, Malkangiri

OIPR : 25001/25058/1/26-27/0005

Annexure-II

Office of District Manager
Odisha State Civil Supplies Corporation Ltd. (OSCSC)
NABARNAGPUR
7001/94/2627
Phone: 9438200053
District Website: nabarangpurnic.in

Tender No. 07/2026,08/2026,09/2026,10/2026,11/2026 & 12/2026 Dt. 11.08.2026

District Manager, Odisha State Civil Supplies Corporation Ltd, Nabarangpur invites tenders in Double Cover System through ONLINE MODE ONLY for the works below:

| | | | |
|---|---|---|---|
| 1 | Name of the work | : | Selection and appointment of Transport Contractor for transportation of Paddy from Paddy purchase Centre to Rice Mill and CMR from Mills to Depots for the KMS 2025-26 |
| 2 | Availability of bid document in the portal | : | From 12.08.2026 |
| 3 | Last Date / Time for receipt of bids in the portal | : | Dt 27.08.2026 up to 5.00 P.M. |
| 4 | Date/Time of Opening of Technical Bid | : | Dt 28.08.2026 at 11.00 AM. |
| 5 | Name and address of the Officer Inviting Tender | : | District Manager, OSCSC Ltd, Nabarangpur |

Tender Documents & other details can be seen from the e-procurement portal www.oscsc.in, www.foododisha.in &www.tendersodisha.gov.in along with district website. Amendments /corrigendum /cancellation/ retenders etc. if any shall be published only in above websites.

Sd/- District Manager
OSCSC Ltd. Nabarangpur

OIPR : 7001/7045/1/26-27/0003

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୮୧୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୬୭୨, କେନ୍ଦୁଝର-ରବିନାରାୟଣରାଜ୍- ୯୪୩୭୩୩୭୨୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୬, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୩୭୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୬୬, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।



ଲୋକ ସେବା ଭବନରେ ବୁଧବାର ରାଜ୍ୟର ପୂର୍ବତନ ବିଧାୟକ ମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି ।

## ବିଧାୟକ ପ୍ରକାଶ ସେଠୀଙ୍କ ଜିଦ୍ କୁ ମାନିନେଲେ କର୍ତ୍ତୃପକ୍ଷ, ହଟିଲେ ଚିଫ୍ ୱାର୍ଡେନ

### ଡେପୁଟି ୱାର୍ଡେନ ରବିଉଲ୍ ଅନସାରୀଙ୍କୁ ହଷ୍ଟେଲ ଦାୟିତ୍ୱରୁ ସମ୍ପୂର୍ଣ୍ଣ ଅବ୍ୟାହତି

କଟକ, (ସବ୍ୟୁ) :ଶିକ୍ଷକ ଏବଂ କଟକ ସଦର ବିଧାୟକଙ୍କ ବିବାଦ ମଧ୍ୟରେ ବାଜି ମାରିଛନ୍ତି ବିଧାୟକ ପ୍ରକାଶ ସେଠୀ। ତାଙ୍କ ଜିଦ୍ କୁ ଏକ ପ୍ରକାର ମାନି ନେଇଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ବଦଳିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟର ଚିଫ ୱାର୍ଡେନ। ପ୍ରଫେସର ସୁଦର୍ଶନ ମିଶ୍ରଙ୍କ ସ୍ଥାନରେ ରସାୟନ ବିଭାଗର ପୂର୍ଣ୍ଣେନ୍ଦୁ ପାଢ଼ୀଙ୍କୁ ଚିଫ୍ ୱାର୍ଡେନ ଭାବେ ଦାୟିତ୍ୱ ଦିଆଯାଇଛି। ସେହିଭଳି ଦୁଇ ଡେପୁଟି ଚିଫ୍ ୱର୍ଡେନଙ୍କୁ ମଧ୍ୟ ବଦଳି କରାଯାଇ ଥିବାବେଳେ ୮ ଜଣ ଲେଖାଏଁ ୱାର୍ଡେନ ସମେତ ଡେପୁଟି ୱାର୍ଡେନଙ୍କୁ ପରିବର୍ତ୍ତନ କରାଯାଇଛି। ସେମାନଙ୍କୁ ମଧ୍ୟରୁ କିଛି ନୂଆ ଦାୟିତ୍ୱ ପାଇଥିବାବେଳେ ଆଉ କିଛି ଜଣଙ୍କର ଅନ୍ୟ ହଷ୍ଟେଲକୁ ବଦଳି ହୋଇଛି। ବିଶେଷ କରି ଯେଉଁ ଡେପୁଟି ୱର୍ଡେନଙ୍କୁ ନେଇ ବିବାଦ ଏତେ ବାଟ ଯାଇଥିଲା, ସମ୍ପୃକ୍ତ ଡେପୁଟି ୱାର୍ଡେନ ରବିଉଲ୍ ଅନସାରୀଙ୍କୁ ହଷ୍ଟେଲ ଦାୟିତ୍ୱରୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦିଆଯାଇଛି। ପୂର୍ବରୁ ଚିଫ୍ ୱାର୍ଡେନ ଏବଂ ଡେପୁଟି ୱାର୍ଡେନଙ୍କ ବଦଳି ହେଲେ ଏହି ବିବାଦ ସମାଧାନ ହେବ ବୋଲି କଟକ ସଦର ବିଧାୟକ ପ୍ରକାଶ ସେଠୀ କହିଥିଲେ। ସେହି ଦୃଷ୍ଟିରୁ ରେଭେନ୍ସାରେ ଦୀର୍ଘଦିନ ଧରି ଚାଲିଥିବା ବିବାଦ ପୂର୍ଣ୍ଣଚ୍ଛେଦ ପଡ଼ିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲ ଛାତ୍ରଙ୍କ ଆନ୍ଦୋଳନରୁ ଏହି ବିବାଦ ଆରମ୍ଭ ହୋଇଥିଲା। ଅନ୍ତେବାସୀଙ୍କ ସମସ୍ୟାର ସମାଧାନ ନେଇ ଚାଲିଥିବା ବୈଠକରେ ଚିଫ୍ ୱାର୍ଡେନ ଏବଂ ବିଧାୟକ ଶ୍ରୀ ସେଠୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏପରିକି ଉଭୟ ନିଜ ନିଜ ବିରୋଧରେ ଦୁର୍ବ୍ୟବହାର ନେଇ ଅଭିଯୋଗ ଆଣିଥିଲେ। ଶିକ୍ଷକ ସଂଘ ପଦଯାତ୍ରା ମାଧ୍ୟମରେ ବିଧାୟକଙ୍କ କ୍ଷମା ପ୍ରାର୍ଥନା ଦାବି କରିଥିଲେ। ଚିଫ୍ ୱାର୍ଡେନଙ୍କ ସମେତ ସବୁ ୱାର୍ଡେନ ଏବଂ ଡେପୁଟି ୱାର୍ଡେନ ସମୂହ ଇସ୍ତଫା ଦେଇଥିଲେ। ଏପଟେ ବିଧାୟକ ଶ୍ରୀ ସେଠୀ ଦୁର୍ବ୍ୟବହାର ନେଇ ଚିଫ୍ ୱାର୍ଡେନ ପ୍ରଫେସର ମିଶ୍ରଙ୍କ ବିରୋଧରେ ବାଚସ୍ପତିଙ୍କୁ ଚିଠି ଲେଖିଥିଲେ। ଉକ୍ତ ଚିଠିକୁ ବିଧାୟକ ପ୍ରତ୍ୟାହାର କରନ୍ତୁ ବୋଲି ଶିକ୍ଷକ ସଂଘ ଦାବି କରିଥିଲେ। ତେବେ ଆଜି ରେଭେନ୍ସା କର୍ତ୍ତୃପକ୍ଷ ସବୁ ହଷ୍ଟେଲରେ ପଦାଧିକାରୀଙ୍କୁ ବଦଳି କରିଛନ୍ତି। ଚିଫ୍ ୱାର୍ଡେନ ଶ୍ରୀ ପାଢ଼ୀଙ୍କ ବ୍ୟତୀତ ପ୍ରଫେସର ଦୀପ୍ତି ରାଉତ ଓ ଡ. ଦ୍ୟୁତିକୃଷ୍ଣ ବେହେରାଙ୍କୁ ଡେପୁଟି ଚିଫ୍ ୱାର୍ଡେନ ଦାୟିତ୍ୱ ମିଳିଛି। ସେହିଭଳି ଜଗନ୍ନାଥ ଛାତ୍ରାବାସର ଡେପୁଟି ୱାର୍ଡେନ ଭାବେ ଡ. ଚିନ୍ମୟ ମଲ୍ଲିକ, ୱେଷ୍ଟ ହଷ୍ଟେଲର ୱାର୍ଡେନ ଭାବେ ସୀତାରାମ ମହାପାତ୍ର ଓ ଡେପୁଟି ୱାର୍ଡେନ ମହମ୍ମଦ ରହିମୁଲା ଅସରଫ, ଇଷ୍ଟ ହଷ୍ଟେଲର ୱାର୍ଡେନ ଭାବେ ଯଯାତି ନାୟକ ଓ ଡେପୁଟି ୱାର୍ଡେନ ରାଜା କିଶୋର ପୃଷ୍ଟି, ଲଳିତଗିରି ଛାତ୍ରାବାସର ୱାର୍ଡେନ ଭାବେ ଦିପ୍ତୀ ରଞ୍ଜନ ମହାରଣା ଓ ଡେପୁଟି ୱାର୍ଡେନ ଜିତେନ୍ଦ୍ର ସାବର, ପରିଜା ହଷ୍ଟେଲର ଡେପୁଟି ୱାର୍ଡେନ ସେଞ୍ଜୁତି ନନ୍ଦୀ, କାଠଯୋଡ଼ି ହଷ୍ଟେଲର ୱାର୍ଡେନ ରୂପେ ମନୋସ୍ମିତା ମହାପାତ୍ର ଓ ଡେପୁଟି ୱାର୍ଡେନ ମଧୁସ୍ମିତା ରାଉତ, ମହାନଦୀ ଛାତ୍ରୀନିବାସ ୱାର୍ଡେନ ବିନୋଦିନୀ ମାଝୀ, ଦେବୀ ହଷ୍ଟେଲର ୱାର୍ଡେନ ବନଜାରାଣୀ ପଣ୍ଡା, ଦୟା ହଷ୍ଟେଲ ୱାର୍ଡେନ ଡ. ସଂଘମିତ୍ରା ବେହେରା ଓ ଡେପୁଟି ୱାର୍ଡେନ ମାଳିନୀ ପ୍ରଭା ସେଠୀ, ଭାର୍ଗବୀ ହଷ୍ଟେଲର ୱାର୍ଡେନ ଯାଜ୍ଞସେନୀ ରାଉତ ଓ ଡେପୁଟି ୱାର୍ଡେନ ଭାବେ ରତ୍ନ ପାତ୍ରଙ୍କୁ ଦାୟିତ୍ୱ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଆଜି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ପୁରୀ ଗୋବର୍ଦ୍ଧନ ପୀଠ ଓ ସ୍ୱର୍ଗଦ୍ୱାର ବେଳାଭୂମିର ଉନ୍ନତିକରଣ ସମ୍ପର୍କରେ ସମୀକ୍ଷା

# ପୁରୀ ବେଳାଭୂମି ହେବ 'ଆଧ୍ୟାତ୍ମିକ ବେଳାଭୂମି' : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତ୍ତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତୀ'ର ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଆରତୀ ସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ



ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଣ୍ଟ ଦସ୍ତାବିଜ୍‌କୁ ପୁନର୍ବାର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତ୍ତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟ ମାନଙ୍କ ପବିତ୍ର ସମାଧି ସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ମଠର ପାରିପାର୍ଶ୍ୱିକ ବିକାଶ ସହିତ ମଠ ପରିସରରେ ଥିବା 'ଶ୍ରୀ ଗୋବର୍ଦ୍ଧନ ଗୋଶାଳା'ର ସୁପରିଚାଳନା ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗେଇଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପୀଠର ଉନ୍ନତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଆଇନ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ପୁରୀ ଏସପି ପ୍ରତୀକ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ଗୋବର୍ଦ୍ଧନ ପୀଠର ବ୍ୟବସ୍ଥା ପ୍ରମୁଖ ପ୍ରଫୁଲ୍ଲ ଚୈତନ୍ୟ ମହାରାଜ, ଆଦିତ୍ୟ ବାହିନୀ ମୁଖ୍ୟ ପୀଠ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର ତଥା ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଟେଟ୍ରାହେଡ୍ରନରେ ଅନ୍ତର୍ଜାତୀୟ ଯୁବ ଦିବସ

### ଜିଲ୍ଲା ସ୍ତରୀୟ ଆଇସି ଅଭିଯାନ ଉଦ୍‌ଘାଟନ

କଟକ,(ସବ୍ୟୁ):କଟକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆୟୋଜନରେ ଏବଂ ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସଂସ୍ଥା ସହଯୋଗରେ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ଯୁବ ଦିବସ ଓ ଜିଲ୍ଲା ସ୍ତରୀୟ ଆଇସି ଅଭିଯାନ ବୁଧବାର ଉଦଘାଟିତ ହୋଇଯାଇଛି। ଜିଲ୍ଲା ଯୁବ ରେଡକ୍ରସର କନଭେନର ଡ଼ ସସ୍ମିତା ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡିପିଏଚଓ ମନ୍ଦାକିନୀ ବେହେରା, ଏଡିପିଏଚଓ ଡ଼ ଅଶୋକ କୁମାର ଦାସ, ରାଜ୍ୟ ଯୁବ ରେଡକ୍ରସ୍ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର, ଜିଲ୍ଲା ସଂଯୋଜକ ଅକ୍ଷୟ କୁମାର ମହାନ୍ତି ଓ ପରାମର୍ଶଦାତା ଅଞ୍ଜଳି ଦାଶ ପ୍ରମୁଖ ଯୋଗଦେଇ ଯକ୍ଷ୍ମା



ଓ ଏଡ଼ସ ରୋଗର ନିରାକରଣ ଉପରେ ଆଲୋକପାତ କରିବା ସହ ଆନ୍ତର୍ଜାତୀୟ ଯୁବ ଦିବସର ଲକ୍ଷ୍ୟ ଉପରେ ବିସ୍ତୃତ ବାଖ୍ୟା କରିଥିଲେ। ଏହି ଅବସରରେ ଜିଲ୍ଲା ସ୍ତରୀୟ ଆଇସି ଅଭିଯାନର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସମେତ ଯୁବଗୋଷ୍ଠୀ ଯୋଗଦେଇଥିଲେ। ଟେଟ୍ରାହେଡ୍ରନର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

## ପ୍ରକାଶ ପାଇଲା ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ : ପାସ୍ ହାର ୬୩.୬୪ ପ୍ରତିଶତ

କଟକ,(ସବ୍ୟୁ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଏହି ପରୀକ୍ଷାରେ ମୋଟ ୫,୭୬୦ ଜଣ ଛାତ୍ରଛାତ୍ରୀ ଅବତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩,୬୬୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ମୋଟ ପାସ ହାର ୬୩.୬୪ ପ୍ରତିଶତ ରହିଛି। ଅନ୍ୟପଟେ ୨,୦୯୪ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷାରେ ଫେଲ ହୋଇଛନ୍ତି। ଏ୧ ଗ୍ରେଡ୍ ରେ ଜଣେ ହେଲେ ବି ଉତ୍ତୀର୍ଣ୍ଣ ହୋଇପାରିନାହାନ୍ତି। ତେବେ ଏ-୨ ଗ୍ରେଡ୍ ୫ ଜଣ, ୧୨ ଜଣ ବି-୧, ୫୩ ଜଣ ବି-୨,୧୯୨ ଜଣ ସି ,୫୩୬ ଜଣ ଡି ଓ ୨,୫୯୩ ଜଣ ଇ-ଗ୍ରେଡ ପାଇ ପାସ କରିଛନ୍ତି । କମ୍ପାର୍ଟମେଣ୍ଟାଲରେ ୨୭୫ ଜଣ ଉତ୍ତୀର୍ଣ୍ଣ ହୋଇଥିବା ନେଇ ସୂଚନା ଦେଇଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ (ଓପନ୍ ସ୍କୁଲ) ପରୀକ୍ଷାରେ ୮,୬୯୮ ଜଣ ଛାତ୍ରଛାତ୍ରୀ ଅବତୀର୍ଣ୍ଣ ହୋଇଥିବା ବେଳେ ୫,୪୫୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାରେ ପାସ୍ ହାର ୬୨.୬୫ ପ୍ରତିଶତ ରହିଥିବା ବେଳେ ୩,୧୮୫ ଜଣ ପରୀକ୍ଷାର୍ଥୀ ଫେଲ୍ ହୋଇଛନ୍ତି। ଏହି ପରୀକ୍ଷାରେ ଏ-୧ ଗ୍ରେଡରେ କେହି ଉତ୍ତୀର୍ଣ୍ଣ ହୋଇନଥିବା ବେଳେ ୧୦ଜଣ ଏ-୨,୧୦୯ଜଣ ବି-୧, ୪୦୧ଜଣ ବି-୨, ୮୬୮ଜଣ ସି ,୧୫୧୪ଜଣ ଡି ଓ ୨୫୪୮ ଜଣ ଇ ଗ୍ରେଡରେ ପାସ କରିଛନ୍ତି ।

## ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲରେ ତମାଖୁ ବର୍ଜନ ଦିବସ

କଟକ, (ସ୍ୱପ୍ର) : ଡିଏଭି ଏସ୍.ସି.ବି. ମେଡିକାଲ ପବ୍ଲିକ ସ୍କୁଲ୍ ଓ କଟକ ମହାନଗର ନିଗମର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କଟକ ମହାନଗର ନିଗମର କମିଶନର କିରନଦୀପ କୌର ସହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଗଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଡା. ସତ୍ୟବ୍ରତ ମହାପାତ୍ର, ଡା. ଦୀପା ପଟ୍ଟନାୟକ, ପ୍ରଫେସର ନିରଞ୍ଜନ ମିଶ୍ର, ଡା. ସୁଭାଷ ଚନ୍ଦ୍ର ଦାସ ଏବଂ ୨୪ ନମ୍ବର ୱାର୍ଡର କର୍ପୋରେଟର ମୀନା ସାହୁ, ଏମଡିଏ ସଭାପତି ସଞ୍ଜୟ




ଜେନା ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ତମାଖୁ ଭୟାବହ କୁପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ଶିକ୍ଷାନୁଷ୍ଠାନଗୁଡ଼ିକୁ ତମାଖୁ ମୁକ୍ତ ରଖିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗର ଆହ୍ୱାନ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଡଃ. ନିରଞ୍ଜନ ସ୍ୱାଇଁ ନିଜ ଅଭିଭାଷଣରେ ଯୁବପିଢ଼ିଙ୍କୁ ତମାଖୁ ଜାତୀୟ ପଦାର୍ଥର ଅପବ୍ୟବହାର ପ୍ରତି ସଜାଗ ରହିବାକୁ ଆହ୍ୱାନ ଜଣାଇଥିଲେ । ଏହି ସଚେତନତାମୂଳକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ସୁପରଭାଇଜର୍, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ତମାଖୁବର୍ଜନ ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବାର ସଂକଳ୍ପ ପତ୍ର ପାଠ କରିଥିଲେ ।

## ଆତ୍ମନିର୍ଭର ଭାରତ ପାଇଁ କୋଇଲା ଗ୍ୟାସିଫିକେସନ ଜରୁରୀ- ସିଜିଏଆଇ

ଭୁବନେଶ୍ୱର, (ସବ୍ୟୁ) : କୋଇଲା ଗ୍ୟାସିଫିକେସନ କ୍ଷେତ୍ରରେ ଅଗ୍ରଣୀ ଶୀର୍ଷ ସଂଗଠନ କୋଲ ଗ୍ୟାସିଫାୟର୍ସ ଆସୋସିଏସନ ଅଫ ଇଣ୍ଡିଆ (ସିଏଇଓ), ପକ୍ଷରୁ ଭୁବନେଶ୍ୱରରେ "କୋଇଲା ଗ୍ୟାସିଫିକେସନ୍‌ରେ ଆହ୍ୱାନ, ସୁଯୋଗ ଏବଂ ନୂତନ ପ୍ରଯୁକ୍ତି" ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦେଶରେ ଗଚ୍ଛିତ ବିପୁଳ କୋଇଲା ଭଣ୍ଡାର ଓ କୋଇଲା ମନ୍ତ୍ରାଳୟ ପକ୍ଷରୁ ପ୍ରଦତ୍ତ ଆର୍ଥିକ ସହାୟତା (ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ ଯୋଜନା)କୁ ଆଧାର କରି ଦେଶର ଇନ୍ଧନ ଆତ୍ମନିର୍ଭରଶୀଳତା ହାସଲ ପାଇଁ କୋଇଲା ଗ୍ୟାସିଫିକେସନ ବୃଦ୍ଧି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ କୋଲ ଇଣ୍ଡିଆ, ମହାନଦୀ କୋଲଫିଲ୍ଡସ, ସାଉଥ ଇଷ୍ଟର୍ଣ୍ଣ କୋଲ ଫିଲ୍ଡସ, ଗେଲ, ଏନଟିପିସି ଓ ଜିନ୍ଦଲ ଷ୍ଟିଲ ସମେତ ଶ୍ରୀଲଙ୍କାରୁ ଆସିଥିବା ଅନ୍ତର୍ଜାତୀୟ ପ୍ରତିନିଧି ମଣ୍ଡଳୀ ଓ କାନାଡାରୁ ପ୍ରଯୁକ୍ତି ବିଶେଷଜ୍ଞ ଯୋଗଦେଇଥିଲେ। ସମ୍ମିଳନୀରେ ୨୫ରୁ ଅଧିକ ବିଶେଷଜ୍ଞ ବକ୍ତା ବୈଷୟିକ ପ୍ରବନ୍ଧ ଉପସ୍ଥାପନ କରି ଭାରତୀୟ ଉଚ୍ଚ ପାଉଁଶ ସୃଷ୍ଟିକାରୀ କୋଇଲାର ପ୍ରକ୍ରିୟାକରଣ ପାଇଁ ଆଧୁନିକ ସମାଧାନ ଏବଂ ଜରୁରୀ ରାସାୟନିକ ପଦାର୍ଥର ଘରୋଇ ଉତ୍ପାଦନ ମାଧ୍ୟମରେ ବିଦେଶୀ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବାର




ଉପାୟ ସମ୍ପର୍କରେ ଆଲୋଚନା କରିଥିଲେ। ଏନଟିପିସି ଏବଂ ଜିନ୍ଦଲ ଷ୍ଟିଲ୍‌ର ଶୀର୍ଷ ଅଧିକାରୀମାନେ ଆତ୍ମନିର୍ଭରଶୀଳ ଭାରତର ଜାତୀୟ ଲକ୍ଷ୍ୟ ସହ ସିଧାସଳଖ ଭାବେ ସମ୍ପୃକ୍ତ ବିଭିନ୍ନ ପ୍ରମୁଖ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିନିଧିମାନେ ଜିନ୍ଦଲ ଷ୍ଟିଲ୍‌ର ଅନୁଗୋଳସ୍ଥିତ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ ସେଠାରେ ଥିବା ଭାରତର ପ୍ରଥମ 'ସିଜିପି-ଡିଆରଆଇ' ବ୍ୟବସ୍ଥା ପରିଦର୍ଶନ କରିଥିଲେ, ଯେଉଁଠାରେ କୋଲ ଗ୍ୟାସିଫିକେସନ ବ୍ୟବସ୍ଥାର ବ୍ୟବହାର କରାଯାଇ ଉଚ୍ଚମାନର ଇସ୍ପାତ ଉତ୍ପାଦନ କରାଯାଉଛି। ଅନୁଗୁଳ ପ୍ଲାଣ୍ଟ, ଦେଶର ପ୍ରଥମ ଇସ୍ପାତ ଉତ୍ପାଦନକାରୀ ପ୍ଲାଣ୍ଟ, ଯେଉଁଠାରେ 'ସିଜିପି-ଡିଆରଆଇ'ର ସୁବିଧା ରହିଛି ଏବଂ ଏହା ଦେଶରେ କୋଇଲାର ଅଭିନବ ବ୍ୟବହାରର ଏକ ଉଲ୍ଲେଖନୀୟ ଉଦାହରଣ। ଉନ୍ନତମାନର ପ୍ରଯୁକ୍ତି, ଆଧୁନିକ ଉତ୍ପାଦନ ସୁବିଧା, ଦକ୍ଷତା ଏବଂ ସ୍ଥାୟିତ୍ୱ ଉପରେ ଗୁରୁତ୍ୱ ଦେଉଥିବା ଜିନ୍ଦଲ ଷ୍ଟିଲ୍‌ର ଅନୁଗୋଳ ପ୍ଲାଣ୍ଟ ଭାରତର ଅତ୍ୟାଧୁନିକ ଇସ୍ପାତ କାରଖାନା ମଧ୍ୟରୁ ଅନ୍ୟତମ। ପ୍ରତିନିଧିମାନେ ପ୍ଲାଣ୍ଟର କାର୍ଯ୍ୟପ୍ରଣାଳୀକୁ ପ୍ରଶଂସା କରିବା ସହ ଦେଶର ସର୍ବବୃହତ୍ ବ୍ଲାଷ୍ଟ ଫର୍ନେସ୍ ଏବଂ ପ୍ଲାଣ୍ଟର ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ଏଥିସହ ପ୍ଲାଣ୍ଟର ସମ୍ପ୍ରସାରଣ କାର୍ଯ୍ୟକ୍ରମରେ ଗ୍ରହଣ କରାଯାଉଥିବା ବିଶ୍ୱସ୍ତରୀୟ ସର୍ବୋତ୍ତମ ପ୍ରଚଳିତ ବ୍ୟବସ୍ଥା ଏବଂ ଉନ୍ନତ ପ୍ରଯୁକ୍ତି ସମ୍ପର୍କରେ ସେମାନେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିଥିଲେ। ସମ୍ମିଳନୀରେ ଜିନ୍ଦଲ ଷ୍ଟିଲ୍‌ର ପରାମର୍ଶଦାତା ତଥା କୋଲ୍ ଗ୍ୟାସିଫାୟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ସଞ୍ଜୟ ସିଂହ, ମହାସଚିବ ଡ. ଏ.କେ. ବାଲ୍ୟାନ୍, ଉପସଭାପତି ତଥା କୋଇଲା ଗ୍ୟାସିଫିକେସନ୍ ବିଶେଷଜ୍ଞ କପିଳ ଧଗତ ଏବଂ ଗେଲର ବ୍ୟବସାୟ ବିକାଶ ନିର୍ଦ୍ଦେଶକ ଆର୍.କେ. ସିଙ୍ଘଲ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

## ପ୍ରଖ୍ୟାତ ଶିକ୍ଷାବିତ୍ ଓ ଶିକ୍ଷା ପ୍ରଶାସକ ପ୍ରଫେସର ଡ. ବିଶ୍ୱମୋହନ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ପ୍ରଖ୍ୟାତ ଶିକ୍ଷାବିତ୍ତ, ରାଜନୀତି ବିଜ୍ଞାନର ପୂର୍ବତନ ପ୍ରଫେସର ଓ ଶିକ୍ଷା ପ୍ରଶାସକ ପ୍ରଫେସର ଡ ବିଶ୍ୱମୋହନ ମିଶ୍ରଙ୍କ ପରଲୋକ ଘଟିଛି। ମୁମ୍ବାଇ ସ୍ଥିତ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ତାଙ୍କର ପରଲୋକ ଘଟିଛି। ସେ ଗତ କିଛି ସମୟ ଧରି ଅସୁସ୍ଥ ଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ଥିଲେ। ସେ ଖଲ୍ଲିକୋଟ କଲେଜ (ବର୍ତ୍ତମାନର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ)ର ଅଧ୍ୟକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଷ୍ଟାଫ୍ କଲେଜର ନିର୍ଦ୍ଦେଶକ ତଥା କେନ୍ଦ୍ରାପଡ଼ା କଲେଜ, ଯାଜପୁରର ଏନ୍.ସି. କଲେଜ ଓ ନୟାଗଡ଼ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଅନେକ ଗବେଷକ ଉଚ୍ଚତର ଡିଗ୍ରୀ ହାସଲ କରିଥିଲେ। ପୁରୀ ଜିଲ୍ଲାର ବୀରପ୍ରତାପପୁର ଗାଁର ଏକ ସାମାଜିକ ଚେତନା ସମ୍ପନ୍ନ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ପ୍ରଫେସର ଡ ମିଶ୍ର ପୁରୀର ଏସ୍.ସି.ଏସ୍. କଲେଜରୁ ସ୍ନାତକ ଓ ଆଲାହାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଲୋକ ପ୍ରଶାସନରେ ଡି.ଲିଟ୍ ଡିଗ୍ରୀ ପ୍ରାପ୍ତ କରିଥିଲେ। ସେ ତାଙ୍କ ସମୟର ଜଣେ ଲୋକପ୍ରିୟ ଶିକ୍ଷକ ଥିଲେ। ତାଙ୍କ ଅନେକ ଛାତ୍ରଛାତ୍ରୀ ସିଭିଲ୍ ସର୍ଭିସ୍‌ରେ ଯୋଗ ଦେଇ ପ୍ରାଶାସନିକ ସେବାରେ ନିୟୋଜିତ ରହିଛନ୍ତି। ସେ ଚାକିରୀରୁ ଅବସର ଗ୍ରହଣ କରିବା



ପରେ ମୁମ୍ବାଇରେ ତାଙ୍କ ଝିଅଙ୍କ ପାଖରେ ରହୁଥିଲେ। ଯୁବାବସ୍ଥାରେ ସେ ଜଣେ ଉଚ୍ଚକୋଟିର ସକ୍ରିୟ ବକ୍ତା ଓ ଲେଖକ ଥିଲେ। ଅନ୍ତର୍ଜାତିକ ଆଇନ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ। ଛାତ୍ରଛାତ୍ରୀ ଓ କର୍ମଚାରୀ ମାନଙ୍କ ମଧ୍ୟରେ ତାଙ୍କ ବିନମ୍ରତା ଓ ଲୋକପ୍ରିୟତା ପାଇଁ ସେ ସର୍ବଦା ପରିଚିତ ଥିଲେ। ପ୍ରଫେସର ମିଶ୍ରଙ୍କ ଦୁଇଟି ସନ୍ତାନ ଅଛନ୍ତି। ଜଣେ ପୁତ୍ର ଡକ୍ଟର ସନ୍ତୃପ୍ତ ମିଶ୍ର (ବର୍ତ୍ତମାନ ରାଜ୍ୟସଭା ସଦସ୍ୟ) ଓ କନ୍ୟା ଡକ୍ଟର ଲିପ୍ସା ମିଶ୍ର (ଅବସରପ୍ରାପ୍ତ ପ୍ରଫେସର)। ତାଙ୍କ ପତ୍ନୀ ଶ୍ରୀମତୀ ସରଜୁବାଲା ମିଶ୍ର ୬୪ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ପରଲୋକରେ ଅନେକ ପ୍ରଶଂସକ ଓ ବିଭିନ୍ନ ଜନପ୍ରତିନିଧି ଗଭୀର ଶୋକ ପ୍ରକାଶ କରିଛନ୍ତି।

## କିମ୍ସ ଏଣ୍ଡୋକ୍ରାଇନୋଲୋଜି ବିଶେଷଜ୍ଞ ଡା. ସମ୍ବିତ ଦାସ

### ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆ ସଭାପତି

ଭୁବନେଶ୍ୱର, (ସବ୍ୟୁ) : କିମ୍ସ ଭୁବନେଶ୍ୱରର ଏଣ୍ଡୋକ୍ରାଇନୋଲୋଜି ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ସମ୍ବିତ ଦାସ ଦେଶର ଏଣ୍ଡୋକ୍ରାଇନୋଲୋଜି କ୍ଷେତ୍ରର ଅନ୍ୟତମ ପ୍ରତିଷ୍ଠିତ ବୃତ୍ତିଗତ ସଂଗଠନ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ୧୯୭୨ ମସିହାରେ ପ୍ରତିଷ୍ଠିତ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆ ଦେଶର ଏଣ୍ଡୋକ୍ରାଇନୋଲୋଜି ବିଶେଷଜ୍ଞମାନଙ୍କର ସର୍ବବୃହତ ସଂଗଠନ। ଗତ ୪୦ ବର୍ଷ ମଧ୍ୟରେ ଡା. ଦାସ ପ୍ରଥମ ଓଡ଼ିଆ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଭାବେ ଏହି ସଂଗଠନର ସଭାପତି ନିର୍ବାଚିତ ହୋଇଥିବା



କୁହାଯାଉଛି। ଏଥିସହ ସଂଗଠନର ଇତିହାସରେ ସେ ଏହି ପଦବୀ ଅଳଙ୍କୃତ କରିଥିବା ସର୍ବକନିଷ୍ଠ ସଭାପତି ହେବାର ଗୌରବ ମଧ୍ୟ ଅର୍ଜନ କରିଛନ୍ତି। ଜଣେ ବିଶିଷ୍ଟ ଚିକିତ୍ସକ, ନିଷ୍ଠାବାନ ଶିକ୍ଷକ ଏବଂ ସଫଳ ଗବେଷକ ଭାବେ ଡା. ଦାସ ଏଣ୍ଡୋକ୍ରାଇନୋଲୋଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ସେ ବର୍ତ୍ତମାନ ଇଏସଆଇର ଉପସଭାପତି ଭାବେ କାର୍ଯ୍ୟ କରୁଥିବାବେଳେ ସାଉଥ୍ ଏସିଆନ୍ ଫେଡେରେସନ୍ ଅଫ୍ ଏଣ୍ଡୋକ୍ରାଇନ୍ ସୋସାଇଟିଜର କାର୍ଯ୍ୟକାରୀ କମିଟି ସଦସ୍ୟ ମଧ୍ୟ ଅଛନ୍ତି। ଦୀର୍ଘ ବର୍ଷ ଧରି ଏଣ୍ଡୋକ୍ରାଇନୋଲୋଜି କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାଙ୍କୁ 'ଏକ୍ସେଲେନ୍ସ ଇନ୍ ଏଣ୍ଡୋକ୍ରାଇନୋଲୋଜି ଆଣ୍ଡ ଡାଇବେଟିସ୍ ଆୱାର୍ଡ' ପ୍ରଦାନ କରି ସମ୍ମାନିତ କରିଥିଲେ। ଡା. ଦାସଙ୍କ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇ କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରତିଷ୍ଠିତ ପଦବୀକୁ ଡା. ଦାସଙ୍କ ନିର୍ବାଚନ କେବଳ ଅନୁଷ୍ଠାନ ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ମଧ୍ୟ ଏକ ବଡ଼ ସମ୍ମାନର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

### ସଂଘବଦ୍ଧ ଆକ୍ରମଣରୁ କୋମାରେ ଲକ୍ଷ୍ମୀଧର

## ଅଭିଯୁକ୍ତଙ୍କ ଗିରଫ ଦାବିରେ ବାଲିଅନ୍ତା ଥାନା ଘେରାଉ

ଭୁବନେଶ୍ୱର, (ସବ୍ୟୁ) : ସଂଘବଦ୍ଧ ଆକ୍ରମଣରେ ସୁଧାଷଡଙ୍ଗୀ ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁ ଗୁରୁତର ହୋଇ କୋମାରେ ଥିବାବେଳେ ଅଭିଯୁକ୍ତଙ୍କ ଗିରଫ ଦାବିରେ ତାଙ୍କ ପରିବାର ଓ ଗାଁ ଲୋକେ ବାଲିଅନ୍ତା ଥାନା ଘେରାଉ କରିଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଉଚ୍ଚ ଅଧିକାରୀ ଓ ଏକ ପ୍ଲାଟୁନ୍ ଫୋର୍ସ ଘଟଣାସ୍ଥଳରେ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ସେମାନେ ଥାନା ଘେରାଉରୁ ବିରତ ହୋଇଥିଲେ ।

ରବିବାର ରାତିରେ ସୁଧା ଷଡଙ୍ଗୀ ଗାଁ ସ୍କୁଲରେ କିଛି ଯୁବକ ଭୋଜି କରିବା ସହ ସ୍କୁଲ ତାଲା ଭାଙ୍ଗୁଥିଲେ । ମାର୍କେଟକୁ ପରିବା ପାଇଁ ଆସିଥିବା ଲକ୍ଷ୍ମୀଧର ଏହା ଦେଖି ସେମାନଙ୍କୁ ତାଲା ଭାଙ୍ଗିବାକୁ ବାରଣ କରିଥିଲେ । ଯାହା ଫଳରେ ସମ୍ପୃକ୍ତ ଯୁବକମାନେ ମିଳିତ ଭାବେ ମିଶି ଲକ୍ଷ୍ମୀଧରକୁ ମାଡ ମାରି ଗୁରୁତର କରିଥିଲେ । ଏଭଳି ମାଡ ମାରିଲେ ଯେ, ତାଙ୍କ ମୁଣ୍ଡ, ନାକ, ଆଖି ପ୍ରଭୃତି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ସେ କୋମାରେ ରହି ଜୀବନ ସହ ସଂଗ୍ରାମ କରୁଥିବା ବେଳେ ପୋଲିସ କାହାରିକୁ ଗିରଫ କରିନାହିଁ । ପୋଲିସ ତିନିଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଛାଡିଦେଇଥିଲା ।

ସୌମ୍ୟ ଘଟଣା ଲୋକଙ୍କ ମନରୁ ନଲିଭୁଣୁ ପୁଣି ଲକ୍ଷ୍ମୀଧରକୁ ମିଳିତ ଆକ୍ରମଣ କରି ଗୁରୁତର କରିବା ଘଟଣା ବାଲିଅନ୍ତା ଥାନା ଅଞ୍ଚଳରେ ଚର୍ଚ୍ଚା ହେଉଛି । ୪ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହେଉଥିବାରୁ ଲକ୍ଷ୍ମୀଧରଙ୍କ ସ୍ତ୍ରୀ, ଦୁଇଝିଅ ଓ ଗାଁର ପୁରୁଷ, ମହିଳାମାନେ ମିଶି ବୁଧବାର ଦୀର୍ଘ ସମୟ ଥାନା ଘେରାଉ କରିଥିଲେ । ଥାନା ଘେରାଉ କରିଥିବା ଗାଁ ଲୋକଙ୍କ କହିବା କଥା ଲକ୍ଷ୍ମୀଧର ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପରିବାର କିଭଳି ଚଳିବେ ? ସେଥିପାଇଁ ସରକାରୀ ସହାୟତା ଦିଆଯିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯାଇ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଉ ।ଏ ସମ୍ପର୍କରେ ପୋଲିସ କିଛି କହିବାକୁ ଅନିଚ୍ଛା ପ୍ରକାଶ କରିଛି ।

ବାଲିଅନ୍ତା ଥାନା ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୌମ୍ୟ ଘଟଣା ଭଳି ଲକ୍ଷ୍ମୀଧର ଘଟଣା ଘଟିଥିବାରୁ ସାଧାରଣ ଲୋକେ ପ୍ରତିକ୍ରିୟାଶୀଳ ଅଛନ୍ତି । ପୋଲିସ ଆନ୍ଦୋଳନକାରୀଙ୍କୁ ଶୀଘ୍ର ଗିରଫ କରାଯିବା ପ୍ରତିଶ୍ରୁତି ଦେବା ସହ ପରିବାର ପ୍ରତିପୋଷଣ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିବା ଆନ୍ଦୋଳନରେ ସାମିଲ ଥିବା ଲୋକେ କହିଛନ୍ତି ।

# ଜେପିସିକୁ ଗଲା ଏଫସିଆର୍‌ଏ ବିଲ୍

## ସଂସଦରେ ବିରୋଧୀ ଦଳଙ୍କ ହୋହଲ୍ଲା ମଧ୍ୟରେ ପ୍ରସ୍ତାବ ପାରିତ

**ନୂଆଦିଲ୍ଲୀ:** ଲୋକସଭାରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍ (ଏଫସିଆର୍‌ଏ) ୨୦୨୬କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଛି। ବୁଧବାର ବିରୋଧୀ ସାଂସଦଙ୍କ ତୀବ୍ର ବିରୋଧ ଓ ପ୍ରବଳ ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ସରକାର ଲୋକସଭାରେ ଏକ ପ୍ରସ୍ତାବ ଆଗତ କରିଥିଲା। ଆଗତ ପ୍ରସ୍ତାବକୁ ବାଚନିକ ଭୋଟ ମାଧ୍ୟମରେ ଗୃହୀତ କରାଯାଇଥିଲା। ଏଫସିଆର୍‌ଏ ବିଲ୍‌କୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିଲା। ସରକାର ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରି ଏହି ବିଲ୍ ଆଣିଥିବା ଅଖିଳେଶ ଯୁକ୍ତି ରଖିଥିଲେ। ଅଖିଳେଶ କହିଥିଲେ, ସମଗ୍ର ବିରୋଧୀ ଦଳ ଏହି ବିଲ୍‌କୁ ବିରୋଧ କରୁଛି। ଏହି ସରକାର ଏପର୍ଯ୍ୟନ୍ତ କେଉଁ ବିଲ୍ ଆଣିଛି ଯାହା ସଂଖ୍ୟାଲଘୁଙ୍କ ବିରୋଧରେ ନୁହେଁ ବୋଲି ପ୍ରଶ୍ନ କରିଥିଲେ। ରିଜିଜୁ ଜବାବରେ କହିଥିଲେ ଯେ, ବିରୋଧୀ ଦଳ ଗୃହକୁ ଭ୍ରମିତ କରୁଛନ୍ତି।




ମୁଁ ଅଖିଳେଶ ଯାଦବଙ୍କୁ ଚ୍ୟାଲେଞ୍ଜ କରୁଛି ଯେ, ସେ ଆମକୁ ସଂଖ୍ୟାଲଘୁଙ୍କ ବିରୋଧରେ ଥିବା ଗୋଟିଏ ବିନ୍ଦୁ କୁହନ୍ତୁ। ସେ ଏହା ମଧ୍ୟ କହିଥିଲେ ଯେ, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ଓ ଦେଶ ଏକ ଆଇନଗତ ଢାଞ୍ଚା ବିନା ବିଦେଶୀ ପାଣ୍ଠିକୁ ଦେଶକୁ ଆସିବାକୁ ଦେଇପାରିବ ନାହିଁ। ପୂର୍ବରୁ ଲୋକସଭା ମୁଲତବୀ ହେବା ପରେ କାର୍ଯ୍ୟ ଆରମ୍ଭ ହେବା ପରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏଫସିଆର୍‌ଏ ବିଲ୍‌କୁ ଜେପିସିକୁ ପଠାଇବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। କଂଗ୍ରେସ ସାଂସଦ କେସି ବେଣୁଗୋପାଳ ସରକାର ଏହି ବିଲ୍ ପ୍ରତ୍ୟାହାର କରିବାକୁ ଦାବି କରି ଅଭିଯୋଗ କରିଛନ୍ତି ଯେ, ଏହା ସଂଖ୍ୟାଲଘୁ ଓ ଏନଜିଓମାନଙ୍କୁ ଟାର୍ଗେଟ କରିବା ପାଇଁ ଉଦ୍ଦିଷ୍ଟ। ସରକାର ଏହି ବିଲ୍ ପ୍ରତ୍ୟାହାର କରିବା ଉଚିତ। ରିଜିଜୁ କହିଛନ୍ତି ଯେ, କଂଗ୍ରେସ ନିଜେ ଦାବି କରିଛି ଯେ, ବିଲ୍‌କୁ ଜେପିସି ନିକଟକୁ ପଠାଯାଉ ଓ ବିରୋଧୀ ଦଳକୁ କମିଟି ପ୍ରକ୍ରିୟା ବ୍ୟବହାର କରି ନିଜର ଚିନ୍ତା ପ୍ରକାଶ କରିବାକୁ ଅନୁରୋଧ କରିଛି। ସେ କହିଛନ୍ତି ଯେ, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ଓ ବେଣୁଗୋପାଳ ଗୃହକୁ ଭ୍ରମିତ କରନାହିଁ ବୋଲି କହିଥିଲେ। ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫିଉ ରିଓ ଓ ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲଡୁହୋମା ପୂର୍ବରୁ ବିଲ୍‌କୁ ବିସ୍ତୃତ ତର୍ଜମା ପାଇଁ ଏକ ମିଳିତ କମିଟିକୁ ପଠାଇବାକୁ କେନ୍ଦ୍ରକୁ ଅନୁରୋଧ କରିଥିଲେ। ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ କେ ସାଙ୍ଗମା ମଧ୍ୟ କେନ୍ଦ୍ର ନିକଟରେ ଏହାର ବ୍ୟବସ୍ଥା ଉପରେ ଚିନ୍ତା ପ୍ରକାଶ କରିଥିଲେ। ପ୍ରସ୍ତାବିତ ଯୁଗ୍ମ କମିଟିରେ ୩୧ ଜଣ ସଦସ୍ୟ ରହିବେ, ଯେଉଁଥିରେ ଲୋକସଭାରୁ ୨୧ ଜଣ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ରହିବେ। ଲୋକସଭା ସଦସ୍ୟମାନଙ୍କୁ ବାଚସ୍ପତିଙ୍କ ଦ୍ୱାରା ମନୋନୀତ କରାଯିବ, ରାଜ୍ୟସଭା ସଦସ୍ୟମାନଙ୍କୁ ରାଜ୍ୟସଭାର ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ କରାଯିବ।

## ସ୍ୱାସ୍ଥ୍ୟସେବା ପାଇଁ କେନ୍ଦ୍ର ମନ୍ତ୍ରୀ ଦେଲେ ୩.୧୦ କୋଟି


**ନୂଆଦିଲ୍ଲୀ:** କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ଦୁଇ ପ୍ରମୁଖ ଡାକ୍ତରଖାନାର ଉନ୍ନତିକରଣ ଲାଗି ନିଜ ସାଂସଦପାଣ୍ଠିରୁ ୩ କୋଟି ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ସୁପାରିସ କରିଛନ୍ତି । ଏହି ଅର୍ଥ ଚିକିତ୍ସା ଭିତ୍ତିଭୂମି ଉନ୍ନତିକରଣ ଲାଗି ବିନିଯୋଗ କରାଯିବ । କେନ୍ଦ୍ର ମନ୍ତ୍ରୀଙ୍କ ସାଂସଦ ପାଣ୍ଠିରୁ ନୀଳଗିରି ଉପଖଣ୍ଡ ଡାକ୍ତରଖାନାକୁ ୧ କୋଟି ୪୦ ଲକ୍ଷ ଟଙ୍କା ଏବଂ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧କୋଟି ୭୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ ।ଉତ୍ତର ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରମୁଖ ଜିଲ୍ଲା ବାଲେଶ୍ୱରର ଜନସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ, ୨୩ ଲକ୍ଷରୁ ଅଧିକ ହୋଇଥିବା ବେଳେ କେବଳ ବାଲେଶ୍ୱର ସହରରେ ୧ ଲକ୍ଷ ୭୪ହଜାରରୁ ଅଧିକ ଲୋକ ବସବାସ କରନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହରର ଅନ୍ୟତମ ପ୍ରମୁଖ ସରକାରୀ ଡାକ୍ତରଖାନା ହୋଇଥିବାରୁ ଲକ୍ଷ ଲକ୍ଷ ଲୋକ ଏହି ଚିକିତ୍ସାଳୟ ଉପରେ ନିର୍ଭର କରିଥା'ନ୍ତି । ସାଂସଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅର୍ଥରେ ଭେଷଜ ବ୍ଲକ, ଔଷଧ ଭଣ୍ଡାରଣ ଗୃହ, ମାତୃ ଓ ଶିଶୁ କମ୍ପ୍ଲେକ୍ସ, ଆପାତକାଳୀନ ବିଭାଗ, ଆଣ୍ଟି-ରେଟ୍ରୋଭାଇରାଲ ଥେରାପି କେନ୍ଦ୍ର, ସର୍ଜରୀ ୱାର୍ଡ, ଅପରେସନ ଥିଏଟର ଏବଂ ଜଳପାନ କକ୍ଷର ଉନ୍ନତିକରଣ କରାଯିବ । ସେହିପରି ୫୦ ଲକ୍ଷ ଟଙ୍କା ବ୍ୟୟରେ ରୋଗୀ ବିଶ୍ରାମ କକ୍ଷ ନିର୍ମାଣ କରାଯିବ। ଅନ୍ୟପକ୍ଷରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଖର୍ଚ୍ଚ ହେବାକୁ ଥିବା ୧ କୋଟି ୪୦ ଲକ୍ଷ ଟଙ୍କାରେ ଆଇପିଡି, ଔଷଧ ଭଣ୍ଡାରଣ ଗୃହ, ରୋଗୀ ବିଶ୍ରାମ କକ୍ଷ, ଆପାତକାଳୀନ ବିଭାଗ, ଜଳପାନ କକ୍ଷ,ସର୍ଜରୀ ୱାର୍ଡ ଓ ଅସ୍ତ୍ରୋପଚାର ଗୃହ, ଏସଡିଏମଓଙ୍କ



କାର୍ଯ୍ୟାଳୟ ଏବଂ ଓପିଡି ବ୍ଲକର ଉନ୍ନତିକରଣ କରାଯିବାକୁ ପ୍ରସ୍ତାବ ରହିଛି ।ଏସବୁ ଉନ୍ନତିକରଣ କାର୍ଯ୍ୟ ଦ୍ୱାରା ନୀଳଗିରି, ବାଲେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ରୋଗୀମାନଙ୍କୁ ବିଭିନ୍ନ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ମିଳିପାରିବ । ରୋଗୀ ଓ ସେମାନଙ୍କ ପରିବାର ଙ୍କ ପାଇଁ ଏହି ଭିତ୍ତିଭୂମି ଉନ୍ନତିକରଣ ଏକ ଦୀର୍ଘକାଳୀନ ଆବଶ୍ୟକତାକୁ ପୂରଣ କରିବ । ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ଅଧିକ ଆରାମଦାୟକ ଏବଂ ଦକ୍ଷ ସ୍ୱାସ୍ଥ୍ୟ ସେବା ମିଳିପାରିବ । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ଦ୍ୱାରା ପ୍ରସବ ସମୟରେ ମା' ଏବଂ ଶିଶୁଙ୍କ ପାଇଁ ସୁରକ୍ଷିତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ ହେବ । ଏକ ସୁଦୃଢ଼ ଆଣ୍ଟି-ରେଟ୍ରୋଭାଇରାଲ୍ ଥେରାପି କେନ୍ଦ୍ର ନିର୍ମାଣ ଫଳରେ ଦୀର୍ଘକାଳୀନଚିକିତ୍ସାରେ ଥିବା ରୋଗୀମାନେ ଅଧିକ ସୁବିଧା ପାଇପାରିବେ । ଆବଶ୍ୟକ ଯାଞ୍ଚ ଏବଂ ବୈଷୟିକ,ଆର୍ଥିକ ଓ ପ୍ରଶାସନିକ ମଞ୍ଜୁରୀ ପରେ ସାଂସଦ ପାଣ୍ଠି ଅର୍ଥ ଜାରି କରାଯିବ । ଏଥିପାଇଁ ଧାର୍ଯ୍ୟ ମାର୍ଗଦର୍ଶିକା ଅନୁଯାୟୀ ସାଂସଦ ପାଣ୍ଠି ଖର୍ଚ୍ଚ ହେବ ।କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରେ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତିକରଣ ଉପରେ ନିରନ୍ତର ଧ୍ୟାନ ଦେଇ ଆସୁଛନ୍ତି ।

## ଇମ୍ରାନ ଖାନ ଜୀବିତ ଅଛନ୍ତି' ମୃତ୍ୟୁ ଗୁଜବକୁ ଖଣ୍ଡନ

**ଇସଲାମାବାଦ:** ପାକିସ୍ତାନର ଜେଲ୍‌ରେ ବନ୍ଦୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହେରିକ-ଇ-ଇନସାଫ (ପିଟିଆଇ) ମୁଖ୍ୟ ଇମ୍ରାନ ଖାନଙ୍କ ମୃତ୍ୟୁ ଘଟିଥିବା ନେଇ ବ୍ୟାପକ ଗୁଜବ ସୃଷ୍ଟି ହୋଇଛି। ଏହି ଚାଞ୍ଚଲ୍ୟକର ଦାବି ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିବା ପରେ ପାକିସ୍ତାନ ସେନା ପକ୍ଷରୁ ଏକ ବିବୃତି ଜାରି କରି ଏହାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସ୍ପଷ୍ଟ କରାଯାଇଛି। ସେନାର ଗଣମାଧ୍ୟମ ଶାଖା ଆଇଏସ୍‌ପିଆର୍ ଏହି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ଇମ୍ରାନ ଖାନ ଜୀବିତ ଅଛନ୍ତି। ସୂଚନାଯୋଗ୍ୟ ଯେ, ଆମେରିକାରେ



ରହୁଥିବା ପାକିସ୍ତାନୀ ସାମ୍ବାଦିକ ୱଜାହତ ସୟିଦ ଖାନ ଗତ ଅଗଷ୍ଟ ୧୧ ତାରିଖରେ ଭିଡିଓ ସିରିଜ୍ ଜାରି କରି ଇମ୍ରାନ ଜୀବିତ ଅଛନ୍ତି କି ନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ଏହି ଭିଡିଓରେ ସେ ଦାବି କରିଥିଲେ ଯେ ପାକିସ୍ତାନ ସେନା ମୁଖ୍ୟାଳୟ ର ତିନିଜଣ ବରିଷ୍ଠ ସାମରିକ ଅଧିକାରୀ ତାଙ୍କୁ ଇମ୍ରାନ ଖାନ ଜେଲ୍ ହାଜତରେ ମୃତ୍ୟୁବରଣ କରିଥିବା ନେଇ ସୂଚନା ଦେଇଛନ୍ତି।

## ଚିକିତ୍ସା କ୍ଷେତ୍ରରେ ଏଆଇର ବ୍ୟବହାରକୁ ନେଇ ସାଂସଦଙ୍କ ଉଦବେଗ

**ନୂଆଦିଲ୍ଲୀ :** ଲୋକସଭାର ନିୟମ ୩୭୭ ଅଧୀନରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ବିଜେପି ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି ଯେ, ଭାରତରେ ଡାକ୍ତର ଏବଂ କ୍ଲିନିକସିଆନ୍‌ମାନଙ୍କ ଦ୍ୱାରା ଏଆଇ (ଏଆଇ) ର ବ୍ୟବହାର ବୃଦ୍ଧି ପାଉଛି। ତେବେ ଏହା ସହିତ ରୋଗୀଙ୍କ ସୁରକ୍ଷା ପାଇଁ କଠୋର ସୁରକ୍ଷା ନିୟମାବଳୀର ଜରୁରୀ ଆବଶ୍ୟକତା ରହିଛି। 'କ୍ଲିନିକସିଆନ୍ ଅଫ୍ ଦ ଫ୍ୟୁଚର ୨୦୨୬' ରିପୋର୍ଟ ଅନୁଯାୟୀ, ଭାରତର ୪୮ ପ୍ରତିଶତ ଡାକ୍ତର ସେମାନଙ୍କ ବୃତ୍ତିଗତ କାର୍ଯ୍ୟରେ ଏଆଇ ବ୍ୟବହାର କରୁଛନ୍ତି। ମାତ୍ର ସେଥିମଧ୍ୟରୁ କେବଳ ୨୬ ପ୍ରତିଶତ ଡାକ୍ତର ପ୍ରମାଣିତ ଡାକ୍ତରୀ ତଥ୍ୟ ଉପରେ ଆଧାରିତ ସ୍ୱତନ୍ତ୍ର କ୍ଲିନିକାଲ ଏଆଇ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି। ଅବଶିଷ୍ଟ ବହୁସଂଖ୍ୟକ ଡାକ୍ତର ସାଧାରଣ ଏଆଇ ଚାଟବୋଟ୍ ଉପରେ ନିର୍ଭର କରୁଛନ୍ତି, ଯାହାକି ଡାକ୍ତରୀ ନିଷ୍ପତ୍ତି ନେବା ପାଇଁ ପ୍ରସ୍ତୁତ କରାଯାଇନାହିଁ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସଚେତନ କରିଛନ୍ତି ଯେ, ଏହି ସାଧାରଣ ଏଆଇ ଟୁଲ୍‌ଗୁଡ଼ିକ ଭୁଲ୍ ଡାକ୍ତରୀ ପରାମର୍ଶ ଦେଇପାରନ୍ତି, ଯାହାଦ୍ୱାରା ରୋଗ ଚିହ୍ନଟ ଏବଂ ଚିକିତ୍ସାରେ ଗୁରୁତର ତ୍ରୁଟି ଘଟିବାର ଆଶଙ୍କା ରହିଛି। ସବୁଠାରୁ ବଡ଼ କଥା ହେଉଛି, ଏଆଇ ପରାମର୍ଶ ଦେଉଥିଲେ ମଧ୍ୟ ରୋଗୀ ସେବାର ସମ୍ପୂର୍ଣ୍ଣ ଆଇନଗତ ଏବଂ ନୈତିକ ଉତ୍ତରଦାୟିତ୍ୱ କେବଳ ଚିକିତ୍ସା କରୁଥିବା ଡାକ୍ତରଙ୍କ ଉପରେ ହିଁ ରହୁଛି। ଏହାକୁ ଦୃଷ୍ଟିରେ ରଖି ସାଂସଦ ଭର୍ତ୍ତୃହରି ମହତାବ ସରକାରଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି: ସ୍ୱାସ୍ଥ୍ୟସେବାରେ ଏଆଇର ସୁରକ୍ଷିତ ଏବଂ ନୈତିକ ବ୍ୟବହାର ପାଇଁ ବ୍ୟାପକ ଜାତୀୟ ନିୟମାବଳୀ ପ୍ରସ୍ତୁତ କରିବାକୁ ସେ କହିଛନ୍ତି। ପ୍ରମାଣ ଭିତ୍ତିକ କ୍ଲିନିକାଲ ଏଆଇ ପ୍ଲାଟଫର୍ମର ବ୍ୟବହାରକୁ ପ୍ରୋତ୍ସାହନ କରିବାକୁ ସେ କହିଛନ୍ତି। ନିୟାମକ ନଜରକୁ ସୁଦୃଢ଼ କରିବାକୁ ସେ କହିଛନ୍ତି। ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଏଆଇର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରାଯାଉ ବୋଲି ମଧ୍ୟ ସେ ଦାବି କରିଛନ୍ତି।

## ହିମାଳୟ ୱେଲନେସ୍‌କୁ ଗିନିସ ୱାର୍ଲ୍ଡ ରେକର୍ଡ

**ନୂଆଦିଲ୍ଲୀ:** ହିମାଳୟା ୱେଲନେସ୍ କମ୍ପାନୀ ନୂଆ ଗିନିସ ୱାର୍ଲ୍ଡ ରେକର୍ଡ ଟାଇଟଲ ହାସଲ କରିଛି। ବିଶ୍ୱ ଡାକ୍ତର ଦିବସ ଅବସରରେ ଆରମ୍ଭ ହୋଇଥିବା ଏକମାସିଆ ବୃକ୍ଷରୋପଣ ଅଭିଯାନରେ ଦେଶର ୬୬,୯୨୮ ଜଣ ଡାକ୍ତର ଓ ସ୍ୱାସ୍ଥ୍ୟସେବା କର୍ମଚାରୀ ଅଂଶଗ୍ରହଣ କରିଥିଲେ। 'ଏକ ସାଇନ୍ ଧରିଥିବା ଲୋକମାନଙ୍କର ସର୍ବବୃହତ ଅନଲାଇନ୍ ଫଟୋ ଆଲବମ୍' ବର୍ଗରେ ଏହି ରେକର୍ଡ ହାସଲ ହୋଇଛି। ଅଭିଯାନରେ 'ୟୁନାଇଟେଡ୍ ଫର୍ ୱେଲନେସ୍, ୟୁନାଇଟେଡ୍ ଫର୍ ଏ ଗ୍ରୀନର ଟୁମୋରୋ' ବାର୍ତ୍ତା ଦିଆଯାଇଥିଲା।

### ଭାରତରେ ଏଚପି ଓମନିପ୍ୟାଡ ୧୨ ଉପଲବ୍ଧ

**ନୂଆଦିଲ୍ଲୀ:** ଏଚପି ଇଣ୍ଡିଆ ପକ୍ଷରୁ ଭାରତୀୟ ବଜାରରେ ଏଚପି ଓମନିପ୍ୟାଡ ୧୨ର ଉପଲବ୍ଧତା ଘୋଷଣା କରାଯାଇଛି। ଛାତ୍ରଛାତ୍ରୀ, ପ୍ରଥମଥର ବ୍ୟବହାରକାରୀ, ଏମଏସଏମଇ ଓ ଯୁବ ପେଷାଦାରଙ୍କୁ ଧ୍ୟାନରେ ରଖି ଏହାକୁ ଡିଜାଇନ୍ କରାଯାଇଛି। ୧୨-ଇଞ୍ଚ ୨କେ ମଲ୍ଟି-ଟଚ୍ ଡିସପ୍ଲେ, ୯୦ ହର୍ଜ ରିଫ୍ରେସ୍ ରେଟ୍, ୧୮ ଘଣ୍ଟାର ବ୍ୟାଟେରୀ ଲାଇଫ୍ ଓ ୬୦୦ ଗ୍ରାମ୍ ଓଜନ ଏହାର ପ୍ରମୁଖ ବୈଶିଷ୍ଟ୍ୟ।

## ରାଷ୍ଟ୍ରପତିଙ୍କୁ ଜାତୀୟ ଅନୁସୂଚିତ ଜାତି କମିଶନର ବାର୍ଷିକ ରିପୋର୍ଟ ପ୍ରଦାନ

**ନୂଆଦିଲ୍ଲୀ:** ଜାତୀୟ ଅନୁସୂଚିତ ଜାତି କମିଶନ ୨୦୨୪-୨୫ ବର୍ଷ ପାଇଁ ତାଙ୍କର ବାର୍ଷିକ ରିପୋର୍ଟ ଭାରତର ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି । ଭାରତୀୟ ସମ୍ବିଧାନର ଧାରା ୩୩୮ ଅନୁଯାୟୀ ଜାତୀୟ ଅନୁସୂଚିତ ଜାତି କମିଶନଙ୍କୁ ପ୍ରଦାନ କରାଯାଇଥିବା ସାମ୍ବିଧାନିକ ଦାୟିତ୍ୱ ଅନୁଯାୟୀ, କମିଶନ ପ୍ରତିବର୍ଷ ଏବଂ ଅନ୍ୟାନ୍ୟ ସମୟରେ ରାଷ୍ଟ୍ରପତିଙ୍କୁ ଅନୁସୂଚିତ ଜାତି ପାଇଁ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସମ୍ପର୍କରେ ଏକ ରିପୋର୍ଟ ପ୍ରଦାନ କରିବାକୁ ବାଧ୍ୟ, ଯେଉଁଥିରେ ଅନୁସୂଚିତ ଜାତିର ସୁରକ୍ଷା, କଲ୍ୟାଣ ଏବଂ ସାମାଜିକ-ଆର୍ଥିକ ବିକାଶ ଏବଂ ଏହି ସୁରକ୍ଷା ବ୍ୟବସ୍ଥାର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ସୁପାରିଶ ଅନ୍ତର୍ଭୁକ୍ତ । ଏହି ସାମ୍ବିଧାନିକ ଆଦେଶ ଅନୁଯାୟୀ, ଜାତୀୟ ଅନୁସୂଚିତ ଜାତି କମିଶନ ୨୦୨୪-୨୫ ବର୍ଷ



ପାଇଁ ତାଙ୍କର ବାର୍ଷିକ ରିପୋର୍ଟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଅଗଷ୍ଟ ୧୨, ୨୦୨୬ରେ ରାଷ୍ଟ୍ରପତି ଭବନରେ ଉପସ୍ଥାପନ କରିଥିଲେ । ଜାତୀୟ ଅନୁସୂଚିତ ଜାତି କମିଶନର ଅଧ୍ୟକ୍ଷ କିଶୋର ମାକଓ୍ୱାନା ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇଥିଲେ । ପ୍ରତିନିଧି ଦଳରେ ଜାତୀୟ ଅନୁସୂଚିତ ଜାତି ଆୟୋଗର ସଦସ୍ୟ ଲଭ କୁଶ କୁମାର,ଓ୍ୱେଜପାଲି ରାମଚନ୍ଦ୍ରନ ଏବଂ ଡକଫର ପାର୍ଥ ବିଶ୍ୱାସ ଏବଂ ସଚିବ ଗୁଡେ ଶ୍ରୀନିବାସ ସାମିଲ ଥିଲେ । ରିପୋର୍ଟରେ ଅନୁସୂଚିତ ଜାତି ପାଇଁ ସାମ୍ବିଧାନିକ ବ୍ୟବସ୍ଥାର କାର୍ଯ୍ୟାନ୍‌ଓ୍ୱୟନର ଏକ ବ୍ୟାପକ ସମୀକ୍ଷା ଉପସ୍ଥାପନ କରାଯାଇଛି । ଏହା ଅନୁସୂଚିତ ଜାତି ପାଇଁ କଲ୍ୟାଣକାରୀ ଏବଂ ସାମାଜିକ-ଆର୍ଥିକ ବିକାଶ କାର୍ଯ୍ୟକ୍ରମ ଏବଂ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହିତ ଏକ ବ୍ୟାପକ ସମୀକ୍ଷା, କ୍ଷେତ୍ର ପରିଦର୍ଶନ ଏବଂ ପରାମର୍ଶରୁ ପ୍ରମୁଖ ନିଷ୍କର୍ଷଗୁଡ଼ିକୁ ଆଲୋକିତ କରିଛି । ରାଷ୍ଟ୍ରପତି ଅନୁସୂଚିତ ଜାତି ପାଇଁ ସାମ୍ବିଧାନିକ ସୁରକ୍ଷା ଏବଂ କଲ୍ୟାଣକାରୀ ପଦକ୍ଷେପର ପ୍ରଭାବଶାଳୀ କାର୍ଯ୍ୟାନ୍‌ଓ୍ୱୟନ ପାଇଁ ବିଦ୍ୟମାନ ତନ୍ତ୍ରଗୁଡ଼ିକୁ ମଜବୁତ ଏବଂ ସୁଗମ କରିବା ପାଇଁ ପଦକ୍ଷେପ ନେବାକୁ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ସେମାନଙ୍କ କଲ୍ୟାଣ ଏବଂ ସାମାଜିକ-ଆର୍ଥିକ ବିକାଶ ପାଇଁ ସାଂଗଠନିକ ଯନ୍ତ୍ରପାତିଗୁଡ଼ିକର ସୁଗମ ଏବଂ ପ୍ରଭାବଶାଳୀ କାର୍ଯ୍ୟକାରିତା ସୁନିଶ୍ଚିତ ହୋଇପାରିବ ।

## ବିମାନଯାତ୍ରୀଙ୍କ ହ୍ୟାଣ୍ଡବ୍ୟାଗରୁ ମିଳିଲା ମାଙ୍କଡ଼ ଖପୁରୀ

**ନୂଆଦିଲ୍ଲୀ:** ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଜଣେ ଯାତ୍ରୀଙ୍କ ହ୍ୟାଣ୍ଡବ୍ୟାଗ୍‌ରୁ ଖପୁରୀ ମିଳିଛି। ତେବେ ଯାତ୍ରୀ ଜଣଙ୍କ ଦାବି କରିଛନ୍ତି ଯେ ଏହା ଏକ ମାଙ୍କଡ଼ର ଖପୁରୀ। ଯାତ୍ରୀ ଜଣଙ୍କ ଦିଲ୍ଲୀରୁ ହାଇଦ୍ରାବାଦକୁ ଏକ ବିମାନରେ ଉଡ଼ାଣ କରିବାର ଥିଲା। ତେବେ ଉଡ଼ାଣ ପୂର୍ବରୁ ସିକ୍ୟୁରିଟି ଚେକ୍ ସମୟରେ ସିଆଇଏସଏଫ୍ ସଦସ୍ୟମାନେ ତାଙ୍କ ବ୍ୟାଗ୍‌ରେ ଏକ ସନ୍ଦେହଜନକ ଜିନିଷ ଚିହ୍ନଟ କରିଥିଲେ। ଏହାପରେ ବ୍ୟାଗ୍‌କୁ ଭଲଭାବେ ଯାଞ୍ଚ କରାଯାଇଥିଲା। ସିକ୍ୟୁରିଟି ସ୍କ୍ରିନିଂ ସମୟରେ ଅଧିକାରୀମାନେ ତାଙ୍କ ହ୍ୟାଣ୍ଡ ବ୍ୟାଗ୍‌ରୁ ଖପୁରୀ ପାଇଥିଲେ। ଏନେଇ ପଚରାଯିବାରୁ ଯାତ୍ରୀ ଜଣଙ୍କ କହିଥିଲେ ଯେ ଏହି ଖପୁରୀଟି ଏକ ମାଙ୍କଡ଼ର ।ଯାତ୍ରୀଙ୍କୁ ଶେଷରେ



ସ୍ଥାନୀୟ ପୁଲିସକୁ ହସ୍ତାନ୍ତର କରାଯାଇଛି ଏବଂ ତାଙ୍କ ବ୍ୟାଗ୍‌ରୁ ମିଳିଥିବା ଖପୁରୀକୁ ସୁରକ୍ଷିତ ରଖାଯାଇଛି। ଅଧିକାରୀମାନେ କହିଛନ୍ତି, ଏହି ମାମଲାଟି ବନ୍ୟଜନ୍ତୁ ସହ ଜଡ଼ିତ ଥିବାରୁ ବନ୍ୟଜନ୍ତୁ (ସୁରକ୍ଷା) ଆଇନ, ୧୯୭୨ ଅଧୀନରେ ଏହି ମାମଲାରେ ବିଚାରଣ ଆରମ୍ଭ ହେବ। ତେବେ ଯାତ୍ରୀ ଜଣଙ୍କ କେଉଁଠାରୁ ଖପୁରୀ ପାଇଲେ ଏବଂ ଏହାକୁ ଦିଲ୍ଲୀରୁ ହାଇଦ୍ରାବାଦ ନେବାର ଉଦ୍ଦେଶ୍ୟ କ'ଣ ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଭାରତ-ବାଂଲା ସୀମାରେ ସନ୍ଦିଗ୍ଧ ପାକିସ୍ତାନୀକୁ ଧରିଲା ଏସଟିଏଫ୍


**କୋଲକାତା:** ଭାରତ-ବାଂଲାଦେଶ ସୀମା ନିକଟରୁ ଜଣେ ସନ୍ଦିଗ୍ଧ ପାକିସ୍ତାନୀନାଗରିକ ସମେତ ୨ ଜଣଙ୍କୁ ପଶ୍ଚିମବଙ୍ଗ ପୁଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୁଧବାର ଧରିଛି। ଅଧିକାରୀଙ୍କ ସୂଚନା ଅନୁସାରେ, ପାକିସ୍ତାନର ଫୈସଲାବାଦର ବାସିନ୍ଦା ରାଣା ରୌଫ୍ ଓରଫ୍ ୱାହାବ ଆଲମ୍ଙ୍କୁ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବନଗାଁ ଅଞ୍ଚଳରୁ ଧରାଯାଇଛି। ଅନ୍ୟ ଜଣକୁ ମଙ୍ଗଳବାର ବିଳମ୍ବିତ ରାତିରେ କୋଲକାତାର ଟପ୍‌ସିଆ ଅଞ୍ଚଳରୁ ଧରାଯାଇଥିବା ଜଣାପଡ଼ିଛି ।ଏସ୍‌ଟିଏଫ୍ ଅଧିକାରୀଙ୍କ କହିବା ଅନୁସାରେ, ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ବନଗାଁ ଅଞ୍ଚଳରେ ତଲାସି କରାଯାଇ ରୌଫ୍‌ଙ୍କୁ ଧରାଯାଇଥିଲା। ତା'ର ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ ସମ୍ପର୍କ ଥିବା ନେଇ ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି। ଭାରତରେ ତା'ର ଗତିବିଧି, ଯୋଗାଯୋଗ ଓ ଅନ୍ୟ କାର୍ଯ୍ୟକଳାପର ଯାଞ୍ଚ କରାଯାଉଛି। ତଦନ୍ତକାରୀଙ୍କ ଅନୁସାରେ, ରୌଫ୍ ୨୦୧୨ରେ ନେପାଳ ଦେଇ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିଲା। ଭାରତ ଆସିବା ପୂର୍ବରୁ ସେ କିଛି ସମୟ ନେପାଳରେ ରହିଥିଲା। ପରେ ପଶ୍ଚିମବଙ୍ଗରେ ରହିବା ଆରମ୍ଭ କରିଥିବା ଜଣେ ଅଧିକାରୀ କହିଛନ୍ତି। ରୌଫ୍ ଦେଶର ବିଭିନ୍ନ ଟ୍ରେନ୍ ଓ ସଶସ୍ତ୍ର ବାହିନୀର ଗତିବିଧି ଉପରେ ନଜର ରଖୁଥିବା ତଦନ୍ତକାରୀମାନେ ଜାଣିବାକୁ ପାଇଛନ୍ତି। ସେ କେଉଁ ପ୍ରକାରର ସୂଚନା ସଂଗ୍ରହ କରୁଥିଲା ଏବଂ ସେହି ସୂଚନା ଦେଶ ବାହାରେ କାହାକୁ ପଠାଯାଉଥିଲା କି ନାହିଁ, ତାହା ଯାଞ୍ଚ ଚାଲିଛି। ଟପ୍‌ସିଆରୁ ଧରାଯାଇଥିବା ଦ୍ୱିତୀୟ ବ୍ୟକ୍ତିର ପରିଚୟ ଏଯାଏଁ ପ୍ରକାଶ କରାଯାଇନାହିଁ। ତା'ର ରୌଫ୍ ସହ ସିଧାସଳଖ ଯୋଗାଯୋଗ ଥିବା ଏବଂ ସେ ବିଭିନ୍ନ ଉପାୟରେ ରୌଫ୍‌ଙ୍କୁ ସହାୟତା କରୁଥିବା ଅଭିଯୋଗ ରହିଛି।

## 'ବିଶ୍ୱ ହାତୀ ଦିବସ'ରେ ବନତାରାର ହାତୀ ସଂରକ୍ଷଣ ଅଭିଯାନ

**ଜାମନଗର:** ବିଶ୍ୱ ହାତୀ ଦିବସ ଅବସରରେ, ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନତାରା ହାତୀ ସଂରକ୍ଷଣ ଏବଂ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏହାର ବିଭିନ୍ନ ପଦକ୍ଷେପ ଘୋଷଣା କରିଛି। ବନତାରା ଭାରତ ଏବଂ ଆନ୍ତର୍ଜାତୀୟ ସ୍ତରରେ ହାତୀ ଯତ୍ନ, ମାହୁନ୍ତ ତାଲିମ, ସଂରକ୍ଷଣ ସମ୍ବନ୍ଧୀୟ ଜ୍ଞାନ ଆଦାନପ୍ରଦାନ ଏବଂ ମଣିଷ-ହାତୀ ସଂଘର୍ଷ ହ୍ରାସ ଉପରେ କାର୍ଯ୍ୟ କରୁଛି। ବନତାରାରେ ଏବେ ୨୬୦ରୁ ଅଧିକ ଏସୀୟ ହାତୀଙ୍କ ଯତ୍ନ ନିଆଯାଉଛି। ବନତାରାର ଏହି ଯାତ୍ରାର ଆରମ୍ଭ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ପ୍ରଥମ ହାତୀ ଗୌରୀ ସହିତ ହୋଇଥିଲା। ସେବେଠାରୁ, ଏହି ପଦକ୍ଷେପ ଲଗାତାର ଭାବରେ ଆଗକୁ ବଢ଼ିଛି ଏବଂ ହାତୀମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ଓ ଏକ ସମ୍ମାନଜନକ ଜୀବନ ସୁନିଶ୍ଚିତ କରୁଛି। ବନତାରାର ପ୍ରତିଷ୍ଠାତା ଅନନ୍ତ ଅମ୍ବାନୀ କହିଛନ୍ତି, "ମୋ ହୃଦୟରେ ଏବଂ ବନତାରାର ଯାତ୍ରାରେ ହାତୀମାନେ ସର୍ବଦା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ପ୍ରତ୍ୟେକ ହାତୀର ନିଜର ଏକ ଅନନ୍ୟ କାହାଣୀ ଅଛି, ଏବଂ ପ୍ରତ୍ୟେକ ଉଦ୍ଧାର ସେମାନଙ୍କ ଯତ୍ନ ପ୍ରତି ଆମର ଦାୟିତ୍ୱକୁ ପ୍ରତିଫଳିତକରିଥାଏ। ଗୌରୀର ଉଦ୍ଧାର ସହିତ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ହାତୀ କଲ୍ୟାଣ, ସେମାନଙ୍କ ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ସମର୍ଥନ, ଜ୍ଞାନ ଆଦାନପ୍ରଦାନ ଏବଂ ଭାରତ ତଥା ବିଶ୍ୱବ୍ୟାପୀ ସଂରକ୍ଷଣ ପ୍ରୟାସ ଯାଏଁ ବିସ୍ତାରିତ ହୋଇଛି। ବିଶ୍ୱ ହାତୀ ଦିବସରେ, ଆମେ ଏହି ମହାନ ପ୍ରାଣୀଙ୍କ ସମ୍ମାନ କରିବା ସହିତ ସେମାନଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏକାଠି କାମ କରିବାର ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ।" ରାଜସ୍ଥାନ ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ସଞ୍ଜୟ ଶର୍ମା, ବିଶ୍ୱ ହାତୀ ଦିବସରେ ଜୟପୁରର ହାତୀ ଗ୍ରାମରେ ହାତୀ ଯତ୍ନ ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ ବନତାରା ସହିତ ସହଯୋଗ ଘୋଷଣା କରିଛନ୍ତି। ଏହି ପଦକ୍ଷେପ ଅଧୀନରେ, ଏକ ଆଧୁନିକ ହାତୀ ଚିକିତ୍ସା ଏବଂ ଯତ୍ନ ସୁବିଧା ବିକଶିତ କରାଯିବ, ଯେଉଁଥିରେ ଏକ ହସ୍ପିଟାଲ, ପୋଷଣ କେନ୍ଦ୍ର ଏବଂ ହାଇଡ୍ରୋ ଥେରାପି (ଜଳଚିକିତ୍ସା) ସୁବିଧା ଅନ୍ତର୍ଭୁକ୍ତ ରହିବ।

## ଦେଶରେ ବଢୁଛି ମଧୁମେହ, ମୋଟାପଣ ଓ ହାଇପର ଟେନସନ

**ନୂଆଦିଲ୍ଲୀ:** ଭାରତରେ ମଧୁମେହ, ମୋଟାପଣ ଓ ଅତ୍ୟଧିକ ମାନସିକ ଚାପ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଏହି ସମସ୍ୟା ଅଧିକ । ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ତଥ୍ୟ ପ୍ରଦାନ କରିଛନ୍ତି । ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ ଏ ସଂକ୍ରାନ୍ତରେ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ପକ୍ଷରୁ ଲଗାତାର ଅଧ୍ୟୟନ କରାଯାଇ ନିକଟରେ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି । ଦେଶର ସହରାଞ୍ଚଳର ଅନ୍ୟୁନ ୧୬.୪୦ ପ୍ରତିଶତ ଲୋକ ମଧୁମେହରେ ଆକ୍ରାନ୍ତ ହୋଇଥିବାବେଳେ ଗ୍ରାମାଞ୍ଚଳରେ ଏହି ସଂଖ୍ୟା କିନ୍ତୁ ୮.୯୦ ପ୍ରତିଶତ ରହିଛି ।ସେହିପରି ମୋଟାପଣ କ୍ଷେତ୍ରରେ



ସାଧାରଣ ବଡି ମାକ୍ସ ଇଣ୍ଡେକ୍ସ ସହରାଞ୍ଚଳରେ ୩୯.୬୦ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ୨୩.୧୦ ପ୍ରତିଶତ ରହିଛି । ଦେଶର ଗ୍ରାମାଞ୍ଚଳରେ ଅନ୍ୟୁନ ୩୩.୫୦ ପ୍ରତିଶତ ଲୋକଙ୍କ ପେଟ ଆବଶ୍ୟକତାଠାରୁ ଅଧିକ ବଡ଼ ଥିବାବେଳେ ସହରାଞ୍ଚଳରେ ୫୧.୬୦ ପ୍ରତିଶତ ଲୋକଙ୍କ କ୍ଷେତ୍ରରେ ଏହି ସମସ୍ୟା ଲାଗି ରହିଛି । ଅତ୍ୟଧିକ ମାନସିକ ଚାପ ବା ହାଇପର ଟେନ୍ସନ୍ ମଧ୍ୟ ଆମ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଦେଶର ସହରାଞ୍ଚଳରେ ୪୦.୭୦ ପ୍ରତିଶତ ଲୋକ ହାଇପର ଟେନସନରେ ଆକ୍ରାନ୍ତ ଥିବାବେଳେ ଗ୍ରାମାଞ୍ଚଳରେ ଏହି ପରିମାଣ ୩୩ ପ୍ରତିଶତରେ ସୀମିତ ରହିଛି । ଏହାଛଡ଼ା କୋଲଷ୍ଟ୍ରଲ୍ ସମସ୍ୟା ବି ଲାଗି ରହିଛି । ଏଚଡିଏଲ୍ କୋଲଷ୍ଟ୍ରଲ୍ କମ୍ ରହିବା କ୍ଷେତ୍ରରେ ସହରାଞ୍ଚଳରେ ୬୯.୩ ଓ ଗ୍ରାମାଞ୍ଚଳରେ ୬୫.୬ ପ୍ରତିଶତ ଲୋକ ଆକ୍ରାନ୍ତ ଅଛନ୍ତି । ଏଲ୍‌ଡିଆର୍ କୋଲଷ୍ଟ୍ରଲ୍ ଅଧିକ ରହିବା ଯୋଗୁ ବି ସମସ୍ୟା ଲାଗି ରହୁଛି । ଏହି ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାରମାନଙ୍କ ସହଯୋଗରେ କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି । ଏ ସଂକ୍ରାନ୍ତରେ ସାଂସଦ ଶ୍ରୀ ରାୟ ଏକ ବିବୃତିରେ କହିଛନ୍ତି ଯେ ଲୋକଙ୍କ ଦୈନନ୍ଦିନ ଜୀବନ ଶୈଳୀ ଓ ଖାଦ୍ୟାଭ୍ୟାସରେ ନକରାତ୍ମକ ପରିବର୍ତ୍ତନ ଯୋଗୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି ଏବଂ ଏହାର ଚିକିତ୍ସା ଲାଗି ସରକାର ଓ ପରିବାର ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରୁ ଏ ସମସ୍ୟା ଓ ତା'ର ନିରାକରଣ ସଂକ୍ରାନ୍ତରେ ପାଠ୍ୟକ୍ରମରେ ବିଷୟବସ୍ତୁ ରଖାଯିବା ସହିତ ଜନସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି । ନିୟମିତ ବ୍ୟାୟାମ ଏବଂ ଯୋଗ-ପ୍ରାଣାୟାମ ଆଦି ସହିତ ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ପରିବେଶ ମଣିଷ ଜୀବନକୁ ସୁଖମୟ କରିପାରିବ ଏବଂ ଏହା ରାଷ୍ଟ୍ର ପାଇଁ ବରଦାନ ହେବ ବୋଲି ସେ କହିଛନ୍ତି ।

# ଭାରତ ବିପକ୍ଷ ଟେଷ୍ଟ : ଶ୍ରୀଲଙ୍କା ଦଳ ଘୋଷିତ

କଲମ୍ବୋ,୧୨।୮ (ଏଜେନ୍ସି): ଶନିବାର ଠାରୁ ଶ୍ରୀଲଙ୍କାର ଗାର୍ଲେରେ ଭାରତ-ଶ୍ରୀଲଙ୍କା ପ୍ରଥମ ଟେଷ୍ଟ ମ୍ୟାଚ ଆରମ୍ଭ ହେବାକୁଯାଉଛି । ଏଥିଲାଗି ୧୬ ଜଣିଆ ଶ୍ରୀଲଙ୍କା ଦଳ ଘୋଷଣା ହୋଇଛି । ଧନଞ୍ଜୟ ଡି ସିଲଭା ଦଳର ନେତୃତ୍ୱ ନେବେ । ଅଲରାଉଣ୍ଡର କାମିନ୍ଦୁ ମେଣ୍ଡିସଙ୍କୁ ତାଙ୍କ ଡେପୁଟ ଭାବେ ନିଯୁକ୍ତ କରାଯାଇଛି । ଦଳର ଦୁଇ ବରିଷ୍ଠ ବ୍ୟାଟର କୁଶଲ ମେଣ୍ଡିସ ଓ ପାଥୁମ ନିଶାଙ୍କ ଆହତ କାରଣରୁ ଭାରତ ବିପକ୍ଷ ପ୍ରଥମ ଟେଷ୍ଟରୁ ବାଦ ପଡିଛନ୍ତି । ଦୁଇ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଘରୋଇ ଦଳ ଭାରତୀୟ ଦଳ ସହ ଲଢ଼େଇ କରିବ । ଆହତ ସମସ୍ୟା ଯୋଗୁଁ ମେଣ୍ଡିସେ ନଥିବାରୁ ୩୩ ବର୍ଷୀୟ ନିରୋସାନ ଡିୱେଲାଙ୍କୁ ଡାକରା ମିଳିଛି । ସେ ୨୦୨୩ ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷ ଟେଷ୍ଟ ମ୍ୟାଚ ଖେଳିଥିଲେ । ପାଖା ପାଖି ୩ ବର୍ଷ ପରେ ସେ ଶ୍ରୀଲଙ୍କା ଦଳକୁ ଫେରିଛନ୍ତି । ଶ୍ରୀଲଙ୍କାର ୧୬ ଜଣିଆ ଦଳରେ ୫ ଜଣ ଦ୍ରୁତ ବୋଲର ଅଛନ୍ତି । ବିଶ୍ୱ ଫର୍ଣ୍ଣାଣ୍ଡୋ ଓ ଦିଲସାନ ମଧୁସଙ୍କା ବାମହାତୀ ଦ୍ରୁତ ବୋଲର । ସେହିଭଳି ମିଲନ ରତ୍ନାଏକେ, ଆସିଥ ଫର୍ଣ୍ଣାଣ୍ଡୋ ଓ ଲାହିରୁ କୁମାରା ମଧ ଦଳରେ ଅଛନ୍ତି । ମଧୁଶଙ୍କା ୨୦୨୩ରେ ଶ୍ରୀଲଙ୍କା ପାଇଁ ଏକମାତ୍ର ଟେଷ୍ଟ ପାକିସ୍ତାନ ବିପକ୍ଷରେ ଖେଳୁଥିଲେ । ସେ ଏବେ ଘରୋଇ କ୍ରିକେଟରେ ଦମଦାର ପ୍ରଦର୍ଶନ କରୁଥିବାରୁ ସେ ଏବେ ଜାତୀୟ ଦଳକୁ ଅଣାଯାଇଛି । ୨ ଦଳ ମଧ୍ୟରେ ଅଗଷ୍ଟ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଗାଲେ ଠାରେ ପ୍ରଥମ ଟେଷ୍ଟ ଏବଂ ୨୩ରୁ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପଏଣ୍ଟ ଟେବୁଲର ଶ୍ରୀଲଙ୍କା ୪୧.୬୭ ପିଟିସି ସହ ଷଷ୍ଠ ସ୍ଥାନରେ ରହିଛି । ଭାରତ ୪୮.୧୫ ପିଟିସି ସହ ପଞ୍ଚମ ସ୍ଥାନରେ ରହିଛି ।



**ଶ୍ରୀଲଙ୍କା ଦଳ :** ଧନଞ୍ଜୟ ଡି ସିଲଭା (ଅଧିନାୟକ), କାମିନ୍ଦୁ ମେଣ୍ଡିସ, ଲାହିରୁ ଉଦାରା, ନିଶାନ ମଧୁଶଙ୍କା, ଦୀନେଶ ଚାଣ୍ଡିମଲ, ପାସିନ୍ଦୁ ସୂର୍ଯ୍ୟ ବନ୍ଦରା, ସୋନାଲ ଦିନୁସା, ନିରୋସାନ ଡିକୱାଲା, ରମେଶ ମେଣ୍ଡିସ, ପ୍ରଭାତ ଜୟସୁରିଆ, କେଶରା ନୁୱାନ୍ଥା, ମିଲନ ରତ୍ନାୟେକେ, ଅସିଥ ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା, ବିଶ୍ୱ ପର୍ଣ୍ଣାଣ୍ଡୋ, ଦିଲସାନ ମଧୁଶଙ୍କା ।

# ଦ୍ରାବିଡଙ୍କ ରେକର୍ଡ ଏବେ ବି ଅତୁଟ



ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଭାରତର ପୂର୍ବତନ କ୍ରିକେଟର ତଥା କୋଚ ରାହୁଲ ଦ୍ରାବିଡ ନିଜ କ୍ୟାରିୟରରେ ଏପରି ୩ଟି ବିଶେଷ ରେକର୍ଡ କରିଛନ୍ତି ଯାହା ଏବେ ଅତୁଟ ରହିଛି । ଏପରିକି ସେ କ୍ରିକେଟ ଭଗବାନ ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ପଛରେ ପକାଇଛନ୍ତି । ଦ୍ରାବିଡ ନିଜ ଟେଷ୍ଟ କ୍ୟାରିୟରରେ ମୋଟ୍ ୩୧,୨୫୮ଟି ବଲ ସାମ୍ନା କରିଛନ୍ତି । ବିଶ୍ୱ କ୍ରିକେଟରେ ଅନ୍ୟ କୌଣସି ବ୍ୟାଟର ଏତେ ବଲ ଖେଳି ନାହାନ୍ତି । ସଚିନ ତେନ୍ଦୁଲକର ୨୯,୪୩୭ ବଲ ଖେଳି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସଚିନଙ୍କ ଠାରୁ ଦ୍ରାବିଡ ପ୍ରାୟ ୧୮ ଶହରୁ ଅଧିକ ବଲ ଖେଳିଛନ୍ତି । ଟେଷ୍ଟ କ୍ରିକେଟରେ ବ୍ୟାଟିଂ କରିବା ସମୟରେ ଦ୍ରାବିଡ ପ୍ରାୟ ୭୩୫ ଘଣ୍ଟା (୪୪,୧୫୨ ମିନିଟ୍) ସମୟ ବିତାଇଛନ୍ତି । ଏହି ମାମଲାରେ ସେ ବିଶ୍ୱର ପ୍ରଥମ ସ୍ଥାନରେ ରହିଛନ୍ତି । ସଚିନ ତେନ୍ଦୁଲକର ମୋଟ ୪୧,୩୦୪ ମିନିଟ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଟେଷ୍ଟ କ୍ରିକେଟରେ ଦ୍ରାବିଡ ୮୮ ଥର ଶହ କିମ୍ବା ତା' ଠାରୁ ଅଧିକ ପାର୍ଟନରସିପ କରିଛନ୍ତି । ତେନ୍ଦୁଲକର ୮୬ଥର ୧୦୦ରୁ ଊର୍ଦ୍ଧ୍ୱ ପାର୍ଟନରସିପ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ରୋଚକ କଥା ହେଉଛି ଦ୍ରାବିଡ ଓ ସଚିନ ଏଠାକି ମିଶି ୨୦ଟି ପାର୍ଟନରସିପ କରିଥିଲେ । ଦ୍ରାବିଡ କ୍ରିକେଟରୁ ଅବସର ନେବା ପରେ ମଧ୍ୟ ତାଙ୍କର ଯୋଗଦାନ ଭାରତୀୟ କ୍ରିକେଟରେ ଜାରି ରହିଛି । ତାଙ୍କର ପ୍ରଶିକ୍ଷଣରେ ଭାରତୀୟ ଦଳ ୨୦୨୪ ଟି-୨୦ ବିଶ୍ୱକପ ଜିତିଥିଲା । ଦ୍ରାବିଡ ଭାରତ ପକ୍ଷରୁ ୧୬୪ଟି ଟେଷ୍ଟ ଖେଳି ୧୩,୨୮୮ ରନ୍ କରିଛନ୍ତି । ଏଥିରେ ୩୬ ଶତକ ଓ ୬୩ ଅର୍ଦ୍ଧଶତକ ରହିଛି । ୨୭୦ ରନ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ । ସେ ଦିନିକିଆରେ ୩୪୪ ମ୍ୟାଚ ଖେଳି ୧୦,୮୮୯ ରନ୍ କରିଛନ୍ତି । ଏଥିରେ ୧୨ ଶତକ ଓ ୮୩ ଅର୍ଦ୍ଧଶତକ ରହିଛି ।

# ଟେବୁଲ ଟେନିସ୍ ଫେଡେରେସନ ମାନ୍ୟତା ରଦ୍ଦ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ବୁଧବାର କ୍ରୀଡା ମନ୍ତ୍ରଣାଳୟ ଟେବୁଲ ଟେନିସ୍ ମହାସଂଘର ମାନ୍ୟତା ରଦ୍ଦ କରିଛି । କ୍ରୀଡା ମନ୍ତ୍ରଣାଳୟ ଭାରତୀୟ ଅଲିମ୍ପିକ ସଂଘକୁ ଖେଳର ପ୍ରଶାସନ ପରିଚାଳନା ପାଇଁ ଏକ ଆଡହକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛି । ଟିଟିଏଫଆଇରେ ଥିବା ପ୍ରଶାସନିକ ତ୍ରୁଟି ଗୁଡିକର ଯାଞ୍ଚ ଏହି କମିଟି କରିବ । ଟିଟିଏଫଆଇ ସମୟ ଅନୁସାରେ ନିର୍ବାଚନ କରାଇବାରେ ବିଫଳ ହୋଇଥିଲା । ଯେଉଁଥି ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉଲ୍ଲେଖଯୋଗ୍ୟରେ ବର୍ଷ ଆରମ୍ଭରେ ସରକାର ଟିଟିଏଫଆଇକୁ ନୋଟିସ ଦେଇଥିଲେ । ଯାହାର ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ । ନିର୍ଦ୍ଦେଶନାମାରେ କୁହାଯାଇଛି ଆଇଓଏ, ଆଇଟିଟିଏଫ ସହିତ ପରାମର୍ଶ କରି ଭାରତୀୟ ଟେବୁଲ ସଂଘର ସମସ୍ତ ତ୍ରୁଟି ଦୂର କରିବ । ବର୍ତ୍ତମାନ ସମୟରେ ଟିଟିଏଫଆଇର ନେତୃତ୍ୱ ମେଘନା ଏହ୍ଲାବତଙ୍କ ପାଖରେ ରହିଛି । ମେଘନା ପ୍ରଥମ ମହିଳା ସଭାପତି ଏବଂ ହରିୟାଣାର ବିଧାୟକ ଦୁଷ୍ୟନ୍ତ ଚୌତାଲାଙ୍କ ପତ୍ନୀ । ଦୁଷ୍ୟନ୍ତ ହେଉଛନ୍ତି ପୂର୍ବତନ ସଭାପତି ଅଜୟ ସିଂ ଚୌତାଲାଙ୍କ ପୁଅ । ମେଘନା ଡିସେମ୍ବର ୨୦୨୨ରେ ପଦ ସମ୍ଭାଳିଥିଲେ । ଗତ କିଛି ମାସ ହେବ ଟିଟିଆଫଆଇରେ ଅସ୍ଥିରତା ଲାଗି ରହିଛି । ଜାନୁଆରୀ ମାସରେ ଆର୍ଥିକ ଅନୀୟ ମିତତା ଅଭିଯୋଗରେ ମହା ସଚିବ ତଥା ପୂର୍ବତନ ଖେଳାଳି କମଲେଶ ମେହେଟ୍ଟାଙ୍କୁ ନିଲମ୍ବିତ କରାଯାଇଥିଲା । ମେହେଟ୍ଟା ଏହି ମାମଲାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଯାହା ଫଳରେ ତାଙ୍କ ନିଲମ୍ବନ ରଦ୍ଦ ହୋଇଥିଲା । ଷ୍ଟାର ଖେଳାଳି ମନୀକା ବାତ୍ରାଙ୍କୁ ମଧ୍ୟ ଟିଟିଏଫଆଇ ଏସୀୟ କ୍ରୀଡା ଦଳରୁ ବାହାର କରିଦେଇଥିଲା । ଯାହା ପରେ ଏହି ସଂଘ ଆହୁରି ବିବାଦ ଘେରକୁ ଆସିଥିଲା । ମନୀକା ଏହି ନିଷ୍ପତ୍ତିର କଠୋର ସମାଲୋଚନା କରିଥିଲେ । କ୍ରୀଡା ମନ୍ତ୍ରଣାଳୟକୁ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ । ମନ୍ତ୍ରଣାଳୟ ଟିଟିଏଫଆଇକୁ ପ୍ରଭାବିତ କରୁଥିବା ସମସ୍ତ ପ୍ରସଙ୍ଗକୁ ଗୁରୁତର ସହ ନେଇଥିଲେ । ଏବଂ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଥିଲା ।



# ଇଙ୍ଗା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଭୁବନେଶ୍ୱର,୧୨।୮ (ସବ୍ୟୁ): ଓଡ଼ିଶା ସଚିବାଳୟ କର୍ମଚାରୀ କ୍ରୀଡା ସଂଘ ଆନୁକୂଲ୍ୟରେ ଲୋକସେବା ଭବନ ପ୍ରାଙ୍ଗଣରେ ଇଙ୍ଗା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ସମାଜସେବୀ ତଥା ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହି ଲିଗରେ ମୋଟ୍ ୩୨ ଟି ଦଳ ବିଭାଗ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ମ୍ୟାଚ ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଖେଳାଯାଇଥିଲା । ଏହି ମ୍ୟାଚରେ ଜଳବାୟୁ ପରିବର୍ତ୍ତନ ବିଭାଗ ୬-୩ ଗୋଲରେ ସାଧାରଣ ପ୍ରଶାସନ ବିଭାଗକୁ ହରାଇଛି । ଦ୍ୱିତୀୟ ମ୍ୟାଚରେ ଗୃହ ବିଭାଗ ଓ ସମାବାୟ ବିଭାଗ ପରସ୍ପରକୁ ଭେଟିଥିଲେ । ଏଥିରେ ସମବାୟ ବିଭାଗ ୧-୦ ଗୋଲରେ ଗୃହ ବିଭାଗକୁ ପରାଜିତ କରିଥିଲା । ତୃତୀୟ ମ୍ୟାଚରେ ପର୍ଯ୍ୟଟନ ବିଭାଗ ଏବଂ ଇସ୍ପାତ ଓ ଖଣିବିଭାଗ ପରସ୍ପରକୁ ଭେଟିଥିଲେ । ଇଷ୍ପତ ଓ ଖଣିବିଭାଗ ୧-୦ ଗୋଲରେ ପର୍ଯ୍ୟଟନ ବିଭାଗକୁ ପରାସ୍ତ କରିଛି । ଓଡ଼ିଶା ସଚିବାଳୟ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସମସ୍ତ ଦଳର ସଫଳତା କାମନା କରିଥିଲେ ।



# ବାହା ହେଲେ ରୋନାଲ୍ଡୋ



ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ପର୍ତ୍ତୁଗାଲର ତାରକା ଫୁଟବଲର ଖ୍ରୀଷ୍ଟିଆନ ରୋନାଲ୍ଡୋ ବିବାହ କରିଛନ୍ତି । ଜର୍ଜିଆନା ରୋଡ୍ରିଗୁଏଜଙ୍କୁ ବିଦ୍ଧିବଦ୍ଧ ଭାବେ ବିବାହ କରିଛନ୍ତି । ୧୦ ବର୍ଷ ଧରି ଏକତ୍ର ରହିବା ପରେ ୫ ଛୁଆଙ୍କ ଉପସ୍ଥିତିରେ ଦୁହେଁ ବିବାହ କରିଛନ୍ତି । ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ସେୟାର କରିବା ସହ ରୋନାଲ୍ଡୋ ସ୍ପଷ୍ଟ କରିଛନ୍ତି । ୧୦ ବର୍ଷ ଧରି ଦୁହେଁ ଏକତ୍ର ରହୁଥିଲେ । ଉଭୟଙ୍କ ୫ଟି ସନ୍ତାନ ଅଛନ୍ତି । ପର୍ତ୍ତୁଗାଲ ଫୁଟବଲ ଖେଳାଳି ରୋନାଲ୍ଡୋ ଏବଂ ଜର୍ଜିନା ପ୍ରାୟ ୧୦ ବର୍ଷ ଏକାଠି ରହିବା ପରେ ଦୁହେଁ ସୋମମାର ପର୍ତ୍ତୁଗାଲର କାସକ୍ରାଇସରେ ଏକ ସମାରୋହରେ ବିବାହ କରିଥିଲେ । ଏହି ଦମ୍ପତ୍ତି ନିଜେ ସୋସିଆଲ ମିଡ଼ିଆରେ ସୂଚନା ଦେଇଛନ୍ତି । ଫଟୋରେ ଦୁହେଁଙ୍କୁ ଧଳା ପୋଷାକରେ ଦେଖିବାକୁ ମିଳିଛି । ତେବେ ସେମାନେ ବାମହାତରେ ବିବାହ ମୁଦି ଦେଖାଇଥିଲେ । ଏହି ଦମ୍ପତ୍ତି ବିବାହକୁ ଅତ୍ୟନ୍ତ ବ୍ୟକ୍ତିଗତ ସମାରୋହରେ ପରିବାରକୁ ପ୍ରାଥମିକତା ଦେଇଥିଲେ । ଗତ ୨୦୨୫ ଅଗଷ୍ଟ ୧୧ରେ ଉଭୟଙ୍କ ବିବହା ହୋଇଥିଲା । ୫ ସନ୍ତାନ ହେଉଛନ୍ତି କ୍ରୀଷ୍ଟିଆନୋ ରୋନାଲ୍ଡୋ ଜୁନିୟର, ଯାଆଁଳା ଇଭା ଓ ମାଟେଓ, ଆଲାନା ମାର୍ଟିନା ଏବଂ ବେଲା ଏସ ମେରାଲ୍ଡ । ଗତ ୮ ତାରିଖରେ ରୋନାଲ୍ଡୋ ଏବଂ ରୋଡ୍ରି ଗୁଏଜ ବିବାହ କରୁଥିବା ଗୁଜବ ପ୍ରଚାରିତ ହେବା ପରେ ମାଡେରାର ଫଞ୍ଚାଲ କ୍ୟାଥେଡାଲ ବାହାରେ ଶହ ଶହ ଲୋକ ଏକତ୍ରୀତ ହୋଇଥିଲେ । କିନ୍ତୁ ଏହି ବିବାହ ଅନ୍ୟ ଦମ୍ପତ୍ତିଙ୍କର ଥିଲା । ପରେ ରୋନାଲ୍ଡୋ ଓ ଜର୍ଜିନା ପରେ ବିବାହ ସମାରୋହକୁ ଜନସାଧାରଣଙ୍କ ଦୃଷ୍ଟିରେ ଦୂରେଇ ରଖିଥିଲେ ।

## ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ

# ଲୋୟଲାକୁ ହରାଇଲା ତପୋବନ



ଭୁବନେଶ୍ୱର,୧୨।୮ (ସବ୍ୟୁ): ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡା ସଂଘ ୟୁନିଟ୍ ୬ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ୟୁନିଟ୍ ୧ ସ୍ଥିତ ଫୁଟବଲ ଏକାଡେମୀ ପଡିଆରେ ୧୫ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ଜାରି ରହିଛି । ବୁଧବାର ଅନୁଷ୍ଠିତ ମ୍ୟାଚରେ ଲୋୟଲାକୁ ୩-୦ ଗୋଲରେ ତପୋବନ ହାଇସ୍କୁଲ ହରାଇଛି । ବିଜୟୀ ଦଳର ସମ୍ବିତ କୁମାର କିସକୁ ଏବଂ ସମ୍ବିତ କୁମାର ସୋରେନ ଗୋଲ ସ୍କୋର କରିଥିଲେ । ପୂର୍ବତନ ଆଥଲେଟିକ କୋଚ୍ ନୀଳମାଧବ ଦେଓ ମ୍ୟାଚର ଶ୍ରେଷ୍ଠ ଖେଳାଳି ସମ୍ବିତ କୁମାର କିସକୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ରେଫରୀ ସେଖାୱତ ଖାନ, ଚନ୍ଦ୍ରକାନ୍ତ ବାରିକ, ସାଇଗ୍ରାମ କିସକୁ ଏବଂ ସୁଜିତ କୁମାର ପାତ୍ରୋ ମ୍ୟାଚ ପରିଚାଳନା କରିଥିଲେ । ଦ୍ୱିତୀୟ ମ୍ୟାଚରେ ୟୁନିଟ-୩ ସ୍କୁଲ ୯-୦ ଗୋଲରେ ମଦର୍ସ ପବ୍ଲିକ ସ୍କୁଲକୁ ପରାସ୍ତ କରିଛି । ଏହି ମ୍ୟାଚରେ ସଙ୍ଖାଇ ମାରାଣ୍ଡି, ଗୋରା ବରଡା ଓ ପରମାନନ୍ଦ ସାମଲ ଗୋଲ ସ୍କୋର କରିଥିଲେ । ଅତିଥି ଚିତ ରଞ୍ଜନ ପାତ୍ର ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପରମାନନ୍ଦ ସମଦଙ୍କୁ ପ୍ରଦାନ କରିଥିଲେ । ପ୍ରିଜୟ ମଙ୍ଗରାଜ, ସୁଜିତ କୁମାର ପାତ୍ରୋ, ଚନ୍ଦ୍ରକାନ୍ତ ବାରିକ, ସୁଜିତ ପାଇରାୟ ମ୍ୟାଚ ପରିଚଳନା କରିଥିଲେ ।

# ସେପ୍ଟେମ୍ବର ୧୩ରୁ ଭାରତ-ଆଫଗାନିସ୍ତାନ ଟି-୨୦ ଶୃଙ୍ଖଳା

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ପ୍ରଥମଥର ପାଇଁ ଆଫଗାନିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ଟିମ୍ ଇଣ୍ଡିଆ ଲାଗି ଟି-୨୦ ଶ୍ରୀଲଙ୍କା ଆରମ୍ଭ କରାଯିବ । ଏସିବି ଏହି ଶୃଙ୍ଖଳାର ଆୟୋଜକ ସାଜିବ । କିନ୍ତୁ ସମସ୍ତ ମ୍ୟାଚ ଭାରତରେ ହିଁ ଆୟୋଜନ କରାଯିବ । ଏସିବିକୁ ୩ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ପାଇଁ ବିସିସିଆଇ ପକ୍ଷରୁ ଅନୁମତି ମିଳିଛି । ଦୁଇ ଦେଶ ମଧ୍ୟରେ ସେପ୍ଟେମ୍ବର ୧୩ରୁ ୧୭ ଯାଏ ଖେଳାଯିବ । ସମସ୍ତ ମ୍ୟାଚ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ । ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ବିସିସିଆଇ ଭାରତରେ ଟି-୨୦ ଆୟୋଜନ କରିବାକୁ ସହଯୋଗ କରିବ । ୨୦୧୮ ମସିଆରେ ଆଫଗାନିସ୍ତାନ ଭାରତ ବିପକ୍ଷ ନିଜର ଐତିହାସିକ ପ୍ରଥମ ଟେଷ୍ଟ ମ୍ୟାଚ ଖେଳିଥିଲା । ଭାରତ ଏହି ମ୍ୟାଚ ଆୟୋଜନ କରିବା ଦୁଇ ଦେଶର କ୍ରିକେଟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ ଥିଲା । ସେହି ସମୟରୁ ଉଭୟ ଦଳ ମଧ୍ୟରେ ନିୟୋନିତ ଦ୍ୱିପାକ୍ଷିକ ଶୃଙ୍ଖଳା ଜାରି ହୋଇଛି ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ... / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ... ରେ ଯୋଗାଯୋଗ କରନ୍ତୁ ।

# କମନୱେଲଥ ପାରା ଫେନ୍ସିଂ ଚାମ୍ପିଅନସିପ: ମାଳତୀଙ୍କୁ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର,୧୨।୮ (ସବ୍ୟୁ): ଓଡ଼ିଶାର ପାରା ଫେନ୍ସର କୁମାରୀ ମାଳତୀ ପାନାଉରେ ନାଇଜେରିଆର ଲାଗୋସରେ ଚାଲିଥିବା କମନୱେଲଥ ପାରା ଫେନ୍ସିଂ ଚାମ୍ପିଅନସିପର ଦୁଇଟି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ଓ ଭାରତର ନାମକୁ ଗୌରବାନ୍ୱିତ କରିଛନ୍ତି । ଅଗଷ୍ଟ ୯ରୁ ୧୩ ତାରିଖ ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ୬ ଜଣ ପାରା ଫେନ୍ସର ଭାରତୀୟ ଦଳରେ ସାମିଲ ହୋଇଛନ୍ତି । ମାଳତୀ ମହିଳା କାଟେଗୋରୀ-ଏ ବ୍ୟକ୍ତିଗତ ଏପି ଓ ମହିଳା କାଟେଗୋରୀ-ଏ ବ୍ୟକ୍ତିଗତ ଫଏଲ୍ (Foil)—ଉଭୟ ବର୍ଗରେ ଚମତ୍କାର ପ୍ରଦର୍ଶନ କରି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

**ମହିଳା କାଟେଗୋରୀ-ଏ ଏପିରେ ସ୍ୱର୍ଣ୍ଣ**

ମହିଳା କାଟେଗୋରୀ-ଏ ବ୍ୟକ୍ତିଗତ ଏପି ବର୍ଗରେ ମାଳତୀ ୪ଟି ପୁଲ୍ ମ୍ୟାଚ୍ ଖେଳି ସର୍ବାଧିକ ବିଜୟ ହାସଲ କରି ସିଧାସଳଖ ସେମିଫାଇନାଲ୍‌କୁ ପ୍ରବେଶ କରିଥିଲେ । ସେମିଫାଇନାଲରେ ସେ ନାଇଜେରିଆରଙ୍କୁ ୧୫–୩ରେ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲେ । ଫାଇନାଲରେ ତାଙ୍କ ସାମ୍ନା ହୋଇଥିଲା ଭାରତର ରେଖାଙ୍କ ସହ । ରୋମାଞ୍ଚକର ମୁକାବିଲାରେ ମାଳତୀ ୧୫–୧୨ରେ ରେଖାଙ୍କୁ ପରାସ୍ତ କରି ଏପିରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ।

**ମହିଳା କାଟେଗୋରୀ-ଏ ଫଏଲରେ ମଧ୍ୟ ସ୍ୱର୍ଣ୍ଣ**

ଏହାପରେ ମହିଳା କାଟେଗୋରୀ-ଏ ବ୍ୟକ୍ତିଗତ ଫଏଲ୍ ବର୍ଗରେ ମଧ୍ୟ ମାଳତୀ ନିଜର ଦକ୍ଷତାର ପରିଚୟ ଦେଇଥିଲେ । ସେ ଏହି ବର୍ଗରେ ମଧ୍ୟ ୪ଟି ପୁଲ୍ ମ୍ୟାଚ୍ ଖେଳି ସର୍ବାଧିକ ବିଜୟ ହାସଲ କରି ସିଧାସଳଖ ସେମିଫାଇନାଲ୍‌କୁ ଯାଇଥିଲେ । ସେମିଫାଇନାଲରେ ମାଳତୀ ନାଇଜେରିଆର । ଫାଇନାଲରେ ପୁଣିଥରେ ଭାରତୀୟ ଫେନ୍ସର ରେଖାଙ୍କ ସହ ମୁକାବିଲା ହୋଇଥିଲା । ମାଳତୀ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖି ୧୫–୧୨ରେ ରେଖାଙ୍କୁ ପରାସ୍ତ କରି ମହିଳା କାଟେଗୋରୀ-ଏ ଫଏଲ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ।




ଏହିପରି ଭାବେ ମାଳତୀ ପାନାଉରେ ଏପି ଓ ଫଏଲ୍—ଦୁଇଟି ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଚାମ୍ପିଅନସିପରେ ଏକ ଚମତ୍କାର ଡବଲ୍ ଗୋଲ୍ଡ ସଫଳତା ହାସଲ କରିଛନ୍ତି ।

ମାଳତୀ ପାନାଉରେଙ୍କ ଏହି ଅସାଧାରଣ ସଫଳତା ପରେ ତାଙ୍କ ପାଇଁ ପିସିଆଇ ପକ୍ଷରୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି । ତାଙ୍କର ଏହି ଐତିହାସିକ ସଫଳତା ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ଓ ଭାରତର ନାମକୁ ଉଜ୍ଜ୍ୱଳ କରିଛି । ମାଳତୀଙ୍କ ଏହି ସଫଳତା ଓଡ଼ିଶାର ପାରା କ୍ରୀଡ଼ା ଜଗତ ପାଇଁ ଏକ ଗର୍ବର ମୁହୂର୍ତ୍ତ ହେବା ସହ ଅନେକ ଉଦୀୟମାନ ପାରା କ୍ରୀଡ଼ାବିତଙ୍କ ପାଇଁ ପ୍ରେରଣା ପାଲଟିଛି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି